ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ
Approved by DAVP Govt. of India

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909

Email : nishkarsha.media@gmail.com
Email for Advt. : nishkarsha.advt@gmail.com

www.nishkarsha.com
www.nishkarsha.in

NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 33 ♦ CUTTACK ♦ WEEKLY ♦ 17 TO 23 - AUGUST 2026 ♦ 8 PAGE ♦ RATE- 5/- ■ ବର୍ଷ - ୦୭ ♦ ସଂଖ୍ୟା -୩୩ ♦ କଟକ ♦ ସାପ୍ତାହିକ ♦ ୧୭ ରୁ ୨୩ -ଅଗଷ୍ଟ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

### ୮୦ତମ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ

## ‘ବିକଶିତ ଭାରତ’ ଦିଗରେ ନୂଆ ଉଚ୍ଚତା ଛୁଇଁବାକୁ ମୋଦୀଙ୍କ ଆହ୍ୱାନ



**ନୂଆଦିଲ୍ଲୀ(ଏଜେନ୍ସି) :** ଲାଲକିଲ୍ଲା ଉପରୁ ନିଜର ୮୦ତମ ସ୍ୱାଧୀନତା ଦିବସ ଅଭିଭାଷଣରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ସୁଦ୍ଧା ‘ବିକଶିତ ଭାରତ’ ଗଠନର ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଏକ ଦୃଢ଼ ଆହ୍ୱାନ ଦେଇଛନ୍ତି । ଦେଶର କାର୍ଯ୍ୟସଂସ୍କୃତି, ଚିନ୍ତାଧାରା ଏବଂ ଲକ୍ଷ୍ୟର ପରିସରରେ ପରିବର୍ତ୍ତନ ଆଣିବାକୁ ଆହ୍ୱାନ ଦେଇ ପ୍ରଧାନମନ୍ତ୍ରୀ ନାଗରିକ, ସରକାର, ଉଦ୍ୟୋଗ ଜଗତ, କୃଷକ, ଯୁବବର୍ଗ ଏବଂ ସମାଜର ଅନ୍ୟାନ୍ୟ ବର୍ଗର ମିଳିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ପ୍ରଧାନମନ୍ତ୍ରୀ ସଂସ୍କାରର ଗତିକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଥିଲେ । ସେ କହିଥିଲେ ଯେ, ଭାରତ ପାଇଁ ସଂସ୍କାର କୌଣସି ବାଧ୍ୟବାଧକତା କିମ୍ବା ଚର୍ଚ୍ଚିତ ଶବ୍ଦ ନୁହେଁ, ବରଂ ଏକ ଦୃଢ଼ ବିଶ୍ୱାସର ପ୍ରସଙ୍ଗ । ସରକାର, ସମାଜ, ଉଦ୍ୟୋଗ, ଉତ୍ପାଦକ ଏବଂ କୃଷକ ସମସ୍ତଙ୍କୁ ପାରମ୍ପରିକ ବ୍ୟବସ୍ଥା, ଚିନ୍ତାଧାରା ଏବଂ ଲକ୍ଷ୍ୟରେ ସଂସ୍କାର ଆଣିବାକୁ ପଡିବ । ପ୍ରଧାନମନ୍ତ୍ରୀ କେନ୍ଦ୍ର, ରାଜ୍ୟ ଏବଂ ଶିଳ୍ପକୁ ଏକାଠି ଆଗକୁ ବଢ଼ିବା ଏବଂ ୨୦୪୭ ର ଆକାଂକ୍ଷା ଅନୁଯାୟୀ ବ୍ୟବସ୍ଥା, ନୀତି ଏବଂ ନିୟମ ଗଠନ କରି ନିରନ୍ତର ସଂସ୍କାରକୁ ଆଗକୁ ନେବାକୁ ଆହ୍ୱାନ କରିଥିଲେ । ପ୍ରଧାନମନ୍ତ୍ରୀ ଲାଲକିଲ୍ଲାରୁ ଭାରତକୁ ନୂତନ ଉଚ୍ଚତାରେ ପହଞ୍ଚାଇବା ଏବଂ ଆଗାମୀ ପାଞ୍ଚ ରୁ ସାତ ବର୍ଷ ମଧ୍ୟରେ ଦେଶକୁ ନୂତନ ଗତି ଦେବା ପାଇଁ ଶକ୍ତିର ସାତ ଧାରା, ‘ସପ୍ତ ଧାରା’ ପାଇଁ ଆହ୍ୱାନ ଦେଇଥିଲେ । ଏହି ସାତ ଧାରା ମଧ୍ୟରେ ରହିଛି ଉତ୍ପାଦନ ଶକ୍ତି ଭାରତକୁ ଉପାଦାନ ଏବଂ ଡିଜାଇନ୍ ଠାରୁ ଆରମ୍ଭ କରି ସମ୍ପୂର୍ଣ୍ଣ ଉତ୍ପାଦ ପ୍ରସ୍ତୁତି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମୂଲ୍ୟ ଶୃଙ୍ଖଳ ବିକଶିତ କରିବାକୁ ପଡିବ ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳର ଏକ ବିଶ୍ୱାସଯୋଗ୍ୟ କେନ୍ଦ୍ର ହେବାକୁ ପଡିବ । ପ୍ରଧାନମନ୍ତ୍ରୀ ମୂଲ୍ୟ, ଗୁଣବତ୍ତା ଏବଂ ପରିମାଣ, ପ୍ରତିଯୋଗିତାମୂଳକ କାରଖାନା, ବ୍ୟବହାର ଉପଯୋଗୀ ଉତ୍ପାଦ, ଆକର୍ଷଣୀୟ ପ୍ୟାକେଜିଂ ଏବଂ ଶୂନ୍ୟ-ତ୍ରୁଟି ସହିତ ସଠିକ୍ ଉତ୍ପାଦନ ଉପରେ ଗୁରୁତ୍ୱାରୋପ କରିଥିଲେ । ଗୁଣବତ୍ତା ସହିତ କୌଣସି ସାଲିସ ନକରିବାକୁ ଆହ୍ୱାନ ଦେଇ ସେ କହିଥିଲେ, ‘ଗୁଣବତ୍ତା’ ଭାରତୀୟ ଉତ୍ପାଦନର ମନ୍ତ୍ର ହେବା ଉଚିତ୍ । ସେହିଭଳି ପ୍ରଧାନମନ୍ତ୍ରୀ କୃଷି କ୍ଷେତ୍ରରୁ ଆଗକୁ ବଢ଼ି ରପ୍ତାନି ବଜାରରେ ପହଞ୍ଚିବା ଏବଂ ଭାରତର ପାରମ୍ପରିକ ଖାଦ୍ୟ ଉତ୍ପାଦ, ବାଜରା, ମସଲା, ଫଳ ଏବଂ ଫୁଲକୁ ବିଶ୍ୱ ବ୍ରାଣ୍ଡରେ ପରିଣତ କରିବାକୁ ଆହ୍ୱାନ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ହନି ଟ୍ରାପ୍‌ରେ ପଡି ପାକିସ୍ତାନକୁ ଦେଉଥିଲେ ଗୁଇନ୍ଦା ସୂଚନା

## ଗିରଫ ହେଲେ ବାୟୁସେନା ୱିଙ୍ଗ କମାଣ୍ଡର




**ନୂଆଦିଲ୍ଲୀ (ଏନ୍.ଏମ୍.) :** ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ଭାରତୀୟ ବାୟୁସେନାର ଜଣେ ୱିଙ୍ଗ କମାଣ୍ଡରଙ୍କୁ ପ୍ରତିରକ୍ଷା କାଗଜପତ୍ର ଲିକ୍ କରିବା ଅଭିଯୋଗରେ ଗିରଫ କରିଛି । ପୋଲିସର କହିବା ଅନୁଯାୟୀ, ଜଣେ ମହିଳା ସୋସିଆଲ ମିଡିଆ ମାଧ୍ୟମରେ ଏହି ଅଧିକାରୀଙ୍କୁ ହନିଟ୍ରାପ୍ କରିଥିଲେ ଏବଂ ତାଙ୍କଠାରୁ ସମ୍ବେଦନଶୀଳ ସାମରିକ ସୂଚନା ବାହାର କରିବାକୁ ଚେଷ୍ଟା କରିଥିଲେ । ଏହି ମାମଲାରେ ୱିଙ୍ଗ କମାଣ୍ଡରଙ୍କ ବିରୋଧରେ ସୁରକ୍ଷା ଅଧିନିୟମ ଅର୍ଥାତ ଅଫିସିଆଲ ସିକ୍ରେଟ୍ ଆକ୍ଟ ଅନୁସାରେ ମାମଲା ରୁଜୁ କରାଯାଇଛି । ୱିଙ୍ଗ କମାଣ୍ଡର ଏବେ ନ୍ୟାୟିକ ହେପାଜତରେ ଅଛନ୍ତି । ପୋଲିସକୁ ସନ୍ଦେହ ରହିଛି ୱିଙ୍ଗ କମାଣ୍ଡରର ଏକମାତ୍ର ନୁହେଁ, ବଂର ଏଭଳି ବହୁ ଲୋକ ଏଭଳି ଗୁପ୍ତଚରୀ ଷଡଯନ୍ତ୍ରରେ ସାମିଲ ହୋଇପାରନ୍ତି ।

ହନି ଟ୍ରାପର ହୋଇଥିଲେ ଶିକାର

ମିଳିଥିବା ସୂଚନା ଅନୁସାରେ, ଏୟାର ଫୋର୍ସର ୱିଙ୍ଗ କମାଣ୍ଡରର ନିଜ ବ୍ୟକ୍ତିଗତ ଜୀବନର ଖରାପ ସମୟ ଦେଇ ଗତି କରୁଥିଲେ । ଏହି ସମୟରେ ସୋସିଆଲ ମିଡିଆରେ ତାଙ୍କର ସାକ୍ଷାତ ଜଣେ ମହିଳାଙ୍କ ସହ ହୋଇଥିଲା । ମହିଳା ଏବଂ ୱିଙ୍ଗ କମାଣ୍ଡରଙ୍କ ଭିତରେ ଆଲୋଚନ ଚାଲିଥିଲା ଓ ଭରସାର ଫାଇଦା ଉଠାଇ ମହିଳା ଜଣକ ବହୁ ପ୍ରକାର ପ୍ରତିରକ୍ଷା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ବଲୁଚିସ୍ତାନ ନିଜକୁ ‘ସ୍ୱାଧୀନ’ ଘୋଷଣା କରିବା ପରେ ଛାନିଆ ପାକିସ୍ତାନ : ସାରା ରାଜ୍ୟରେ ଲଗାଇଲା ଲକଡାଉନ୍

**ନୂଆଦିଲ୍ଲୀ (ଏନ୍.ଏମ୍.) :** ପାକିସ୍ତାନର ବଲୁଚିସ୍ତାନ ଯେବେ ନିଜକୁ ସ୍ୱାଧୀନ ହେବାର ତାରିଖ ଘୋଷଣା କରି ସ୍ୱାଧୀନତା ଦିବସ ପାଳନ କଲା, ପାକିସ୍ତାନ ସରକାରଙ୍କ ହୋସ୍ ଉଡ଼ି ଯାଇଛି । ରାଜ୍ୟରେ ସୁରକ୍ଷା ପରିସ୍ଥିତି ଖୁବ୍ ବିଗିଡି ଯାଇଛି, ପୂରା ପ୍ରଦେଶରେ ସାମରିକ ଅଭିଯାନ, ଉଗ୍ରବାଦୀ ଆକ୍ରମଣ, ସାଧାରଣ ଲୋକଙ୍କ ମୃତାହତ ହେବାର ଦାବି ଏବଂ ବ୍ୟାପକ ସ୍ତରରେ ବିରୋଧ ପ୍ରଦର୍ଶନ ଜାରି ରହିଛି । ସ୍ଥାନୀୟ ଲୋକେ ପ୍ରାକୃତିକ ସମ୍ପଦର ଅସମାନ ବଣ୍ଟନ, ଲୋକଙ୍କ ନିଖୋଜ ହେବା ଏବଂ ସେନାର ଅତ୍ୟାଚାର ଯୋଗୁଁ ଦୀର୍ଘ ଦିନରୁ ଅସନ୍ତୁଷ୍ଟ ଥିଲେ । ଏବେ ଏହି ଅସନ୍ତୋଷ ଆହୁରି ତୀବ୍ର ରୂପ ନେଇଛି । ସେମାନେ ନିଜକୁ ପାକିସ୍ତାନର ଅଂଶ ବୋଲି ମାନିବାକୁ ମନା କରି ଦେଇଛନ୍ତି ଏବଂ ନିଜକୁ ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ମନେକରିଛନ୍ତି । ଏଥିରେ କ୍ରୋଧିତ ହୋଇ ପାକିସ୍ତାନୀ ଶାସକଙ୍କ ମୁଣ୍ଡରେ ଏବେ ଅତ୍ୟାଚାର ଭୂତ ସବାର ହୋଇଛି । ଗୋଟେ ପଟେ ସାଧାରଣ ଲୋକଙ୍କ ଉପରେ ସେନା ଜେ-୧୭ ଯୁଦ୍ଧବିମାନରୁ ବୋମା ବର୍ଷା କରି ଥିବା ବେଳେ, ଅନ୍ୟପଟେ ଖୁଜଦାର ସହରରେ ଲକଡାଉନ୍ ଘୋଷଣା କରାଯାଇଛି । ପୁଲିସ ଆଗାମୀ ଆଦେଶ ପର୍ଯ୍ୟନ୍ତ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରିଛି । ଜରୁରୀ କାମ ନଥିଲେ ଲୋକଙ୍କୁ ଘରୁ ବାହାରିବାକୁ ବାରଣ କରାଯାଇଛି ଏବଂ ନିୟମ ଭଙ୍ଗ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ଚେତାବନୀ ଦେଇଛି । ଏହି ଲକଡାଉନ୍ ଯୋଗୁଁ ସାଧାରଣ ଲୋକଙ୍କ ଦୈନିକ ଜୀବନଯାତ୍ରା ଠପ୍ ହୋଇ ଯାଇଛି । ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଛି, ଯାତାୟାତ ସୁବିଧା ବନ୍ଦ ହୋଇ ଯାଇଛି, ଫଳରେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ୧୦, ୨୦ ଟଙ୍କିଆ ପ୍ଲାଷ୍ଟିକ ନୋଟକୁ ମଞ୍ଜୁରି, ଆସିବ ୧୦୦ କୋଟି ନୋଟ୍




**ନୂଆଦିଲ୍ଲୀ (ଏନ୍.ଏମ୍.) :** ପ୍ଲାଷ୍ଟିକ ନୋଟକୁ ମିଳିଲା ମଞ୍ଜୁରି । କେନ୍ଦ୍ର ସରକାର ୧୦ ଓ ୨୦ ଟଙ୍କିଆ ପ୍ଲାଷ୍ଟିକ ନୋଟ୍ର ଫିଲ୍ଡ ଟ୍ରାଏଲ ବା କ୍ଷେତ୍ରୀୟ ପରୀକ୍ଷଣକୁ ମଞ୍ଜୁରି ପ୍ରଦାନ କରିଛନ୍ତି । ଉଭୟ ବର୍ଗରେ ୧୦୦ କୋଟି ଲେଖାଏଁ ପ୍ଲାଷ୍ଟିକ ନୋଟ ଜାରି କରାଯିବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରାଜ୍ୟସଭାରେ ଏ ନେଇ ଲିଖିତ ଉତ୍ତର ରଖିଛନ୍ତି । ଏହି ନୋଟ୍ ଗୁଡିକର ଫିଲ୍ଡ ଟ୍ରାଏଲ ନେଇ ରିଜର୍ଭ ବ୍ୟାଙ୍କ ପ୍ରସ୍ତାବ ଦେଇଥିଲା । ପରୀକ୍ଷଣ ସଫଳ ହେବା ପରେ ଉଭୟ ନୋଟ୍ ଗୁଡିକୁ ନିୟମିତ ଭାବେ ଜାରି କରାଯିବ । ଅର୍ଥମନ୍ତ୍ରୀ କହିଛନ୍ତି ଯେ, ସରକାର ଏହି ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି । ଆରବିଆଇ ମୁତାବକ, ପ୍ଲାଷ୍ଟିକ ନୋଟ୍ ଗୁଡିକୁ ଏବେ କାଗଜ ନୋଟ୍ ସହ ଜାରି କରାଯିବ । ଦେଶର ମୁଦ୍ରା ପରିଚାଳନା କ୍ଷେତ୍ରରେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି । ତେବେ ବର୍ତ୍ତମାନ ଏହାକୁ ସାରା ଦେଶରେ ଲାଗୁ କରାଯିବ ନାହିଁ । ସେହିଭଳି କେବେ ଠାରୁ ଏହା ବଜାରକୁ ଆସିବ ସେ ନେଇ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା ହୋଇନାହିଁ । ଏ ନେଇ ପ୍ରୋକ୍ୟୋରମେଣ୍ଟ କାର୍ଯ୍ୟକ୍ରମ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି ।

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ନାଟୋ ଏବଂ ୟୁରୋପିଆନ୍ ୟୁନିଅନକୁ ଭିତରୁ ଦୁର୍ବଳ କରିବାକୁ ଚାହୁଁଛି ରୁଷ

### କ’ଣ ରହିଛି ପୁଟିନ୍‌ଙ୍କ ନୂଆ ଷ୍ଟ୍ରାଟେଜି



**ମସ୍କୋ (ଏଜେନ୍ସି) :** ନାଟୋ ଏବଂ ୟୁରୋପୀୟ ୟୁନିଅନ୍‌କୁ ଭିତରୁ ଦୁର୍ବଳ କରିବା ପାଇଁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ନେତୃତ୍ୱରେ ଏକ ବଡ଼ ରଣନୀତି ପ୍ରସ୍ତୁତ ହୋଇଥିବା ଦାବି କରାଯାଇଛି । ‘ଦ ନ୍ୟୁୟର୍କ ଟାଇମ୍ସ’ର ଏକ ରିପୋର୍ଟ ଅନୁସାରେ, ଡିସେମ୍ବର ୨୦୨୫ ରେ କ୍ରେମଲିନ୍ରେ ହୋଇଥିବା ଏକ ଗୁପ୍ତ ବୈଠକରେ ଏହି ରଣନୀତି ନେଇ ଆଲୋଚନା ହୋଇଥିଲା । ରିପୋର୍ଟରେ ଦୁଇଟି ଦେଶର ଗୁପ୍ତଚର ଅଧିକାରୀଙ୍କ ସୂଚନାକୁ ଆଧାର କରାଯାଇଥିବା ଦାବି କରାଯାଇଛି । ପଶ୍ଚିମୀ ଗୁପ୍ତଚର ଅଧିକାରୀଙ୍କ ମତରେ, ନାଟୋ ସହ ସିଧାସଳଖ ଯୁଦ୍ଧକୁ ଏଡ଼ାଇ ୟୁରୋପରେ ଅସ୍ଥିରତା ସୃଷ୍ଟି କରିବା ରୁଷର ଲକ୍ଷ୍ୟ ହୋଇପାରେ ।

ରିପୋର୍ଟ ଅନୁସାରେ, ୟୁକ୍ରେନ୍ ଦଖଲ କରିବା ରୁଷର ବଡ଼ ଲକ୍ଷ୍ୟ ହୋଇଥିବା ବେଳେ ‘ମୋଲଡୋଭା’ ଉପରେ ନିୟନ୍ତ୍ରଣ ହାସଲ କରିବା ଦ୍ୱିତୀୟ ପ୍ରାଥମିକତା ବୋଲି ପଶ୍ଚିମୀ ଅଧିକାରୀମାନେ ଦାବି କରିଛନ୍ତି । ଦକ୍ଷିଣ ୟୁକ୍ରେନର କିଛି ଅଞ୍ଚଳ ଦଖଲ କରି ରୁଷ ନିଜ ନିୟନ୍ତ୍ରଣରେ ଥିବା ଅଞ୍ଚଳରୁ ‘ମୋଲଡୋଭା’ ପର୍ଯ୍ୟନ୍ତ ସିଧାସଳଖ ସ୍ଥଳପଥ ତିଆରି କରିବାକୁ ଚାହୁଁଥିବା ରିପୋର୍ଟରେ ଦାବି ହୋଇଛି । ପ୍ରାୟ ୨୪ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ମୋଲଡ୍ଭୋଭା ୟୁକ୍ରେନ୍ ଏବଂ ନାଟୋ ସଦସ୍ୟ ରୋମାନିଆ ମଧ୍ୟରେ ଅବସ୍ଥିତ । ଏହା ସହ ‘ମୋଲଡୋଭା’ର ବିଚ୍ଛିନ୍ନତାବାଦୀ ଅଞ୍ଚଳ ଟ୍ରାନ୍ସନିଷ୍ଟ୍ରିଆରେ ରୁଷ ସୈନ୍ୟ ଦୀର୍ଘ ବର୍ଷ ଧରି ମୁତୟନ ଅଛନ୍ତି । ଏହା ରୁଷକୁ ମୋଲଡୋଭାର ରାଜଧାନୀ କିଶିନାଉ ନିକଟରେ ସାମରିକ ଉପସ୍ଥିତି ଦେଇଛି । ଏହାକୁ ନେଇ ଚିନ୍ତା କେବଳ ଭବିଷ୍ୟତର ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନରେ ସୀମିତ ନୁହେଁ । ନିକଟରେ ଘଟିଥିବା ଘଟଣାଗୁଡ଼ିକ ମଧ୍ୟ ଦେଶର ଦୁର୍ବଳତାକୁ ସାମ୍ନାକୁ ଆଣିଛି । ମାର୍ଚ୍ଚରେ ୟୁକ୍ରେନର ଏକ ହାଇଡ୍ରୋଇଲେକ୍ଟ୍ରିକ୍ ପ୍ଲାଣ୍ଟ ଉପରେ ରୁଷ ଆକ୍ରମଣ ପରେ ଡିନିଷ୍ଟର ନଦୀରେ ତେଲ ପ୍ରବାହିତ ହୋଇଥିଲା । ଏହାର ପ୍ରଭାବରେ ମୋଲଡ୍ଭୋଭାର ତୃତୀୟ ବୃହତ୍ତମ ସହରର ଜଳ ଯୋଗାଣ ପ୍ରଭାବିତ ହୋଇଥିବା ଦାବି କରାଯାଇଛି । ଏହାପରେ ପଶ୍ଚିମ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପଦକ ପ୍ରଦାନ ଉତ୍ସବ-୨୦୨୬ : ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅଧିକାରୀ ଓ କର୍ମଚାରୀ ସମ୍ମାନିତ




**ଭୁବନେଶ୍ୱର(ଏନ୍.ଏମ୍.) :** ରାଜ୍ୟସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ-୨୦୨୬ ଅବସରରେ ରାଜ୍ୟ ଆରକ୍ଷୀ, ଅଗ୍ନିଶମ, ଗୃହରକ୍ଷୀ, ବେସାମରିକ ପ୍ରତିରକ୍ଷା ଏବଂ କାରାଗାର ସଂସ୍ଥାରେ ଉଲ୍ଲେଖନୀୟ ଓ ନିଷ୍ଠାପର ସେବା ପ୍ରଦାନ କରିଥିବା କୃତୀ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ମାନିତ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ପଦକ ପ୍ରଦାନ ଉତ୍ସବ ଆୟୋଜିତ ହୋଇଯାଇଛି । ଏହି ଗୌରବମୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପୋଲିସ, ଅଗ୍ନିଶମ ଓ କାରାଗାର କର୍ମଚାରୀମାନଙ୍କୁ ସେମାନଙ୍କର ଅପ୍ରତିମ ସାହସିକତା, କର୍ତ୍ତବ୍ୟନିଷ୍ଠା ଓ ପ୍ରଶଂସନୀୟ ସେବା ପାଇଁ ପଦକ ଏବଂ ଅର୍ଥ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ । ରାଜ୍ୟର ସୁରକ୍ଷା, ଜନସାଧାରଣଙ୍କ ସେବା ଏବଂ ବିପର୍ଯ୍ୟୟ ସମୟରେ ନିରନ୍ତର ନିଷ୍ଠାର ସହ କାର୍ଯ୍ୟ କରୁଥିବା ଏହି ଅଧିକାରୀ ଓ କର୍ମଚାରୀଙ୍କ ଅବଦାନକୁ ଉତ୍ସବରେ ପ୍ରଶଂସା କରାଯାଇଥିଲା । ଏପରି ସମ୍ମାନ ସେମାନଙ୍କର କର୍ତ୍ତବ୍ୟ ପ୍ରତି ନିଷ୍ଠାକୁ ଆହୁରି ଦୃଢ଼ କରିବା ସହ ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ପ୍ରେରଣା ଯୋଗାଇବ ବୋଲି ଆଶା ପ୍ରକାଶ ପାଇଛି । ସାହସିକତା ପଦକ (ପୁଲିସ ସେବା) କ୍ଷେତ୍ରରେ ଡିଏସପି ଅତୁଲ କୃଷ୍ଣ ଦାସ, ଏଏସଆଇ ପୂର୍ଣ୍ଣ ଚନ୍ଦ୍ର ପଧାନ, କନଷ୍ଟେବଳ ଘନଶ୍ୟାମ ସାହୁ ଏବଂ କନଷ୍ଟେବଳ ଥବିର ମାଝୀଙ୍କୁ ପୋଲିସ ସେବା ପାଇଁ ସାହସିକତା ପଦକ ପ୍ରଦାନ କରାଯାଇଛି । ବିଶିଷ୍ଟ ସେବା ନିମନ୍ତେ ରାଷ୍ଟ୍ରପତି ପଦକ (ପୁଲିସ ସେବା) କ୍ଷେତ୍ରରେ ପ୍ରତୀକ ମହାନ୍ତି(ଆଇପିଏସ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ) ଏବଂ ପ୍ରଫୁଲ୍ଲ କୁମାର ସିଂ (ଡିସିପି, ଆର୍ମଡ ଓଏସଏପି ୭ମ ବାଟାଲିୟନ) ବିଶିଷ୍ଟ ସେବା ନିମନ୍ତେ ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଛି । ପ୍ରଶଂସନୀୟ ସେବା ପଦକ କ୍ଷେତ୍ରରେ ଡକ୍ଟର ସାର୍ଥକ ଷଡ଼ଙ୍ଗୀ(ଆଇପିଏସ), ଶ୍ରୀପ୍ରସାଦ ତମାଙ୍ଗ, ଦୁର୍ଗପତି, ଓ.ଏସ.ଏ.ପି. ୨ୟ ବାଟାଲିୟନ୍, ଝାରସୁଗୁଡ଼ା, ଅଶୋକ କୁମାର ମହାନ୍ତି, ଦୁର୍ଗପତି, ଓ.ଏସ.ଏ.ପି. ୩ୟ ବାଟାଲିୟନ୍, ଗଜପତି, ଶୁଭନାରାୟଣ ମୁଦୁଲି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, କଟକ, ପ୍ରଣୀତା କୁମାରୀ ରାୟ, ଡିଏସପି, ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ, କଟକ, ପ୍ରଦୀପ କୁମାର ଆଇନ୍ଦ, ଡିଏସପି, ଦୁର୍ନୀତି ନିବାରଣ, କୋରାପୁଟ ଡିଭିଜନ, ଲକ୍ଷ୍ମୀ ନାରାୟଣ ମୁଦୁଲି, ଆରକ୍ଷୀ ନିରୀକ୍ଷକ, ଏସ.ଆଇ.ଡବ୍ଲୁ, ଭୁବନେଶ୍ୱର, ଅରୁଣ କୁମାର ନାୟକ, ଆରକ୍ଷୀ ନିରୀକ୍ଷକ, ଏସଟିଏଫ, ଭୁବନେଶ୍ୱର, ମହମ୍ମଦ ହାଫିଜ, ଆରକ୍ଷୀ ନିରୀକ୍ଷକ, ଭଦ୍ରକ, ନିଗମାନନ୍ଦ ମହାପାତ୍ର, ଏଏସଆଇ, କଟକ ଏବଂ ଲତା ନାଏକ, ଏପିଆର ହାବିଲଦାର, ବଲାଙ୍ଗୀରଙ୍କୁ ପ୍ରଶଂସନୀୟ ସେବା ପଦକ ମିଳିଛି । ଅଗ୍ନିଶମ ସେବା କ୍ଷେତ୍ରରେ ବିଶିଷ୍ଟ ସେବା ପାଇଁ ଅର୍ଜୁନ ବେହେରା (ପୁରୀ ଜଗନ୍ନାଥ ମନ୍ଦିର ଫାୟାର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଡଃ ସୁନାକର ପାଇବେ ଗ୍ରେଟ୍ ଇଣ୍ଡିଆନ ପାର୍ଲିଆମେଣ୍ଟ ଆୱାର୍ଡ ୨୦୨୬



**ଜଗତସିଂହପୁର (ଏନ୍.ଏମ୍.) :** ଜଗତସିଂହପୁର ଜିଲ୍ଲାର ଜଣାଶୁଣା ସମାଜସେବୀ ତଥା ଆଡ଼ଭୋକେଟ ଡକ୍ଟର ସୁନାକର ବେହେରା ଙ୍କୁ ଗ୍ରେଟ ଇଣ୍ଡିଆନ ପାର୍ଲିଆମେଣ୍ଟ ଆୱାର୍ଡ ୨୦୨୬ ପ୍ରଦାନ ପାଇଁ ନୂଆ ଦିଲ୍ଲୀ କୁ ନିମନ୍ତ୍ରିତ ହୋଇଅଛି । ଆସନ୍ତା ୧୪/୦୮/୨୦୨୬ ନ୍ୟାସନାଲ ୟୁଥ ଡେ ଓ ଇଣ୍ଡିପେଣ୍ଡେଣ୍ଟ ଡେ ପାଳନ ଅବସରରେ ଇଣ୍ଟରନ୍ୟାସନାଲ ହ୍ୟୁମାନରାଇଟ୍ସ ଆମ୍ବାସଡର ଅର୍ଗାନାଇଜେସନ ଓ ଭାରତ ସରକାର ଙ୍କ ଦ୍ୱାରା ଆୟୋଜିତ ଗ୍ରେଟ ଇଣ୍ଡିଆନ ପାର୍ଲିଆମେଣ୍ଟ ଆୱାର୍ଡ ସମ୍ମିଳନୀ ନିୟୁ ଦିଲ୍ଲୀର କନଷ୍ଟିଚ୍ୟୁସନ କ୍ଲବ ସଭାଗୃହରେ ଅନୁଷ୍ଠିତ ହେଉଅଛି । ଉକ୍ତ ସମ୍ମିଳନୀ ରେ ଭାରତର ବିଭିନ୍ନ ରାଜ୍ୟର ସଚେତନଶୀଳ ନାଗରିକ, ସାମାଜିକ କର୍ମି, ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ‘ଗ୍ରେଟ ଇଣ୍ଡିଆନ ପାର୍ଲିଆମେଣ୍ଟ ଆୱାର୍ଡ’ ପ୍ରଦାନ ପାଇଁ ନିମନ୍ତ୍ରିତ କରାଯାଇଛି । ଓଡ଼ିଶାର ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମି ଡ଼ଃ ସୁନାକର ବେହେରା ଙ୍କ ଦ୍ୱାରା ସମାଜରେ ବିଭିନ୍ନ ସାମାଜିକ ସଂସ୍କାର ମୂଳକ କାର୍ଯ୍ୟ ପାଇଁ ପୂର୍ବରୁ ଜାତୀୟ ଓ ରାଜ୍ୟ ସ୍ତରରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇ ମାନପତ୍ର ଓ ସାର୍ଟିଫିକେଟ ପ୍ରଦାନ କରାଯାଇଛି । ଡ଼ଃ ବେହେରା ଏକାଧାରାରେ ଜଣେ ସାମ୍ବାଦିକ, ଆଇନଜୀବୀ, ଆଧ୍ୟାତ୍ମିକ ବାଦୀ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଓ ସାମାଜିକ କର୍ମି ଅଟନ୍ତି । ବେହେରାଙ୍କ ସଫଳତା ପାଇଁ ଜଗତସିଂହପୁର ଜିଲ୍ଲା ସହିତ ସାରା ଓଡିଶା ଆଜି ଗର୍ବିତ । ରାଷ୍ଟ୍ର ଗଠନରେ ଜଣେ ସଚେତନ ଶିଳ ନାଗରିକ ଭାବେ ରାଷ୍ଟ୍ର ହିତରେ ନିଜକୁ ସମର୍ପଣ କରି ନିଜର କର୍ତ୍ତବ୍ୟ ସମ୍ପାଦନ ସହିତ ଶ୍ରୀ ଜଗନ୍ନାଥ ସଂସ୍କୃତି ର ପ୍ରଚାର ପ୍ରସାର ପାଇଁ ଜଗତସିଂହପୁର ଜିଲ୍ଲା ର ରାହାମା ଠାରେ ଆନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ ଅନୁଷ୍ଠିତ କରି ସଂସ୍କୃତି ସାରଥୀ ଭାବେ ନିଜକୁ ପରିଚୟ ଦେଇଅଛନ୍ତି । ଜାତୀୟ ସ୍ତରରେ, ରାଜ୍ୟ ଓ ଜିଲ୍ଲାର ବିଭିନ୍ନ ସଂଗଠନ ତରଫରୁ ଶ୍ରୀଯୁକ୍ତ ବେହେରାଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିବା ସହିତ ମାନ୍ୟବର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଶିଳ୍ପ ଦକ୍ଷତା ବିକାଶ ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ, ରାଜ୍ୟ ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ, ଜିଲ୍ଲାପାଳ ଜେ ସୋନାଲ, ପୁରୀ ଶ୍ରୀମନ୍ଦିର ଛାତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ରାଷ୍ଟ୍ରୀୟ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ, ଜାତୀୟ କଂଜୁମର ଓଏଲଫେୟାର କାଉନସିଲ କମିଟି ଅଧ୍ୟକ୍ଷ ଭୂପି ସିଂହ, ସି.ସି.ଆଇ ର ଜାତୀୟ ଅଧ୍ୟକ୍ଷ ଡ଼ଃ ଅନନ୍ତ ନାରାୟଣ ଶର୍ମା, ନ୍ୟାସନନାଲ ମାଗାଜିନ ଉଦୟ ଇଣ୍ଡିଆ ର ମୁଖ୍ୟ ସମ୍ପାଦକ ଦୀପକ କୁମାର ରଥ, ଜଗତସିଂହପୁର ବାର କାଉନସିଲ ସଭାପତି, କୁଜଙ୍ଗ ବାର କାଉନସିଲ ସଭାପତି, ପ୍ରଫେସର ପ୍ରଶାନ୍ତ କାନୁନଗୋ, ଇଣ୍ଟେଲେକ ଚୁଆଲ ଫୋରମ ରାହାମା ର ଅଧ୍ୟକ୍ଷ ଅକ୍ଷୟ କୁମାର ସାହୁ, ୱାଲେଟ ଫର ଓଏଲଥ ର ପରିଚାଳନା ନିର୍ଦ୍ଦେଶକ ତ୍ରିନାଥ ଲେଙ୍କା, ଅଧ୍ୟାପକ ଜେନାମଣି ବିନୋଦ ରାଏ, ବ୍ରହ୍ମ ଜଗନ୍ନାଥ ମିଶନ ର ଅଧ୍ୟକ୍ଷ କ୍ୟାପଟେନ ସଂଜିବ କୁମାର ମୁଦୁଲି, ଭକ୍ତି ବେଦାନ୍ତ ଆଶ୍ରମ ର ପ୍ରତିଷ୍ଠାତା ବାବା ବନମାଳୀ ଦାସ ମହାରାଜ, ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ପ୍ରମୋଦ କୁମାର ରଥ, ଅମ୍ବର ଗ୍ରୁପର ସତ୍ୱାଧୀକାରୀ ମାଣିକ ଚାନ୍ଦ ମାହେଶ୍ୱରୀ, ଦଧୀଚି ଶିକ୍ଷାନୁଷ୍ଠାନ ର ପ୍ରତିଷ୍ଠାତା ମନୋଜ କୁମାର ଦାଶ, ଫାଲକୋନ ଗ୍ରୁପ ଅଧ୍ୟକ୍ଷ ତାରା ରଞ୍ଜନ ପଟ୍ଟନାୟକ, କୁବେର ଅପ୍ଲିକାଲ ପ୍ରତିଷ୍ଠାତା ବିଜୟ କୁମାର ବିଶ୍ୱାଳ, ଅନ୍ତର୍ଜାତୀୟ ଗୀତା ମିଶନ ଅଧ୍ୟକ୍ଷ ସ୍ୱାମୀ ଚିଦାନନ୍ଦ, ଆନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ ସଭାପତି ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ଜଗନ୍ନାଥ ସଂସ୍କୃତି ଗବେଷକ ଧୃତିଧର ଦାସ, ସମାଜ ସଂସ୍କାରକ ଜୋତିର୍ବିଦ ଡ଼ଃ ଅରୁଣ କୁମାର ପାଣି, ଓଡିଶା ସାମ୍ବାଦିକ ସଂଘ ର ରାଜ୍ୟ ସଭାପତି ଶଶିଭୂଷଣ ପ୍ରହରାଜ, ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ମୈତ୍ରୀ ଗ୍ରୁପ ର ଅଧ୍ୟକ୍ଷ ରବିନାରାୟଣ ସାହୁ, ସାରଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ର.ଅରୁଣ କୁମାର ପଣ୍ଡା, ପିଏମ ଶ୍ରୀ ଜବାହାର ନବୋଦୟ ଅଧ୍ୟକ୍ଷ ଶ୍ରୀକୃଷ୍ଣ ମହାପାତ୍ର ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ପ୍ରଦାନ କରିଛନ୍ତି ।

### ସାଂସଦ ଦିଲ୍ଲୀପ ରାୟଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀଙ୍କ ସୂଚନା, ଦେଶରେ ବଢୁଛି ମଧୁମେହ, ମୋଟାପଣ ଓ ହାଇପର ଟେନ୍‌ସନ୍

**ନୂଆଦିଲ୍ଲୀ (ଏଜେନ୍ସି) :** ଭାରତରେ ମଧୁମେହ, ମୋଟାପଣ ଓ ଅତ୍ୟାଧିକ ମାନସିକ ଚାପ ବୃଦ୍ଧି ପାଇବାରେ ଲାଗିଛି । ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଏହି ସମସ୍ୟା ଅଧିକ । ରାଜ୍ୟସଭାରେ ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ଏହି ତଥ୍ୟ ପ୍ରଦାନ କରିଛନ୍ତି । ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଯେ ଏ ସଂକ୍ରାନ୍ତରେ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର) ପକ୍ଷରୁ ଲଗାତାର ଅଧ୍ୟୟନ କରାଯାଇ ନିକଟରେ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି । ଦେଶର ସହରାଞ୍ଚଳର ଅନ୍ୟୁନ ୧୬.୪୦ ପ୍ରତିଶତ ଲୋକ ମଧୁମେହରେ ଆକ୍ରାନ୍ତ ହୋଇଥିବାବେଳେ ଗ୍ରାମାଞ୍ଚଳରେ ଏହି ସଂଖ୍ୟା କିନ୍ତୁ ୮.୯୦ ପ୍ରତିଶତ ରହିଛି । ସେହିପରି ମୋଟାପଣ କ୍ଷେତ୍ରରେ ସାଧାରଣ ବଡି ମାକ୍ସ ଇଣ୍ଡେକ୍ସ ସହରାଞ୍ଚଳରେ ୩୯.୬୦ ପ୍ରତିଶତ ଥିବାବେଳେ ଗ୍ରାମାଞ୍ଚଳରେ ୨୩.୧୦ ପ୍ରତିଶତ ରହିଛି । ଦେଶର ଗ୍ରାମାଞ୍ଚଳରେ ଅନ୍ୟୁନ ୩୩.୫୦ ପ୍ରତିଶତ ଲୋକଙ୍କ ପେଟ ଆବଶ୍ୟକତାଠାରୁ ଅଧିକ ବଡ଼ ଥିବାବେଳେ ସହରାଞ୍ଚଳରେ ୫୧.୬୦ ପ୍ରତିଶତ ଲୋକଙ୍କ କ୍ଷେତ୍ରରେ ଏହି ସମସ୍ୟା ଲାଗି ରହିଛି । ଅତ୍ୟଧିକ ମାନସିକ ଚାପ ବା ହାଇପର ଟେନ୍‌ସନ୍ ମଧ୍ୟ ଆମ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ଦେଶର ସହରାଞ୍ଚଳରେ ୪୦.୭୦ ପ୍ରତିଶତ ଲୋକ ହାଇପର ଟେନ୍‌ସନ୍‌ରେ ଆକ୍ରାନ୍ତ ଥିବାବେଳେ ଗ୍ରାମାଞ୍ଚଳରେ ଏହି ପରିମାଣ ୩୩ ପ୍ରତିଶତରେ ସୀମିତ ରହିଛି । ଏହାଛଡ଼ା କୋଲଷ୍ଟ୍ରୋଲ୍ ? ସମସ୍ୟା ବି ଲାଗି ରହିଛି । ଏଚ୍‌ଡିଏଲ୍ କୋଲଷ୍ଟ୍ରଲ୍ କମ୍ ରହିବା କ୍ଷେତ୍ରରେ ସହରାଞ୍ଚଳରେ ୬୯.୩ ଓ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

'ଶାନ୍ତିପୂର୍ଣ୍ଣ ଜୀବନ ପାଇଁ ଦୁଇଟି ନିୟମ: ବିଫଳତାର ଉଦାସୀନତା କେବେହେଲେ ହୃଦୟକୁ ଯିବା ଅନୁଚିତ; ସଫଳତାର ଅହଙ୍କାର ମସ୍ତିଷ୍କକୁ ଯିବା ଅନୁଚିତ' - ଡ. ଅବଦୁଲ କଲାମ

ସୋମବାର, ୧୭ ରୁ ୨୩ ଅଗଷ୍ଟ, ୨୦୨୬
ନିଷ୍କର୍ଷ
NISHKARSHA



# ଓଲିଉଡ୍‌ରେ ଏଣ୍ଟ୍ରି କରିବେ ବଲିଉଡ୍ ସଞ୍ଜୟ, ଦର୍ଶକ ଦେଖିବେ ୮୦ ଦଶକର ରୋମାନ୍ସ



**ଭୁବନେଶ୍ୱର(ଏନ୍.ଏମ୍.):** ଓଲିଉଡ଼ ଇଣ୍ଡଷ୍ଟ୍ରିରେ ଏବେ କିଭଳି ଭଲ ଚଳଚ୍ଚିତ୍ର ଦର୍ଶକମାନଙ୍କୁ ଦିଆଯାଇ ପାରିବ ସେ ନେଇ ପ୍ରଯୋଜନା ସଂସ୍ଥା ଏକ ରକମର ପ୍ରତି ଯୋଗିତା ଚଳାଇଛନ୍ତି। କାହାକୁ ଚଳଚଚ୍ଚିତ୍ରରେ ସୁଯୋଗ ଦେଲେ ଚଳଚ୍ଚିତ୍ର ଅଧିକ ଲୋକପ୍ରିୟତା ହାସଲ କରିବ ଏବଂ ଭଲ ରୋଜଗାର କରିବ ଏଥିପାଇଁ ଚାଲିଛି ପ୍ରତିଯୋଗିତା। ତେବେ ୮୦ ଦଶକର ରୋମାନ୍ସ ସହ ଓଲିଉଡକୁ ଏଣ୍ଟ୍ରି କରିବେ ବଲିଉଡର ପ୍ରତିଷ୍ଠିତ କଳାକାର ସଞ୍ଜୟ ମିଶ୍ରା। ଯଦିଓ ତାଙ୍କ ପାଇଁ ଓଡ଼ିଶା ନୂଆ ନୁହେଁ, କିନ୍ତୁ ଓଲିଉଡ଼ରେ ପ୍ରବେଶ କରିବା ପ୍ରଥମ ହେବ। ପୂର୍ବରୁ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସିନେ ନିର୍ମାତା ନୀଳମାଧବ ପଣ୍ଡାଙ୍କ 'କଡଓ୍ୱି ହଓ୍ୱା'ରେ ମୁଖ୍ୟ ଚରିତ୍ରରେ ସେ ଅଭିନୟ କରିଥିଲେ। ଏହାର ପ୍ରଚାର, ପ୍ରସାର ପାଇଁ ସେ ଓଡ଼ିଶା ମଧ୍ୟ ଆସିଥିଲେ। ଏବେ କିନ୍ତୁ ସେ ଏକ ଓଡ଼ିଆ ସିନେମାର ଅଭିନୟ କରିବାକୁ ଯାଉଥିବା ସୂଚନା ମିଳିଛି।

ଯଦିଓ ସିନେମାରେ ଶୀର୍ଷକ ଘୋଷଣା ହୋଇନି କିନ୍ତୁ ଦଶହରା ପୂଜା ବଜାରରେ ସିନେମା ଆସିବ ଏବଂ ସେଥିରେ ଦର୍ଶକ ୮୦ ଦଶକର ରୋମାନ୍ସ ପରଦାରେ ଦେଖିବାକୁ ପାଇବେ ବୋଲି ସୂଚନା ମିଳିଛି। ତାଙ୍କ ସହିତ ଓଲିଉଡ୍ର ଲୋକପ୍ରିୟ ଅଭିନେତ୍ରୀ ମହାଶ୍ୱେତା ରାୟ, ଅଭିନେତ୍ରୀ ଭୂମିକା ଦାଶ, ଅଭିନେତା ଆକାଶ ହୋତା, ସନୋଜ କୁମାର ଓ ପ୍ରଜ୍ଞା ମିଶ୍ରଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଅନେକ ହିନ୍ଦୀ ଫିଲ୍ମରେ ସଞ୍ଜୟଙ୍କ ଦମଦାର ଅଭିନୟର ଯାଦୁ ଦେଖିବାକୁ ମିଳିଛି। ଟେଲିଭିଜନରେ ବି କାମ କରିଛନ୍ତି ସଞ୍ଜୟ ମିଶ୍ରା। ବଲିଉଡରେ ସଞ୍ଜୟଙ୍କର ଲମ୍ବା ଫିଲ୍ମ ତାଲିକା ରହିଛି। ୧୯୯୫ରେ 'ଓଃ ଡାର୍ଲିଂ ଏ ହୈ ଇଣ୍ଡିଆ', '୧୯୯୬ରେ ରାଜକୁମାର', ଓ୍ୱଜୁଦ ପରି ପରି ଏକାଧିକ ଫିଲ୍ମରେ ଅଭିନୟ କରିଛନ୍ତି ସଞ୍ଜୟ। ଚଳିତବର୍ଷ ନେଟଫ୍ଲିକ୍ସ ଫିଲ୍ମ 'କର୍ତ୍ତବ୍ୟ', ବେଙ୍ଗଲୀ ଫିଲ୍ମ 'ପେହେରା'ରେ ମଧ୍ୟ କାମ କରିଛନ୍ତି ।

# ବଦଳିଲା 'ଛଠା'ର ରିଲିଜ୍ ତାରିଖ, ଏବେ ପ୍ରଭାସଙ୍କ 'ଫୌଜି' ସହ ହେବ ଟକ୍କର



**ମୁମ୍ବାଇ (ଏଜେନ୍ସି):** ଅଗଷ୍ଟ ମାସକୁ ଚାତକ ପରି ଚାହିଁ ରହିଥିଲେ ସିନେପ୍ରେମୀ। ଏହି ମାସରେ ବକ୍ସ ଅଫିସ୍ରେ ଏକାଧିକ ବଡ଼ ଫିଲ୍ମ ମଧ୍ୟରେ ଜୋରଦାର ଟକ୍କର ହେବାର ଥିଲା। 'ବଟ୍ୱାରା-୧୯୪୭' ଓ 'ଆଓ୍ୱାରାପନ୍-୨' ମଧ୍ୟରେ ଟକ୍କର ନିଶ୍ଚିତ ଥିବା ବେଳେ ମାସ ଶେଷରେ ଯଶଙ୍କ 'ଟକ୍ସିକ୍' ଓ ଶ୍ରଦ୍ଧା କପୁରଙ୍କ 'ଛଠା' ମଧ୍ୟ ଏକସଙ୍ଗେ ପରଦାକୁ ଆସିବାର ଥିଲା। ଆସନ୍ତା ୨୬ ତାରିଖରେ ଥିଏଟରକୁ ଆସିବା ପାଇଁ 'ଟକ୍ସିକ୍' ଜୋରଦାର ପ୍ରସ୍ତୁତି ଚଳାଇଥିବା ବେଳେ, ଏହାର ଦୁଇ ଦିନ ପରେ ଅର୍ଥାତ୍ ଅଗଷ୍ଟ ୨୮ରେ ମୁକ୍ତିଲାଭ କରିଥାନ୍ତା 'ଛଠା'। କିନ୍ତୁ ନିର୍ମାତା ଏବେ ଏହି ରିଲିଜ୍ ତାରିଖକୁ ବାତିଲ କରି ନୂଆ ତାରିଖ ଘୋଷଣା କରିଛନ୍ତି।'ଛଠା' ଏବେ ଅଗଷ୍ଟ ୨୮ ବଦଳରେ ଡିସେମ୍ବର ୪ରେ ରିଲିଜ୍ ହେବ। ଶ୍ରଦ୍ଧା କପୁର ନିଜେ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟ ଜରିଆରେ ଏହି ଖବର ସ୍ପଷ୍ଟ କରିଛନ୍ତି। ଫିଲ୍ମର ନୂଆ ରିଲିଜ୍ ତାରିଖ ଘୋଷଣା କରି ଶ୍ରଦ୍ଧା ଲେଖିଛନ୍ତି, "ଝଡ଼ ପାଇଁ ପ୍ରସ୍ତୁତ ରୁହ, କାରଣ ଡିସେମ୍ବର ୪ରେ 'ଛଠା' ଆସୁଛି।" ତେବେ ରିଲିଜ୍ ତାରିଖ ବଦଳିବା ପରେ 'ଛଠା'ର ଟକ୍କର ଯଶଙ୍କ 'ଟକ୍ସିକ୍' ସହ ନୁହେଁ, ବରଂ ପ୍ରଭାସଙ୍କ ଆଗାମୀ ଫିଲ୍ମ 'ଫୌଜି' ସହ ହେବ। କାରଣ 'ଫୌଜି' ଡିସେମ୍ବର ୩ରେ ମୁକ୍ତିଲାଭ କରିବାକୁ ଯାଉଛି। ଅର୍ଥାତ୍, ଗୋଟିଏ ଦିନ ବ୍ୟବଧାନରେ ଦୁଇଟି ବଡ଼ ଫିଲ୍ମ ପରଦାକୁ ଆସିବ।'ଛଠା'ର ଟିଜର୍‌କୁ ଦର୍ଶକଙ୍କଠାରୁ ଭଲ ପ୍ରତିକ୍ରିୟା ମିଳିଛି। ବିଠାବାଇ ନାରାୟଣଗାଓଁକରଙ୍କ ଭୂମିକାରେ ଶ୍ରଦ୍ଧା କପୁରଙ୍କ ଅଭିନୟକୁ ମଧ୍ୟ ଖୁବ୍ ପ୍ରଶଂସା କରାଯାଇଛି। ଏବେ ପ୍ରଭାସଙ୍କ 'ଫୌଜି'ର ଟିଜର୍ ଓ ଟ୍ରେଲର୍ ଦର୍ଶକଙ୍କ ମନ ଜିତିପାରିଲେ, ତେବେ ବକ୍ସ ଅଫିସ୍ରେ ଶ୍ରଦ୍ଧାଙ୍କ 'ଛଠା' ପାଇଁ ପ୍ରତିଦ୍ୱନ୍ଦ୍ୱିତା ଆହୁରି କଡ଼ା ହୋଇପାରେ।

# ସୁଟିଂ ସମୟରେ ଶେହନାଜଙ୍କ ସହ ଅଘଟଣ, ଭୁଲବଶତଃ ଗିଳିଦେଲେ ନାକଫୁଲ



**ନୂଆଦିଲ୍ଲୀ(ଏଜେନ୍ସି):** ଏକ ପ୍ରୋଜେକ୍ଟର ସୁଟିଂ ସମୟରେ ଅଘଟଣର ଶିକାର ହୋଇଛନ୍ତି ଅଭିନେତ୍ରୀ ଶେହନାଜ ଗିଲ। ସୁଟିଂ ସେଟ୍ରେ ଏକ ସିନ୍ ପାଇଁ ଦୌଡୁଥିବା ସମୟରେ ତାଙ୍କ ନାକଫୁଲ ହଠାତ୍ ଖସି ପାଟି ଭିତରକୁ ଚାଲିଯାଇଥିଲା। ଏହାପରେ ଭୁଲବଶତଃ ସେ ନାକଫୁଲଟିକୁ ଗିଳିଦେଇଥିଲେ। ଶେହନାଜ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏହି ଘଟଣାର ଏକ ଭିଡିଓ ଶେୟାର କରିଛନ୍ତି। ଭିଡିଓରେ ସେ ସୁଟିଂ ସେଟ୍ରେ ଏକ ସିନ୍ ପାଇଁ ଦୌଡୁଥିବା ନଜର ଆସୁଛନ୍ତି। ଏହି ସମୟରେ ତାଙ୍କ ନାକଫୁଲ ହଠାତ୍ ଖସି ପାଟି ଭିତରକୁ ଚାଲିଯାଇଥିଲା। ଘଟଣା ପରେ ଶେହନାଜ ନିଜକୁ ସମ୍ଭାଳିବା ସହ ବାନ୍ତି କରିବାକୁ ମଧ୍ୟ ଚେଷ୍ଟା କରିଥିଲେ। ସ୍ଥିତି ବିଗିଡୁଥିବା ଦେଖି ସେଟ୍ରେ ଉପସ୍ଥିତ ଅଭିନେତା ସୌରଭ ସଚଦେବା ତୁରନ୍ତ ଶେହନାଜଙ୍କ ପାଖକୁ ଯାଇଥିଲେ। ସେ ତାଙ୍କ ପିଠି ଥାପୁଡ଼ାଇ ସାହାଯ୍ୟ କରିଥିଲେ। ତେବେ ଏହି ଅଘଟଣ ପରେ ମଧ୍ୟ ଶେହନାଜ ନିଜକୁ ସମ୍ଭାଳି ନେଇଥିଲେ ଏବଂ କିଛି ସମୟ ପରେ ପୁଣି ସୁଟିଂ ଆରମ୍ଭ କରିଥିଲେ। ତାଙ୍କର ଏହି ସମର୍ପଣ ଭାବକୁ ସହ-କଳାକାର ଓ ସୁଟିଂ ଟିମ୍ ପ୍ରଶଂସା କରିଛନ୍ତି। ତେବେ ଶେହନାଜ ଗିଲ ୨୦୧୭ ମସିହାରେ ନିଜ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ସେ 'ସତ୍ ଶ୍ରୀ ଅକାଳ ଇଂଲଣ୍ଡ' ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଏହାପରେ ସେ 'କାଲା ଶାହ କାଲା', 'ଡାକା' ଏବଂ 'ହୋନ୍ସଲା ରଖ' ଭଳି ପଞ୍ଜାବୀ ଚଳଚ୍ଚିତ୍ରରେ କାମ କରିଥିଲେ। ପରେ ଶେହନାଜ ବଲିଉଡ୍ରେ ମଧ୍ୟ ପାଦ ଥାପିଥିଲେ। ସଲମାନ ଖାନଙ୍କ ଅଭିନୀତ 'କିସି କା ଭାଇ କିସି କି ଜାନ' ଚଳଚ୍ଚିତ୍ରରେ ସେ 'ସୁକୁନ' ଚରିତ୍ରରେ ନଜର ଆସିଥିଲେ। ଏହାପରେ 'ଥ୍ୟାଙ୍କ୍ ୟୁ ଫର୍ କମିଂ'ରେ ଅଭିନୟ କରିଥିବା ବେଳେ 'ଭିକି ବିଦ୍ୟା କା ଓ୍ୱାଲା ଭିଡିଓ'ରେ କ୍ୟାମିଓ ଭୂମିକାରେ ନଜର ଆସିଥିଲେ। ବର୍ତ୍ତମାନ ଶେହନାଜ 'ଇକ୍କନାମା' ଚଳଚ୍ଚିତ୍ରରେ ଅଭିନୟ କରୁଛନ୍ତି। ଏହି ଫିଲ୍ମରେ ସେ ନସିମା ଭୂମିକାରେ ନଜର ଆସୁଛନ୍ତି ଏବଂ ଚଳଚ୍ଚିତ୍ରଟିକୁ ସକାରାତ୍ମକ ପ୍ରତିକ୍ରିୟା ମିଳୁଛି। ଏହା ବ୍ୟତୀତ ତାଙ୍କର ଆଉ ଦୁଇଟି ଚଳଚ୍ଚିତ୍ର 'ସିଂହ ବନାମ କୌର ୨' ଏବଂ 'ସବ୍ ଫାଷ୍ଟ କ୍ଲାସ' ପାଇପଲାଇନ୍‌ରେ ରହିଛି। ଏହି ଦୁଇଟି ଫିଲ୍ମକୁ ନେଇ ମଧ୍ୟ ଦର୍ଶକଙ୍କ ମଧ୍ୟରେ ଚର୍ଚ୍ଚା ଜାରି ରହିଛି।



## ଓଡ଼ିଆ ସିନେମାକୁ ବିଦେଶରେ ବଡ଼ ସମ୍ମାନ

# ଲସ୍ ଆଞ୍ଜେଲ୍ସରେ 'ମାଳିପୁଟ ମେଲୋଡ଼ିଜ୍'କୁ ବ୍ରୋଞ୍ଜ୍ ପୁରସ୍କାର




**ଜୟପୁର (ଏନ୍.ଏମ୍.):** କୋରାପୁଟର ଏକ ନିଛକ କାହାଣୀକୁ ନେଇ ପ୍ରସ୍ତୁତ ହୋଇଥିବା ନୂଆ ଓଡ଼ିଆ ଚଳଚ୍ଚିତ୍ର 'ମାଳିପୁଟ ମେଲୋଡ଼ିଜ୍'କୁ ମିଳିଛି ଆଉ ଏକ ବିଶେଷ ସଫଳତା। ବିଦେଶ ମାଟିରେ ଏହାକୁ ଅଜସ୍ର ସ୍ୱୀକୃତି ଓ ସମ୍ମାନ ପ୍ରଦାନ କରାଯାଇଛି। ଅନ୍ତର୍ଜାତୀୟ ଯାତ୍ରାର ଆଉ ଏକ ଗୌରବମୟ ଅଧ୍ୟାୟରେ ଯୋଡ଼ି ହୋଇଛି ଏହି ସିନେମା। ଗତ ୫ ତାରିଖରେ ଲସ୍ ଆଞ୍ଜେଲ୍ସର ଏସ୍ୱିଏ ଇଣ୍ଟରନ୍ୟାସ୍ନାଲ୍ ଫିଲ୍ମ ଫେଷ୍ଟିଭାଲ୍ରେ ଶ୍ରେଷ୍ଠ ଫିଚର ଫିଲ୍ମ ବର୍ଗରେ ଏହାକୁ ବ୍ରୋଞ୍ଜ ପୁରସ୍କାର ମିଳିଛି। ଆସନ୍ତା ସେପ୍ଟେମ୍ବର ୧୮ ତାରିଖରେ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ଏହା ମୁକ୍ତିଲାଭ କରିବାକୁ ଯାଉଛି । ସୂଚନାଥାଉକି, କୌସ୍ତଭ ଡ୍ରିମ୍ ଓ୍ୱାର୍କସ୍ ଷ୍ଟୁଡିଓଜ୍ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରଟି 'ୟୁ/ଏ' ପ୍ରମାଣପତ୍ର ହାସଲ କରିସାରିଛି। ଗୋଆରେ ଅନୁଷ୍ଠିତ ୫୬ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ 'ଆଇଏଫ୍ଏଫ୍ଆଇ ଇ-୨୦୨୫' ଇଣ୍ଡିଆନା ପାନାରୋମା ଫିଚର୍ ଫିଲ୍ମ ବର୍ଗରେ ମନୋନୀତ ହୋଇ ପ୍ରଦର୍ଶିତ ହୋଇଥିଲା ଏହି ଏକମାତ୍ର ଓଡ଼ିଆ ଚଳଚ୍ଚିତ୍ର ମାଳିପୁଟ ମେଲୋଡ଼ିଜ୍ । ଦେଶର ୧ ହଜାର ୯୮ଟି ଚଳଚ୍ଚିତ୍ର ମଧ୍ୟରୁ ଏହା ଏହି ସମ୍ମାନଜନକ ଚୟନରେ ସ୍ଥାନ ପାଇଥିଲା। ପରବର୍ତ୍ତୀ ସମୟରେ ନୂଆଦିଲ୍ଲୀର ହାବିଟାଟ୍ ଫିଲ୍ମ ଫେଷ୍ଟିଭାଲ୍-୨୦୨୬ରେ ଏହା ପ୍ରଦର୍ଶିତ ହୋଇ ଦର୍ଶକଙ୍କ ମନ ଜିଣି ନେଇଥିଲା। ସେହିପରି ୨୦୨୬ ମେ ୧୬ ତାରିଖରେ ମାଳିପୁଟ ମେଲୋଡ଼ିଜ୍ ଅଷ୍ଟ୍ରେଲିଆର ବ୍ରିସ୍‌ବେନ୍ ଠାରେ ନ୍ୟାସ୍ନାଲ୍ ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ୍ରେ ପ୍ରଦର୍ଶିତ ହୋଇଥିଲା। କୋରାପୁଟ ମାଟିର ସ୍ୱତନ୍ତ୍ର ଗନ୍ଧ, ସରଳ ମଣିଷର କାହାଣୀ ଓ ସ୍ୱପ୍ନର ଏକ ନିଆରା ଚଳଚ୍ଚିତ୍ର ହେଉଛି ମାଳିପୁଟ ମେଲୋଡ଼ିଜ୍। ମାଳିପୁଟର ପ୍ରକୃତି, ପରମ୍ପରା, ଭାଷା, ପର୍ବପର୍ବାଣୀ, ସଂଗୀତ ଓ ସରଳ ମଣିଷମାନଙ୍କ ଜୀବନଚର୍ଯ୍ୟା ଏହାକୁ ଜୀବନ୍ତ କରିଛି। ପୂରା ସିନେମାରେ ରହିଛି ବାସ୍ତବ ଜୀବନର ଛାପ। କୋରାପୁଟର ଗ୍ରାମୀଣ ପରିବେଶକୁ ଅତ୍ୟନ୍ତ ନିଛକ ଭାବେ ଏଥିରେ ପ୍ରଦର୍ଶିତ କରାଯାଇଛି। ସବୁଠୁ ବଡ଼କଥା ହେଉଛି, ଗାଁଟି ନିଜେ କାହାଣୀର ଏକ ଜୀବନ୍ତ ଚିତ୍ର। ଏହି ଚଳଚ୍ଚିତ୍ରରେ ସିନେ ଜଗତର ସେଭଳି କୌଣସି ଚିହ୍ନା ମୁହଁ ନାହାନ୍ତି। ପ୍ରାୟ ୭୫ ଭାଗ କଳାକାର ହେଉଛନ୍ତି ଗାଁର ପ୍ରତିଭା। ବଳକା ୨୫ ପ୍ରତିଶତ ମଞ୍ଚ କଳାକାର। ଉଦୀୟମାନ ଯୁବ ପ୍ରତିଭା ବିଶାଳ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଏହି ସିନେମା ଯେଉଁଭଳି ଢଙ୍ଗରେ ଗତିଶୀଳ ହୋଇଛି, ତାହା ଦର୍ଶକଙ୍କ ମନକୁ ନିଶ୍ଚୟ ଜିତିବ, ଏଥିରେ ସନ୍ଦେହ ନାହିଁ। କାହାଣୀକାର ସୁଧାକର ପଟ୍ଟନାୟକ, ସଂଗୀତକାର ତୋଷ ନନ୍ଦ, ଅଭିଜ୍ଞ ପ୍ରଯୋଜକ କୌଶିକ ଦାସ, ସହ ପ୍ରଯୋଜକ ରାମ ପଟ୍ଟନାୟକ ଓ କୌସ୍ତଭ ଦାସଙ୍କ ସହିତ ପୂରା ଟିମ୍ର ଉଦ୍ୟମ ଓଡ଼ିଆ ସିନେମା କ୍ଷେତ୍ରରେ ଆଉ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

# ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

# ଚିନି କିମ୍ବା ମିଠା ଖାଇଲେ ଏସିଡିଟି ଆଶଙ୍କା !

ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଏବଂ ହେପାଟୋଲୋଜି ବିଶେଷଜ୍ଞ କୁହନ୍ତି ଯେ, ଅନେକ ଲୋକ ଭାବନ୍ତି ଯେ ଚିନି ଖାଇବା ଦ୍ୱାରା ସିଧାସଳଖ ଏସିଡ୍ ରିଫ୍ଲକ୍ସ ହୁଏ, କିନ୍ତୁ ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। କେବଳ ଚିନିକୁ ଏସିଡ୍ ରିଫ୍ଲକ୍ସର ସିଧାସଳଖ କାରଣ ଭାବରେ ବିବେଚନା କରାଯାଏ ନାହିଁ। ତଥାପି, ଅଧିକ ଚିନି ଥିବା ଖାଦ୍ୟ ନିଶ୍ଚିତ ଭାବରେ ଆପଣଙ୍କ ସମସ୍ୟାକୁ ବଢ଼ାଇ ପାରେ।

**ଏସିଡିଟି କାହିଁକି ହୁଏ ?**

ଯେତେବେଳେ ଖାଦ୍ୟନଳୀ ଏବଂ ପାକସ୍ଥଳୀ ମଧ୍ୟରେ ଥିବା ମାଂସପେଶୀ, ଯାହାକୁ ନିମ୍ନ ଖାଦ୍ୟନଳୀ ସ୍ଫିଙ୍କଟର କୁହାଯାଏ, ଦୁର୍ବଳ ହୋଇଯାଏ କିମ୍ବା ଠିକ୍ ଭାବରେ ବନ୍ଦ ହୁଏ ନାହିଁ, ସେତେବେଳେ ଏସିଡ୍ ରିଫ୍ଲକ୍ସ ହୁଏ। ଏହା ପେଟର ଏସିଡ୍ ଖାଦ୍ୟନଳୀକୁ ପୁନର୍ବାର ପ୍ରବାହିତ ହୁଏ। ତେଣୁ ପେଟ ପୋଡ଼ିବା, ପାଟିରେ ଖଟା ସ୍ୱାଦ ପରି ହାକୁଟି ହେବା ପରି ଲକ୍ଷଣ ସୃଷ୍ଟି କରିପାରେ।

**ଚିନିର ଭୂମିକା କ'ଣ ?**

ଚିନି ଅଧିକ ଥିବା ଖାଦ୍ୟରେ ପ୍ରାୟତଃ ଚର୍ବି ଏବଂ କ୍ୟାଲୋରି ମଧ୍ୟ ଅଧିକ ଥାଏ, ଯେପରିକି କେକ୍, ପେଷ୍ଟ୍ରି, ଚକୋଲେଟ୍, ଆଇସ୍କ୍ରିମ୍, ମିଠା ପାନୀୟ ଏବଂ ଅନ୍ୟାନ୍ୟ ମିଠା। ଏହି ଖାଦ୍ୟ ହଜମ ପ୍ରକ୍ରିୟାକୁ ସ୍ଲୋ କରି ଦିଏ ଏବଂ ସମୟ ସହିତ ଓଜନ ବୃଦ୍ଧି କରିପାରେ। ଓଜନ ବୃଦ୍ଧି ପାଇବା ସହିତ, ପେଟ ଉପରେ ଚାପ ବଢ଼ିଥାଏ, ଯାହା ଫଳରେ ଏସିଡ୍ ଖାଦ୍ୟନଳୀକୁ ସହଜରେ ପ୍ରବାହିତ ହୁଏ। ତେଣୁ, କେବଳ ଚିନି ନୁହେଁ, ବରଂ ଆପଣଙ୍କର ପୁରା ଖାଦ୍ୟପେୟ ଏସିଡ୍ ରିଫ୍ଲକ୍ସ ବଢ଼େଇବାରେ ମୁଖ୍ୟ ଭୂମିକା ଗ୍ରହଣ କରେ। ଯଦି ଆପଣ ଦେଖନ୍ତି ଯେ, ମିଠା ଖାଇବା ପରେ ଆପଣଙ୍କ ଏସିଡିଟି ବଢିଯାଉଛି। ତେବେ ସେହି ଖାଦ୍ୟକୁ ସୀମିତ କରିବେ ଏବଂ ଏକ ଖାଦ୍ୟ ଡାଏରୀ ରଖିବା ଭଲ। କେଉଁ ଖାଦ୍ୟ ଆପଣଙ୍କୁ ଟ୍ରିଗର କରୁଛି ତାହା ଚିହ୍ନଟ କରିବା ଦରକାର। ଏହା ଛଡ଼ା ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ, ଖାଇବା ପରେ ସାଙ୍ଗେ ସାଙ୍ଗେ ଶୁଅନ୍ତୁ ନାହିଁ। ନିଜର ଓଜନ ନିୟନ୍ତ୍ରଣ ରଖନ୍ତୁ। ଯେଉଁ ଖାଦ୍ୟ ଖାଇଲେ ଏସିଡ଼ିଟି ହେଉଛି ସେସବୁକୁ ଏଡାନ୍ତୁ । ଯଦି ଏସବୁ ପରେ ମଧ୍ୟ ଛାତି ଜଳାପୋଡ଼ା ହୁଏ, ତେବେ ନିଶ୍ଚିତ ଭାବରେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ। କାରଣ ଦୀର୍ଘକାଳୀନ ଏସିଡ୍ ରିଫ୍ଲକ୍ସ ଶରୀର ପାଇଁ ଠିକ୍ ନୁହେଁ । ଏହା ପଛର କାରଣ ଏବଂ ଚିକିତ୍ସା ଆବଶ୍ୟକ ହୋଇପାରେ।

## ମା'ରାଣ ଦେହକୁ ନେବେନି...

ପରିବାପତର କିଣିହେଉ ନାଇଁ
କିଛିଗୋଟେ କିଣି ଆଣ...
ମାର୍କେଟ ରେଏଟ ଶୁଣିଲା ବେଳକୁ
ହୃଦୟେ ଫୁଟଇ ବାଣ...
ଘରଣୀ ପକାଏ ରାଣ...
କିଛି ନଆଣିଲେ ଦେଶିମାଛ ଆଣ
ପନିକିରେ ଅଛି ଶାଣ...



- ସମ୍ବିତ ସେନାପତି

# ବୋଉର ରୋଷେଇ ଘର

# ପାରମ୍ପରିକ ଆରିସା ପିଠା

ଆରିସା ପିଠା ନାଁ ଶୁଣିଲେ ସମସ୍ତଙ୍କ ମନରେ ମାର୍ଗଶୀର ମାସର ମାଣବସା ଲକ୍ଷ୍ମୀପୂଜା ଓ ପାରମ୍ପରିକ ଓଡ଼ିଆ ଘରର ମହକ ମନେ ପଡ଼ିଯାଏ। ବାହାରୁ ମୋଡ଼ମୋଡ଼ିଆ, ଭିତରୁ ସ୍ୱାଦିଷ୍ଟ ଏହି ପିଠା ବନାଇବା ଅନେକଙ୍କୁ ଟିକେ କଷ୍ଟକର ଲାଗେ, ବିଶେଷ କରି ଏହାର 'ପାଗ' ସଠିକ୍ ହେବାକୁ ନେଇ। କିନ୍ତୁ କିଛି ଛୋଟ ଛୋଟ କଥା ପ୍ରତି ଧ୍ୟାନ ଦେଲେ ଆପଣ ଘରେ ଏହାକୁ ଅତି ସହଜରେ ଓ ସଠିକ୍ ଭାବରେ ପ୍ରସ୍ତୁତ କରିପାରିବେ।



**ଆବଶ୍ୟକ ସାମଗ୍ରୀ:**

ଅରୁଆ ଚାଉଳ: ୨ କପ୍, ଚିନି କିମ୍ବା ଗୁଡ଼: ୧ କପ୍, ରାଶି: ୨ ଚାମଚ, ତେଲ କିମ୍ବା ଘିଅ: ଛାଣିବା ପାଇଁ, ପାଣି: ଅଧା କପ୍ (ସିରା ପାଇଁ)

**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ ଅରୁଆ ଚାଉଳକୁ ଭଲ ଭାବେ ଧୋଇ ୩ ଘଣ୍ଟା ପାଣିରେ ଭିଜାଇ ରଖନ୍ତୁ। ତା'ପରେ ପାଣି ନିଗାଡ଼ି କପଡ଼ା ଉପରେ ୧୦-୧୫ ମିନିଟ୍ ପାଇଁ ଶୁଖାଇ ଦିଅନ୍ତୁ। ମନେରଖନ୍ତୁ, ଚାଉଳ ଯେପରି ପୂରା ଶୁଖି ନଯାଏ-ସାମାନ୍ୟ ଓଦା ଥିବା ବେଳେ ଏହାକୁ ମିକ୍ସରରେ ଗୁଣ୍ଡ କରି ନିଅନ୍ତୁ। ଏହାପରେ ସିରା ଓ ପାଗ (ସବୁଠୁ ଗୁରୁତ୍ୱପୂର୍ଣ୍ଣ), ଏକ ପାତ୍ରରେ ଆଧା କପ୍ ପାଣି ଓ ଚିନି (କିମ୍ବା ଗୁଡ଼) ମିଶାଇ ମଧ୍ୟମ ଆଞ୍ଚରେ ଫୁଟାନ୍ତୁ। ସିରା ଠିକ୍ ହେଲା କି ନାହିଁ ଜାଣିବା ପାଇଁ ଗୋଟିଏ ଗିନା ପାଣିରେ ସିରାର ଗୋଟିଏ ଟୋପା ପକାନ୍ତୁ। ଯଦି ସିରା ଟୋପାଟି ପାଣିରେ ମିଶି ନଯାଇ ଗୋଲି ହୋଇ ଜମାଟ ବାନ୍ଧିଯାଏ, ତେବେ ବୁଝିବେ ପାଗ ଏକଦମ ରେଡି। ଏହାପରେ ଗ୍ୟାସ୍ ଆଞ୍ଚ କମ୍ କରି ଉକ୍ତ ସିରାରେ ଧୀରେ ଧୀରେ ଚାଉଳ ଗୁଣ୍ଡ ମିଶାନ୍ତୁ ଓ ଲଗାତାର ଘାଣ୍ଟୁଥାନ୍ତୁ ଯେପରି ଗୁଳା ନବାନ୍ଧେ। ଏକ ନରମ କାଇ ହୋଇଗଲେ ଗ୍ୟାସ୍ ବନ୍ଦ କରି ତାକୁ ସାମାନ୍ୟ ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ଏହି ଜନ୍ତୁଣିକୁ ହାତରେ ଅଳ୍ପ ତେଲ ଲଗାଇ ଛୋଟ ଛୋଟ ଗୋଲା ଆଣି ଚପଟା କରି ପୁରୀ ଭଳି ଗଢ଼ି ଦିଅନ୍ତୁ। ଉପରେ ଅଳ୍ପ ରାଶି ଛିଞ୍ଚି ଦିଅନ୍ତୁ। ବର୍ତ୍ତମାନ କଡ଼ାଇରେ ତେଲ ଗରମ କରି ମଧ୍ୟମ ଆଞ୍ଚରେ ପିଠାକୁ ସୁବର୍ଣ୍ଣ ବାଦାମୀ ରଙ୍ଗ ହେବା ଯାଏଁ ଛାଣନ୍ତୁ। ପ୍ରସ୍ତୁତ ହୋଇଗଲା ସୁସ୍ୱାଦୁ ଆରିସା ପିଠା।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।




## ଏପ୍ରିଲରୁ ଶସ୍ତା ହେବ ଇଭି-ହାଇବ୍ରିଡ କାର

# ମହଙ୍ଗା ହେବ ପେଟ୍ରୋଲ -ଡିଜେଲ ଗାଡ଼ି, ଅଧିକ ପ୍ରଦୂଷଣ କରୁଥିବା ଯାନକୁ ଜରିମାନା



**ନୂଆଦିଲ୍ଲୀ(ଏଜେନ୍ସି):** କେନ୍ଦ୍ର ସରକାର ଯାତ୍ରୀବାହୀ ଯାନ ଗୁଡ଼ିକ ଲାଗି ନୂଆ କର୍ପୋରେଟ ଆଭେରେଜ୍ ଫୁଏଲ୍ ଇକୋନୋମୀ ମାନକକୁ ନେଇ ଏକ ଡ୍ରାଫ୍ଟ ଜାରି କରିଛନ୍ତି। ନୂଆ ନିୟମ ୨୦୨୭ ଏପ୍ରିଲ ପହିଲାରୁ ଲାଗୁ ହେବ। ଏହି ନୀତିର ମୁଖ୍ୟ ଉଦ୍ଦେଶ୍ୟ କାର ଗୁଡ଼ିକର ମାଇଲେଜ ବଢ଼ାଇବା ଏବଂ ପରିବେଶ ପ୍ରଦୂଷଣକୁ ରୋକିବା। ଏଥିଯୋଗୁ ଇଥାନଲ, ହାଇବ୍ରିଡ ଏବଂ ଇଭି କାର ଗୁଡ଼ିକ ଶସ୍ତା ହେବ। ପ୍ରଦୂଷଣ କରୁଥିବା ପେଟ୍ରୋଲ-ଡିଜେଲ ଗାଡ଼ି ଗୁଡ଼ିକ ମହଙ୍ଗା ହୋଇପାରେ। ନୂଆ ନୀତି ଅଧିନରେ ସରକାର କମ୍ପାନି ଗୁଡ଼ିକୁ ଇଭି ଓ ହାଇବ୍ରିଡ କାର ବିକ୍ରି କ୍ଷେତ୍ରରେ ସୁପର୍ କ୍ରେଡିଟ୍ ପ୍ରଦାନ କରିବ। ଯଦି କୌଣସି କମ୍ପାନି ଗୋଟିଏ ଇଲେକ୍ଟ୍ରିକ କାର ବିକୁଥାଏ ତେବେ ଏହାକୁ କାଗଜପତ୍ରରେ ୩ କାର ସମକକ୍ଷ ବିଚାର କରାଯିବ। ଗୋଟିଏ ହାଇବ୍ରିଡ କାରକୁ ୧.୬ କାର ଭାବେ ଧରାଯିବ। ଏହାଦ୍ୱାରା କମ୍ପାନି ଗୁଡ଼ିକୁ ନିଜର ପ୍ରଦୂଷଣ କମ୍ କରିବା ଲକ୍ଷ୍ୟ ପୂରଣ କରିବା ସହଜ ହେବ। ଏଭଳି ସ୍ଥିତିରେ କମ୍ପାନି ଗୁଡ଼ିକ ଉକ୍ତ କାର ଗୁଡ଼ିକୁ ଆକର୍ଷଣୀୟ ମୂଲ୍ୟ ଓ ଅଫର ସହ ବିକ୍ରି କରିପାରିବେ। ଅଧିକ ପ୍ରଦୂଷଣ କରୁଥିବା ବା କମ୍ ମାଇଲେଜ ଦେଉଥିବା କାର୍ କମ୍ପାନି ଗୁଡ଼ିକ ଲାଗି ସମସ୍ୟା ହେବ। ଯଦି କୌଣସି କମ୍ପାନିର କାର୍ ହାରାହାରି ନିର୍ଦ୍ଧାରିତ ପ୍ରଦୂଷଣ ସୀମାଠାରୁ ଅଧିକ ହୋଇଥାଏ ତେବେ କମ୍ କ୍ରେଡିଟ୍ ମିଳିବ। ସେହି କ୍ଷତିକୁ ଭରଣା କରିବାକୁ କମ୍ପାନି ଗୁଡ଼ିକୁ ଅନ୍ୟ କମ୍ପାନି କିମ୍ବା ସରକାରଙ୍କ ନିକଟରୁ କ୍ରେଡିଟ କିଣିବାକୁ ପଡ଼ିବ। ଯାହାର ମୂଲ୍ୟ ପ୍ରତି ଗ୍ରାମ କାର୍ବନ ଡାଇଅକ୍ସାଇଡ୍ ପାଇଁ ୨୫୦୦ରୁ ୪୫୦୦ ଟଙ୍କା ଯାଏ ରହିବ। କମ୍ପାନି ଏହି ଜରିମାନାର ବୋଝ ନିଜ ଉପରେ ପକାଇବେ ନାହିଁ। ଅଧିକ ପ୍ରଦୂଷଣ କରୁଥିବା କାର ଗୁଡ଼ିକର ମୂଲ୍ୟ ବଢ଼ାଇ ଗ୍ରାହକଙ୍କ ନିକଟରୁ ଏହାରକୁ ଅସୁଲ କରିବେ। ଏହି ପରିବର୍ତ୍ତନ ଯୋଗୁ ଅଟୋମୋବାଇଲ କମ୍ପାନି ଗୁଡ଼ିକର ସମ୍ପୂର୍ଣ୍ଣ ରଣନୀତିରେ ପରିବର୍ତ୍ତନ ଆସିବ। ସେମାନେ ପରିବେଶ ଅନୁକୂଳ ଟେକ୍ନୋଲୋଜି ମଡେଲ ଗୁଡ଼ିକ ଆଣିବା ଉପରେ ଧ୍ୟାନ କେନ୍ଦ୍ରିତ କରିବେ। ପେଟ୍ରୋଲ-ଡିଜେଲ ମଡେଲ ଗୁଡ଼ିକ ପଛକୁ ହଟିବ। ଫ୍ଲେକ୍ସ ଫୁଏଲ କାର୍ ୮୫% ରୁ ୧୦୦% ଇଥାନଲ ଭିତ୍ତିକ ଇନ୍ଧନରେ ଚାଲୁଥିବା ଗାଡ଼ି ଗୁଡ଼ିକୁ ୨୨.୩% ଯାଏ ରିହାତି ମିଳିବ। ଗୋଟିଏ ଫ୍ଲେକ୍ସ ଫୁଏଲ କାର ବିକ୍ରି କ୍ଷେତ୍ରରେ କାଗଜପତ୍ରରେ ଏହାକୁ ୧.୧ ବୋଲି ଧରାଯିବ।

## ବିଜୟ ସରକାରଙ୍କୁ ଝଟକା: ପରିସୀମନ ବିଲ୍

# ପ୍ରସଙ୍ଗରେ ଡାକିଥିବା ବୈଠକରେ ୩୭ ସାଂସଦ ଗାଏବ

**ଚେନ୍ନାଇ(ଏଜେନ୍ସି):** ତାମିଲନାଡୁ ରାଜନୀତିରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ଦେଖିବାକୁ ମିଳିଛି। ରାଜ୍ୟର ମୁଖ୍ୟମନ୍ତ୍ରୀ ବିଜୟ ଥଲପତିଙ୍କ ଦ୍ୱାରା ସୀମା ପୁନଃନିର୍ଦ୍ଧାରଣ ବା ପରିସୀମନ ପ୍ରସଙ୍ଗ ଉପରେ ଡକାଯାଇଥିଲା ସର୍ବଦଳୀୟ ସାଂସଦଙ୍କ ବୈଠକ। ଏଥିରେ ବିରୋଧି ଦଳ ଡିଏମକେ ଓ ଏଆଇଏଡିଏମକେ ସହିତ ବହୁ ଦଳର ସାଂସଦ ଯୋଗ ଦେଇନଥିଲେ। ରାଜ୍ୟର ମୋଟ ୫୭ ସାଂସଦଙ୍କ ଭିତରୁ ୩୭ ଜଣ ଏହି ବୈଠକକୁ ବହିଷ୍କାର କରିବାର ନିଷ୍ପତ୍ତି ନେଇଥିଲେ, ଯାହାକି ମୁଖ୍ୟମନ୍ତ୍ରୀ ବିଜୟଙ୍କ ପାଇଁ ବଡ଼ ଝଟକା ବୋଲି କୁହାଯାଉଛି। ଏହି ବୈଠକ ଶନିବାର ମଧ୍ୟାହ୍ନ ୩ଟା ବେଳେ ଡକାଯାଇଥିଲା। ବୈଠକରେ କେବଳ ମାତ୍ର ୨୦ ଜଣ ସାଂସଦ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟରୂପରେ କଂଗ୍ରେସ ଏବଂ ତା'ର ଛୋଟ ସହଯୋଗୀ ଦଳର ସାଂସଦ ରହିଛନ୍ତି। ତାଙ୍କ ଭିତରେ କଂଗ୍ରେସର ୧୨, ଭିସିକେର ୨, ସିପିଆଇର ୨,



ସିପିଆଇଏମର ୨, ଏଡିଏମକେର ୧ ଓ ଆଇୟୁଏମ୍ଏଲର ଜଣେ ସାଂସଦ ରହିଛନ୍ତି। ଅନ୍ୟପକ୍ଷେ ବୟକଟ୍ କରିଥିବା ସାଂସଦଙ୍କ କମାଣ୍ଡ ଡିଏମକେ ପାଖରେ ରହିଛି। ଯାହାର ୩୦ ସାଂସଦ ବୈଠକକୁ ବହିଷ୍କାର କରିଛନ୍ତି। ଏହାଛଡା ବିରୋଧି ଦଳ ଏଆଇଏଡିଏମକେର ୪ ଓ ପିଏମକେ, ଏମ୍ଏନଏମ ଓ ଡିଏମଡିକେର ଜଣେ ଲେଖାଏଁ ସାଂସଦ ଏଥିରେ ଯୋଗ ନଦେବାର ନିଷ୍ପତ୍ତି ନେଇଛନ୍ତି। ଡିଏମକେ କହିଛି, ବର୍ତ୍ତମାନର ସବୁଠାରୁ ବଡ଼ ପ୍ରସଙ୍ଗ ହେଉଛି କାବେରୀ ଏବଂ ମେକେଡାଟୁ ନଦୀବନ୍ଧ। ତେଣୁ, ସୀମା ନିର୍ଦ୍ଧାରଣ ଉପରେ ଏକ ବୈଠକ ଡାକିବା ପ୍ରକୃତ ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଏକ ପ୍ରୟାସ। ଡିଏମକେ ସ୍ପଷ୍ଟ କରିଛି ଯେ ଏହା ଟିଭିକେ ସରକାରଙ୍କ ଦ୍ୱାରା ଡକାଯାଇଥିବା ସର୍ବଦଳୀୟ ବୈଠକରେ ଯୋଗଦେବ ନାହିଁ। ଦଳ ପକ୍ଷରୁ ବକ୍ତବ୍ୟ ରଖି ଏମ୍.କେ. କାନିମୋଝି କହିଛନ୍ତି ଯେ ସୀମା ନିର୍ଦ୍ଧାରଣ ଉପରେ ଦଳର ମତ ପୂର୍ବରୁ ସ୍ଥିର ହୋଇସାରିଛି। ଏହି ପ୍ରସଙ୍ଗରେ ପୂର୍ବ ସର୍ବଦଳୀୟ ବୈଠକରେ ପ୍ରସ୍ତାବ ଗୃହୀତ ହୋଇ ସାରିଛି, ତେଣୁ ନୂତନ ବୈଠକ ଡାକିବାର କୌଣସି ଅର୍ଥ ନାହିଁ।

# ଜିମ୍ବାୱେର କରିବା ହ୍ରଦରେ ଡଙ୍ଗା ବୁଡ଼ି ୭୨ ଜଣଙ୍କ ମୃତ୍ୟୁ, ମୃତକଙ୍କ ମଧ୍ୟରେ ୧୮ ଶିଶୁ

**ନୂଆଦିଲ୍ଲୀ(ଏଜେନ୍ସି):** ଚଳିତ ସପ୍ତାହରେ ଜିମ୍ବାୱେର ଏକ ହ୍ରଦରେ ଭାରସାମ୍ୟ ହରାଇ ଏକ ଡଙ୍ଗା ବୁଡିଯିବା କାରଣରୁ ପ୍ରାୟ ୭୦ ଜଣଙ୍କ ପ୍ରାଣହାନୀ ଘଟିଛି। ମୃତକଙ୍କ ମଧ୍ୟରେ ୧୮ ଜଣ ପିଲା ଥିବା କୁହାଯାଉଛି। ଉଦ୍ଧାରକାରୀ ଦଳ ଶନିବାର ଆହୁରି ଅନେକ ଯାତ୍ରୀଙ୍କ ମୃତଦେହ ଉଦ୍ଧାର କରିଛନ୍ତି ଏବଂ ପରେ ପୋଲିସ ମୃତ୍ୟୁ ସଂଖ୍ୟା ୭୨ ବୋଲି ନିଶ୍ଚିତ କରିଛି। ମଙ୍ଗଳବାର ଦିନ ପ୍ରବଳ ଢେଉରେ ଫେରିଟି ଓଲଟି ପଡ଼ିଥିଲା। ଏହି ମାସର ଆରମ୍ଭରେ, ଇଣ୍ଡୋନେସିଆରେ ମଧ୍ୟ ଏକ ବଡ଼ ଡଙ୍ଗା ଅଗ୍ନିକାଣ୍ଡ ଦୁର୍ଘଟଣା ଘଟିଥିଲା। ପୁରୁଣା ଫେରିଟି କରିବା ସହରରୁ ଦେଶର ଉତ୍ତର-ପଶ୍ଚିମରେ ଥିବା ଗ୍ରାମୀଣ ଏବଂ ମତ୍ସ୍ୟଜୀବୀ ସମ୍ପ୍ରଦାୟକୁ ଯାତ୍ରା କରୁଥିଲା, ଯେଉଁଠାରେ ରାସ୍ତା ଖରାପ ଏବଂ ସାଧାରଣ ପରିବହନ ଅଭାବ ରହିଛି। ତେବେ ଏହି ଡଙ୍ଗାରେ କେତେ ଲୋକ ଥିଲେ କିମ୍ବା କେତେ ନିଖୋଜ ଅଛନ୍ତି ତାହା ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ। ମଙ୍ଗଳବାର ଦିନ ଏହି ଦୁର୍ଘଟଣା ଘଟିଥିଲା। ବୁଡ଼ି ଯାଇଥିବା ଡଙ୍ଗାଟି ଏକ ସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିଲା। ଏହି ଫେରିଟି କରିବା ହ୍ରଦ ଚାରିପାଖର ଗ୍ରାମାଞ୍ଚଳରୁ ଲୋକମାନଙ୍କୁ ଉପକୂଳରେ ଥିବା କରିବା ସହରକୁ ପରିବହନ କରିବା ପାଇଁ ବ୍ୟବହୃତ ହୁଏ। ସୂଚନା ମୁତାବକ ଡଙ୍ଗାରେ ଯାତ୍ରୀଙ୍କ ସଂଖ୍ୟା ୧୫୩ ପର୍ଯ୍ୟନ୍ତ ଥିବା ଜଣାପଡ଼ିଛି, ଯେତେବେଳେ ଅଧିକାରୀ ମାନେ କହୁଛନ୍ତି ଯେ ଫେରିର କ୍ଷମତା ୯୦। ଜିମ୍ବାୱେର ବିପର୍ଯ୍ୟୟ ପରିଚାଳନା ସଂସ୍ଥା କହିଛି ଯେ ୭୭ ଜଣଙ୍କୁ ଉଦ୍ଧାର କରାଯାଇଛି। ଅଧିକାରୀମାନେ କହିଛନ୍ତି ଯେ ୭୭ ଜଣଙ୍କୁ ହ୍ରଦର ଏକ ଛୋଟ ଦ୍ୱୀପକୁ ନିଆଯାଇଥିଲା ଏବଂ ସେମାନଙ୍କୁ ଆଣିବା ପାଇଁ ଡଙ୍ଗା ପଠାଯାଇଥିଲା। ଅଧିକାରୀ ମାନେ ପ୍ରଥମେ କହିଥିଲେ ଯେ ଯାତ୍ରୀଙ୍କ ଆକଳନରେ ଟିକେଟ୍ ବୟସରୁ କମ୍ ବୟସର ପିଲାମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇ ନଥିବାରୁ ଜାହାଜରେ ଥିବା ପିଲାଙ୍କ ସଂଖ୍ୟା ଅଜଣା ରହିଛି।

# ଋଣ ଅସୁଲ ନିୟମରେ ପରିବର୍ତ୍ତନ, ବିନା ନୋଟିସରେ ଆସିପାରିବେନି ଏଜେଣ୍ଟ

**ନୂଆଦିଲ୍ଲୀ(ଏଜେନ୍ସି):** ଋଣ ନେଉଥିବା ଗ୍ରାହକଙ୍କ ପାଇଁ ଖୁସି ଖବର। ଲୋନ୍ ରିକଭରି ନିୟମରେ ପରିବର୍ତ୍ତନ ଆଣିଛି ଆରବିଆଇ। ଋଣ ନେଇଥିବା ଗ୍ରାହକଙ୍କ ଲାଗି ଅସୁଲି ନିୟମରେ ପରିବର୍ତ୍ତନ କରିଛି ରିଜର୍ଭ ବ୍ୟାଙ୍କ। ୨୦୨୭ ଜାନୁଆରୀ ପହିଲାରୁ ଏହା ଲାଗୁ ହେବ। ଋଣ ଅସୁଲ ସମୟରେ ଗ୍ରାହକଙ୍କୁ କରାଯାଇଥିବା ପ୍ରତାଡ଼ନା ଏବଂ ସମସ୍ୟାକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରା ଯାଇଛି। ବ୍ୟାଙ୍କ ଏବଂ ରିକଭରି ଏଜେଣ୍ଟମାନେ କିଭଳି ଋଣ ଗ୍ରହିତାଙ୍କ ସହ ବ୍ୟବହାର କରିବେ ସେ ନେଇ ଏଥିରେ ଧ୍ୟାନ ରଖା ଯାଇଛି। ସୂଚନା ମୁତାବକ, ଏହାଦ୍ୱାରା ଋଣ ରିକଭରି ଏଜେଣ୍ଟମାନେ ଗ୍ରାହକଙ୍କ ନିକଟକୁ ଆସିବା ପୂର୍ବରୁ ନିଶ୍ଚିତ ପକ୍ଷେ ନୋଟିସ ଦେବେ। ସେହିଭଳି ଯେକୌଣସି ସମୟରେ କଲ୍ କରି ପାରିବେନି। ସକାଳ ୮ରୁ ସଂଧ୍ୟା ୭ଟା ମଧ୍ୟରେ ହିଁ ଗ୍ରାହକଙ୍କୁ କଲ୍ କରିବା ନିୟମ ରହିଛି। ଏହି ସମୟ ପରେ କଲ୍ କଲେ ଗ୍ରାହକଙ୍କ ସମ୍ମତି ଲୋଡ଼ା ପଡ଼ିବ। ଏଜେଣ୍ଟମାନେ ସମ୍ବେଦନଶୀଳ ରହିବାକୁ ନିର୍ଦ୍ଦେଶ ରହିଛି। ଗ୍ରାହକଙ୍କୁ ଗାଳିଗୁଲଜ, ଡରାଇବା, ଧମକାଇବା ଭଳି କାର୍ଯ୍ୟରୁ ନିବୃତ ରହିବେ




ଏଜେଣ୍ଟ। ସେହିଭଳି ଋଣ ନେଇଥିବା ସୂଚନା ଅନ୍ୟ କାହାକୁ ପ୍ରଘଟ କରିବାକୁ ବାରଣ କରାଯାଇଛି। ମେଡିକାଲ ଏମର୍ଜେନ୍ସି, ସମସ୍ୟା, ବିବାହ କିମ୍ବା ଅନ୍ୟ ପାରିବାରିକ ସେଲିବ୍ରେସନ କ୍ଷେତ୍ରରେ ସଚେତନ ରହିବେ। ସେହିଭଳି ଚାପ ସୃଷ୍ଟି କରିବା ଲାଗି ସୋସିଆଲ ମିଡିଆରେ ଋଣ ଗ୍ରହିତାଙ୍କ ଫଟୋ, ବ୍ୟକ୍ତିଗତ ସୂଚନା, ଭିଡିଓ, ଅଡିଓ ମଧ୍ୟ ବ୍ୟାଙ୍କ ପୋଷ୍ଟ କରିବାକୁ ବାରଣ ରହିଛି। ଏହି ନିୟମ ଦ୍ୱାରା ଗ୍ରାହକଙ୍କ ସୁରକ୍ଷା ସହ ଏକ ସ୍ୱଚ୍ଛ ଋଣ ଅସୁଲ ଧାରା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି କେନ୍ଦ୍ରୀୟ ବ୍ୟାଙ୍କ।

## ଆଇନ ଅଦାଲତ

### ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ଅନାସ୍ଥା ମାମଲା

# ଭୋଟ୍ ହେବ, ହେଲେ ପ୍ରକାଶ ପାଇବନି ଫଳ

**କଟକ(ଏନ୍.ଏମ୍.):** ଏବେ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଆଉ କିଛି ଦିନ ରହିଲା ପଞ୍ଚାୟତ ନିର୍ବାଚନ। ମାତ୍ର ଏହି ସମୟରେ ରାଜ୍ୟର ବିଭିନ୍ନ ପଞ୍ଚାୟତରେ ଚାଲିଛି ଅନାସ୍ଥା ପ୍ରସ୍ତାବ ରାଜନୀତି। କଟକ ଜିଲ୍ଲାର କଣ୍ଟରେଇ ପଞ୍ଚାୟତରେ ଅନାସ୍ଥା ରାଜନୀତି ଚାଲିଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତିଖିରି ପଞ୍ଚାୟତରେ ମଧ୍ୟ ଅନାସ୍ଥା ଭୋଟ ନେଇ ରାଜନୀତି ଚାଲିଛି। ତେବେ ତିଖିରି ପଞ୍ଚାୟତର ବହୁ ଚର୍ଚ୍ଚିତ ସରପଞ୍ଚ ସୁଶ୍ରୀ ଚାମେଲି ଓଝାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ୍ ହେବ, ମାତ୍ର ଅଦାଲତଙ୍କ ଅନୁମତି ବିନା ଭୋଟର ଫଳାଫଳ ପ୍ରକାଶ ପାଇବ ନାହିଁ। ଅନାସ୍ଥାକୁ ବିରୋଧ କରି ଚାମେଲି ଓଝାଙ୍କ ପକ୍ଷରୁ ଦାଏର ମାମଲାର



ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ଏହି ଅନ୍ତରୀଣ ଆଦେଶ ଦେଇଛନ୍ତି। ଗତ ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ମାମଲାର ଶୁଣାଣି ପରେ ହାଇକୋର୍ଟ ଅନାସ୍ଥା ପାଇଁ ଭୋଟ୍ ହେବ ବୋଲି ଅନୁମତି ପ୍ରଦାନ କରିଥିଲେ ମଧ୍ୟ ଫଳ ପ୍ରକାଶ ଉପରେ ରୋକ୍ ଲଗାଇଛନ୍ତି। ଚାମେଲି ତାଙ୍କ ପିଟିସନରେ ଦର୍ଶାଇଥିଲେ ଯେ, ଅନାସ୍ଥା ପୂର୍ବରୁ ତାଙ୍କୁ ନିୟମ ଅନୁସାରେ ରିଜୋଲ୍ୟୁସନ, ରିକ୍ୟୁଜିସନ୍ ଓ ନୋଟିସର ନକଲ ଯୋଗାଇ ଦିଆଯାଇ ନାହିଁ। ତେଣୁ ତାଙ୍କ ବିରୋଧରେ ଆଗତ ଅନାସ୍ଥାକୁ ରଦ୍ଦ କରିବା ପାଇଁ ସେ ପ୍ରାର୍ଥନା କରିଥିଲେ। ରାଜ୍ୟ ସରକାର ଓ ଅନ୍ୟ ପ୍ରତିପକ୍ଷଙ୍କ ପକ୍ଷରୁ ଏହି ଅଭିଯୋଗର ଖଣ୍ଡନ କରାଯାଇଥିଲା। ଏଥିସହ ତଥ୍ୟଗତ ବିବାଦ ଉପରେ ରିଟ୍ କୋର୍ଟରେ ନିଷ୍ପତ୍ତି ନିଆଯାଇ ପାରିବ ନାହିଁ ବୋଲି ଯୁକ୍ତି ଉପସ୍ଥାପିତ ହୋଇଥିଲା। ଶୁଣାଣି ସମୟରେ ଆବେଦନକାରିଣୀଙ୍କ ପକ୍ଷରୁ ହାଇକୋର୍ଟଙ୍କ ପୂର୍ବର କେତେକ ରାୟର ନଜିର ଦିଆଯାଇଥିଲା। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କ ଠାରୁ ମିଳିଥିବା ନିର୍ଦ୍ଦେଶାବଳୀ ଓ ପୂର୍ବ ରାୟର କପି ଅଦାଲତରେ ଦାଖଲ କରାଯାଇଥିଲା। ଗତକାଲି ସମସ୍ତ ପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟ ଅନ୍ତରୀଣ ଆଦେଶରେ ଅନାସ୍ଥା ପ୍ରସ୍ତାବ ସଂପର୍କରେ ଭୋଟ୍ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଚାମେଲି ଓଝାଙ୍କ ପକ୍ଷରୁ ଆଇନଜୀବୀ ସୁକାନ୍ତ କୁମାର ଦଳାଇ ମାମଲା ପରିଚାଳନା କରୁଥିଲେ।

### ୪ ନୂଆ ମୁଖ୍ୟ ବିଚାରପତି ନିଯୁକ୍ତି ଲାଗି କଲେଜିୟମଙ୍କ ସୁପାରିସ

# ବଦଳିବେ ଓଡ଼ିଶା ହାଇକୋର୍ଟର ଦୁଇ ବିଚାରପତି

**ନୂଆଦିଲ୍ଲୀ(ଏଜେନ୍ସି):** ସୁପ୍ରିମକୋର୍ଟ କଲେଜିୟମ ୪ ଜଣ ବିଚାରପତିଙ୍କୁ ବିଭିନ୍ନ ହାଇକୋର୍ଟରେ ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ଦେବାକୁ ସୁପାରିସ କରିଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗତ ୬ତାରିଖରେ ଅନୁଷ୍ଠିତ ବୈଠକରେ କଲେଜିୟମ ଏହି ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଦିଲ୍ଲୀ ହାଇକୋର୍ଟରେ ଥିବା ଜଷ୍ଟିସ ଜି. କାମେଶ୍ୱର ରାଓଙ୍କୁ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି କରାଯିବାକୁ ସୁପାରିସ ହୋଇଛି। ସେହିପରି ବମ୍ବେ ହାଇକୋର୍ଟ ଜଷ୍ଟିସ ଗିରୀଶ ଶ୍ରୀ. କୁଲକର୍ଣ୍ଣିଙ୍କୁ କୋଲକାତା ହାଇକୋର୍ଟର ମୁଖ୍ୟ ବିଚାରପତି, ଆଲାହାବାଦ ହାଇକୋର୍ଟ



ଜଷ୍ଟିସ ମହେଶ ଚନ୍ଦ୍ର ତ୍ରିପାଠୀଙ୍କୁ ବମ୍ବେ ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟର ଜଷ୍ଟିସ ଅଶ୍ୱିନୀ କୁମାର ମିଶ୍ରଙ୍କୁ ସେହି ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ସୁପାରିସ କରାଯାଇଛି। ଅନ୍ୟ ଏକ ନିଷ୍ପତ୍ତିରେ କଲେଜିୟମ ହାଇକୋର୍ଟର ଦୁଇ ଜଣ ବିଚାରପତିଙ୍କ ବଦଳି ପାଇଁ ସୁପାରିସ କରିଛନ୍ତି। ଏବେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ଗୁଜରାଟ ହାଇକୋର୍ଟକୁ ବଦଳି ପାଇଁ ଓ ଜଷ୍ଟିସ୍ କୃଷ୍ଣରାମ ମହାପାତ୍ରଙ୍କୁ ଓଡ଼ିଶା ହାଇକୋର୍ଟରୁ ଛତିଶଗଡ଼ ହାଇକୋର୍ଟକୁ ବଦଳି ପାଇଁ ସୁପାରିସ କରାଯାଇଛି। ସୁପ୍ରିମକୋର୍ଟ କଲେଜିୟମଙ୍କ ଏହି ସୁପାରିସ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ନିକଟକୁ ପଠାଯାଇଛି। ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଆନୁଷ୍ଠାନିକ ଭାବେ ଏହା କାର୍ଯ୍ୟକାରୀ ହେବ।

### ଆଲ୍ଲାହାବାଦ ହାଇକୋର୍ଟଙ୍କ ବଡ଼ ରାୟ

# 'କେବଳ ବୈବାହିକ ବିବାଦ ଆତ୍ମହତ୍ୟା ପାଇଁ ଉସକାଇବାର ପ୍ରମାଣ ନୁହେଁ'

**ଲକ୍ଷ୍ନୌ (ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ଆଲ୍ଲାହାବାଦ ହାଇକୋର୍ଟ ଏକ ବଡ଼ ରାୟ ଦେଇଛନ୍ତି। ଲକ୍ଷ୍ନୌ ବେଞ୍ଚ ଯୌତୁକ ନିର୍ଯାତନା ଏବଂ ଆତ୍ମହତ୍ୟା ପାଇଁ ପ୍ରରୋଚିତ କରିବା ଅଭିଯୋଗରେ ଦୋଷୀ ସାଧାରଣ ସାବ୍ୟସ୍ତ ହୋଇଥିବା ଜଣେ ସ୍ୱାମୀଙ୍କୁ ଦୋଷମୁକ୍ତ କରିଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଆତ୍ମହତ୍ୟା କରିବାର ପ୍ରାୟ ୫ ମାସ ୧୨ ଦିନ ପୂର୍ବରୁ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କୌଣସି ପ୍ରକାରର ଯୋଗାଯୋଗ କିମ୍ବା ବାର୍ତ୍ତାଳାପ ନଥିଲା, ତେଣୁ ସ୍ୱାମୀଙ୍କ ଉପରେ ଆତ୍ମହତ୍ୟା ପାଇଁ ପ୍ରରୋଚିତ କରିବାର ଅଭିଯୋଗ ଲାଗୁ ହୋଇପାରିବ ନାହିଁ। ନ୍ୟାୟମୂର୍ତ୍ତି ସୁଭାଷ ବିଦ୍ୟାର୍ଥୀ ଅଙ୍କୁର ଟଣ୍ଡନଙ୍କ ଅପରାଧିକ ଅପିଲକୁ ଗ୍ରହଣ କରି ଟ୍ରାଏଲ୍ କୋର୍ଟଙ୍କ ରାୟ ଏବଂ ଦଣ୍ଡାଦେଶକୁ ରଦ୍ଦ କରିଦେଇଛନ୍ତି। ପୂର୍ବରୁ ଟ୍ରାଏଲ୍ କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ।

ମାମଲା ଅନୁଯାୟୀ, ମୃତକଙ୍କର ବିବାହ ୧୪ ଡିସେମ୍ବର ୨୦୦୪ରେ ହୋଇଥିଲା। ଅଭିଯୋଗ ଥିଲା ଯେ ସ୍ୱାମୀ ଫ୍ଲାଟ୍ କିଣିବା ପାଇଁ ୧୦ ଲକ୍ଷ ଟଙ୍କା ଯୌତୁକ ମାଗିଥିଲେ। ମୃତକଙ୍କ ବାପା ଜମି ବିକ୍ରି କରି ୬ ଲକ୍ଷ ଟଙ୍କା ଦେଇଥିବା ଦାବି କରିଥିଲେ, କିନ୍ତୁ ବାକି ୪ ଲକ୍ଷ ଟଙ୍କା ପାଇଁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଥିଲା। ୨ ଅକ୍ଟୋବର ୨୦୧୦ରେ ମହିଳା ଜଣକ ଆତ୍ମହତ୍ୟା କରିଥିଲେ।

ହାଇକୋର୍ଟ ଜାଣିବାକୁ ପାଇଲେ ଯେ, ୬ ଲକ୍ଷ ଟଙ୍କା ଯୌତୁକ ଦେଇଥିବା ନେଇ ଆସିଥିବା ଅଭିଯୋଗ ପ୍ରମାଣରେ ପରସ୍ପର ବିରୋଧାଭାସ ରହିଛି। ସାକ୍ଷୀମାନଙ୍କ ବୟାନରେ ପାର୍ଥକ୍ୟ ଥିବା ସହ ଜମି ବିକ୍ରିର ତାରିଖ ଏବଂ ପରିମାଣର କୌଣସି ସ୍ପଷ୍ଟ ବିବରଣୀ ନଥିଲା। କୋର୍ଟ କହିଛନ୍ତି ଯେ, କେବଳ ବୈବାହିକ ତିକ୍ତତା କିମ୍ବା ବିବାଦ ଆତ୍ମହତ୍ୟା ପାଇଁ ପ୍ରରୋଚିତ କରିବାର ଆଧାର ହୋଇପାରିବ ନାହିଁ। ଆତ୍ମହତ୍ୟା ପୂର୍ବରୁ ଅଭିଯୁକ୍ତଙ୍କ ଦ୍ୱାରା ପ୍ରରୋଚନା କିମ୍ବା ସହାୟତାର ଠୋସ୍ ପ୍ରମାଣ ରହିବା ଜରୁରୀ।

ଅନ୍ୟପକ୍ଷରେ, ଲକ୍ଷ୍ନୌ ବେଞ୍ଚ ଗୋମତୀନଗରର ଭରୱାରା ରେଳ କ୍ରସିଂ ନିକଟରେ ପ୍ରସ୍ତାବିତ ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ବାଟ ପରିଷ୍କାର କରିଛନ୍ତି। କୋର୍ଟ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ପୁନର୍ବାର ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ପୂର୍ବ ଅଧିଗ୍ରହଣ ପ୍ରକ୍ରିୟାରେ କିଛି ତ୍ରୁଟି ଥିଲା, ତେଣୁ ଧାରା-୧୧ର ବିଜ୍ଞପ୍ତିରେ ସଂଶୋଧନ କରାଯାଉ କିମ୍ବା ନୂତନ ବିଜ୍ଞପ୍ତି ଜାରି କରାଯାଉ। ରାଜ୍ୟ ସରକାରଙ୍କୁ ଦୁଇ ସପ୍ତାହ ମଧ୍ୟରେ ପ୍ରକ୍ରିୟା ଆରମ୍ଭ କରି ୬ ମାସ ଭିତରେ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକଳ୍ପର ଅଗ୍ରଗତି ଉପରେ ନଜର ରଖିବା ପାଇଁ ଅଦାଲତ ଏକ ସ୍ୱତଃପ୍ରଣୋଦିତ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ମଧ୍ୟ ରୁଜୁ କରିଛନ୍ତି।

# ଟ୍ରାଫିକ୍ ଚେକିଂ ସମୟରେ ପୋଲିସର ଦୁର୍ବ୍ୟବହାର ଉପରେ ମଧ୍ୟପ୍ରଦେଶ ହାଇକୋର୍ଟଙ୍କ କଠୋର ଆଭିମୁଖ୍ୟ

**ନୂଆଦିଲ୍ଲୀ (ଏଜେନ୍ସି):** ଟ୍ରାଫିକ୍ ଚେକିଂ ସମୟରେ ଅନେକ ଲୋକଙ୍କ ଭିନ୍ନ ଭିନ୍ନ ଅନୁଭୂତି ରହିଛି। କେବେ କେବେ ଦୁର୍ବ୍ୟବହାରର ଶିକାରର ଚିତ୍ର ମଧ୍ୟ ଆସିଥାଏ। ଠିକ୍ ଏହିଭଳି ଭାବେ ଏକ ଖବରକୁ ନେଇ ମଧ୍ୟପ୍ରଦେଶ ହାଇକୋର୍ଟ କଠୋର ଆଭିମୁଖ୍ୟ ପ୍ରକାଶ କରିଛନ୍ତି। ମଧ୍ୟପ୍ରଦେଶ ହାଇକୋର୍ଟ ଟ୍ରାଫିକ୍ ଚେକିଂ ସମୟରେ ପୋଲିସ ଅଧିକାରୀଙ୍କ ସହ ଜଣେ ଓକିଲଙ୍କ ଅଭିଯୋଗ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ କରିଛନ୍ତି। କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ନିୟମ ଲାଗୁ କରିବା ପାଇଁ ପୋଲିସର ବଳ ପ୍ରୟୋଗ କରିବାର ଅଧିକାର ଥିବାବେଳେ, ନାଗରିକଙ୍କ ପ୍ରତି ଶାଳୀନତା, ନ୍ୟାୟ ଏବଂ ସଭ୍ୟ ଆଚରଣ ମଧ୍ୟ ଅତ୍ୟାବଶ୍ୟକ। ହାଇକୋର୍ଟ ଜବଲପୁର ପୋଲିସ ଅଧିକ୍ଷକଙ୍କୁ ଆଇନ ଅନୁଯାୟୀ ଓକିଲଙ୍କ ଅଭିଯୋଗ ବିଚାର କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ




କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାଟି ଜବଲପୁରର ବିଜୟ ନଗର ପୋଲିସ ଷ୍ଟେସନ ଅଞ୍ଚଳର। ଦକ୍ଷିଣ ସିଭିଲ୍ ଲାଇନ୍ସର ବାସିନ୍ଦା ଆଡଭୋକେଟ ଶ୍ରେୟାନ୍ସ ଦିୱାର ହାଇକୋର୍ଟରେ ଏକ ଆବେଦନ ଦାଖଲ କରି ଅଭିଯୋଗ କରିଛନ୍ତି ଯେ ୧୧ ଜୁଲାଇ, ୨୦୨୬ରେ ଟ୍ରାଫିକ୍ ଚେକିଂ ସମୟରେ ପୋଲିସ ଅଧିକାରୀମାନେ ତାଙ୍କୁ ଅଶାଳୀନ ବ୍ୟବହାର କରିଥିଲେ। ପିଟିସନରେ ପୋଲିସ ଅଧିକାରୀ କଲମେଶ ମେଶ୍ରାମ ଏବଂ ଅନିଲ ପଟେଲଙ୍କ ବିରୁଦ୍ଧରେ ଦୁର୍ବ୍ୟବହାର, ଆକ୍ରମଣ ଏବଂ ଅପରାଧିକ ଧମକ ସମେତ ଗମ୍ଭୀର ଅଭିଯୋଗ ଆଗତ ଲଗାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଦାବି କରାଯାଇଥିଲା ଯେ, ଦୁଇ ପୋଲିସ କର୍ମଚାରୀଙ୍କ ବିରୋଧରେ ଏଫଆଇଆର ରୁଜୁ କରାଯାଉ, ସେମାନଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଆରମ୍ଭ କରାଯାଉ ଏବଂ ସମ୍ପୂର୍ଣ୍ଣ ମାମଲାର ତଦନ୍ତ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଦ୍ୱାରା କରାଯାଉ। ଏହି ମାମଲାର ଶୁଣାଣି ଜଷ୍ଟିସ ହିମାଂଶୁ ଜୋଶୀଙ୍କ ଏକକ ଖଣ୍ଡପୀଠ ସମ୍ମୁଖରେ ହୋଇଥିଲା। ଶୁଣାଣି ସମୟରେ, ହାଇକୋର୍ଟ ପୋଲିସର କାର୍ଯ୍ୟଶୈଳୀ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ କରିଛନ୍ତି। କୋର୍ଟ କହିଛନ୍ତି ଯେ ପୋଲିସର କାମ ଆଇନ କାର୍ଯ୍ୟକାରୀ କରିବା, କିନ୍ତୁ ନାଗରିକଙ୍କ ସହିତ ସମ୍ମାନର ସହ ବ୍ୟବହାର କରିବା ମଧ୍ୟ ସେମାନଙ୍କର ଦାୟିତ୍ୱ। ଟ୍ରାଫିକ ଯାଞ୍ଚ ସମୟରେ ଅପମାନଜନକ ଭାଷା ବ୍ୟବହାର କରିବା, ଗାଡି ଚାବି ଛଡ଼ାଇ ନେବା କିମ୍ବା ଅଯଥାରେ ଯୁକ୍ତିତର୍କ କରିବା ଉପଯୁକ୍ତ ନୁହେଁ। ଏହି ଘଟଣା ପରେ, ଜଣେ ସହକର୍ମୀଙ୍କ ସହ ପୋଲିସ ଅଧିକାରୀଙ୍କ ଅଭିଯୋଗରେ କ୍ରୋଧିତ ଓକିଲଙ୍କ ଏକ ପ୍ରତିନିଧିମଣ୍ଡଳୀ ଜବଲପୁର ପୋଲିସ ଅଧିକ୍ଷକ ସମ୍ପତ ଉପାଧ୍ୟାୟଙ୍କୁ ଭେଟିଥିଲେ। ଓକିଲମାନେ କହିଥିଲେ ଯେ, ସେମାନଙ୍କ ଅଭିଯୋଗ ସତ୍ତ୍ୱେ, ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ, ଯାହା ଓକିଲଙ୍କୁ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ବାଧ୍ୟ କରିଥିଲା।



# ମକ୍କା ମିଳିତ ପ୍ରତିରକ୍ଷା ଚୁକ୍ତି ଭାରତ ପ୍ରତି ଅପ୍ରୀତିକର ସ୍ଥିତି ସୃଷ୍ଟି କରିପାରେ

ପଶ୍ଚିମ ଏସିଆରେ ଉତ୍ତେଜନା କମୁନାହିଁ । ଆମେରିକା ଓ ଇସ୍ରାଏଲ ଆଗରେ ଇରାନ୍ ନଇଁବାକୁ ନାରାଜ । ବରଂ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ସାମରିକ ଘାଟି ଉପରେ ତେହରାନ ଆକ୍ରମଣ କରି ନିଜର ପ୍ରଭାବ ଜାହିର କରି ରଖିଛି । ପାକିସ୍ତାନ ମଧ୍ୟସ୍ଥତାରେ ଶାନ୍ତି ଆଲୋଚନାରେ ଅଗ୍ରଗତି ନ ହେବାରୁ ଯୁଦ୍ଧ ସ୍ଥିତିରେ ବିରାମ ଆସିବାର ଲକ୍ଷଣ ଦେଖାଯାଉ ନାହିଁ । ଏଭଳି ପରିପ୍ରେକ୍ଷୀରେ ପାକିସ୍ତାନ, ସାଉଦି ଆରବ ଓ ତୁର୍କୀ ମଧ୍ୟରେ ୭ ଅଗଷ୍ଟ ୨୦୨୬ରେ ଏକ ପ୍ରମୁଖ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହୋଇଛି । ତାହାର ନାମ ରଖାଯାଇଛି 'ମକ୍କା ମିଳିତ ପ୍ରତିରକ୍ଷା ଚୁକ୍ତି' । ମକ୍କାର ଅଲ୍-ସାଫା ପ୍ୟାଲେସରେ ଏକ ବୈଠକ ଅବସରରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ , ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ଏବଂ ତୁର୍କୀ ରାଷ୍ଟ୍ରପତି ରେସିପ ତାୟିପ ଏର୍ଡୋଗାନ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି । ଏହା ତୈଳ ସମୃଦ୍ଧ ସାଉଦି ଆରବ, ଇସ୍ ଲାମୀୟ ବିଶ୍ୱର ୫୭ ଦେଶ ମଧ୍ୟରୁ ଏକମାତ୍ର ଆଣବିକ ଅସ୍ତ୍ରସମ୍ପନ୍ନ ରାଷ୍ଟ୍ର ପାକିସ୍ତାନ ଏବଂ ନାଟୋର ଦ୍ୱିତୀୟ ବୃହତ୍ତମ ସେନା ତଥା ପ୍ରତିରକ୍ଷା ଶିଳ୍ପରେ ଆଗୁସାର ଥିବା ତୁର୍କୀକୁ ଗୋଟେ ରଜ୍ଜୁରେ ବାନ୍ଧିପାରିଛି । ତେବେ 'ମକ୍କା ମିଳିତ ପ୍ରତିରକ୍ଷା ଚୁକ୍ତି'କୁ ଦେଖିଲେ ୩ ଦେଶ ମଧ୍ୟରୁ ଜଣଙ୍କ ଉପରେ ଆକ୍ରମଣ ମାନେ ସମସ୍ତଙ୍କ ଉପରେ ଆକ୍ରମଣ ଧରାଯିବ ବୋଲି କୁହାଯାଉଛି । ଏଥିରୁ ବୁଝିବାକୁ ହେବ ଯେ, ଆର୍ଥିକ ଓ ତୈଳଶକ୍ତି କ୍ଷେତ୍ର ଦୃଷ୍ଟିରୁ ବଳଶାଳୀ ସାଉଦି ଆରବ, ସାମରିକ ଅସ୍ତ୍ରଶସ୍ତ୍ରରେ ବଳୀୟାନ ତୁର୍କୀ ଓ ଯୁଦ୍ଧକୌଶଳରେ ନିପୁଣ ତଥା ପଦାତିକ ବାହିନୀକୁ ପରିଚାଳନା କରି ଲଢ଼େଇରେ ଦକ୍ଷ ଆଣବିକ ଅସ୍ତ୍ରସମ୍ପନ୍ନ ପାକିସ୍ତାନ ଏକାଠି ହେବା ବିଶ୍ୱର ଅନ୍ୟ ରାଷ୍ଟ୍ରଙ୍କ ଦୃଷ୍ଟିକୁ ଆସିବା ସ୍ୱାଭାବିକ । ଏଠାରେ ମନେପକାଇ ଦିଆଯାଇପାରେ ଯେ, ୧୭ ସେପ୍ଟେମ୍ବର ୨୦୨୫ରେ ସାଉଦି ଆରବ ରାଜଧାନୀ ରିଆଦର ଅଲ୍-ୟାମାହା ପ୍ୟାଲେସରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଓ ସାଉଦି କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କ ମଧ୍ୟରେ ଷ୍ଟ୍ରାଟେଜିକ ମ୍ୟୁଚୁଆଲ ଡିଫେନ୍ସ ଏଗ୍ରିମେଣ୍ଟ ବା ରଣନୀତିକ ପାରସ୍ପରିକ ସୁରକ୍ଷା ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ସେଥିରେ ମଧ୍ୟ ଦର୍ଶାଯାଇଥିଲା ଯେ, ଜଣଙ୍କ ଉପରେ ଆକ୍ରମଣ ହେଲେ ତାହାକୁ ଦୁଇ ଦେଶ ଉପରେ ଆକ୍ରମଣ ବୋଲି ଧରାଯିବ । ଯେଉଁ ଢଙ୍ଗରେ ପାକିସ୍ତାନ ଓ ସାଉଦି ଆରବ ମଧ୍ୟରେ ସେତେବେଳେ ଚୁକ୍ତି ହୋଇଥିଲା, ଏବେ ତୁର୍କୀ ସେହି ଶୈଳୀରେ ସେମାନଙ୍କ ସହ ମିଶିବା ଅର୍ଥ ଆଗକୁ ବଡ଼ ସାମରିକ ପରିମଣ୍ଡଳ ସୃଷ୍ଟି ଦିଗରେ ୩ ଦେଶ ପ୍ରତିଶ୍ରୁତିବଦ୍ଧ ଭଳି ଲାଗୁଛି । ଯଥେଷ୍ଟ ସମ୍ଭାବନା ରହିଛି ଯେ, ଅନ୍ୟ ସୁନ୍ନି ମୁସଲମାନ ଦେଶ ଏହି ମେଣ୍ଟରେ କ୍ରମଶଃ ଯୋଡ଼ି ହୋଇପାରନ୍ତି । 'ମକ୍କା ମିଳିତ ପ୍ରତିରକ୍ଷା ଚୁକ୍ତି' ହେବା ପରେ ଭାରତ ପ୍ରତିକ୍ରିୟା ପ୍ରକାଶ କରିବାକୁ ଯାଇ କହିଛି ଯେ, ତାହା ଉପରେ ନୂଆଦିଲ୍ଲୀ ତୀକ୍ଷ୍ଣ ନଜର ରଖିଛି । ଅବଶ୍ୟ ଏହା ଭାରତର ଏକ ଘଷରା କଥା । ଯେଉଁ ସ୍ଥିତି ଉପୁଜିଲେ ମଧ୍ୟ ଏତକ କହି ଭାରତ ସାମ୍ପ୍ରତିକ ରଣକୌଶଳଠାରୁ ଦୂରେଇ ଗଲା ଭଳି ମନେହେଉଛି । ସମ୍ଭବତଃ ସେଥିପାଇଁ ଭାରତ ଅନ୍ତର୍ଜାତୀୟ ମଞ୍ଚରେ ନିଜର ଭୂମିକାକୁ ଗୌଣ କରିଦେଉଛି । ବିଶେଷକରି ଭୂମଧ୍ୟସାଗରରୁ ନେଇ ପାରସ୍ୟ ଉପସାଗର ଦେଇ ଆରବ ସାଗର ପର୍ଯ୍ୟନ୍ତ ଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ପାଇଁ ଏକ ଅବିଶ୍ୱାସର ବାତାବରଣ ସୃଷ୍ଟି ହୋଇଛି । ଭାରତ ଯେଉଁଭଳି ଭାବରେ ଇସ୍ରାଏଲ ଓ ଆମେରିକା ଚାପରେ ପଡ଼ି ଇରାନର ଦକ୍ଷିଣରେ ଥିବା ଚାବାହାର ବନ୍ଦର ନିର୍ମାଣ ଦାୟିତ୍ୱରୁ ରାତାରାତି ଓହରିଗଲା, ସେଥିପାଇଁ ଭାରତ ଏକ ନିର୍ଭରଅଯୋଗ୍ୟ ଦେଶ ଭାବେ ପରିଣତ ହୋଇଛି । ଅନେକଙ୍କ ମନେଥିବ ଅପରେଶନ ସିନ୍ଦୂର ବେଳେ ପାକିସ୍ତାନକୁ ତୁର୍କୀ ପର୍ଯ୍ୟାପ୍ତ ଡ୍ରୋନ୍ ଯୋଗାଇ ଦେଇଥିଲା । ଆଗକୁ ମକ୍କା ମିଳିତ ପ୍ରତିରକ୍ଷା ଚୁକ୍ତି ଭାରତ ପ୍ରତି ଅପ୍ରୀତିକର ସ୍ଥିତି ସୃଷ୍ଟି କରିପାରେ । ଭାରତର ଗୋଟେ ଖୋଇ ରହିଛି ଯେ, ପ୍ରତିକଥାରେ ପାକିସ୍ତାନକୁ ଦୋଷ ଦେବା । ଏବର ଶାସନ ବ୍ୟବସ୍ଥାରେ ଦେଶ ଭିତରେ ଧର୍ମ, ଜାତି, ଭୋଟ ବିଭାଜନକୁ ଗୁରୁତ୍ୱ ଦିଆଯାଉଥିବାରୁ ନୂଆଦିଲ୍ଲୀ ଦକ୍ଷିଣ ଏସିଆଠାରୁ ଆରମ୍ଭ କରି ଉତ୍ତର ଆମେରିକା ମହାଦେଶ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଦୃଶ୍ୟପଟରେ ନିଜର ଏକ ସ୍ଥାନ ସୃଷ୍ଟି କରିପାରୁ ନାହିଁ ।

✷ ✷ ✷

## କବିତା ଗୁଚ୍ଛ

### ସଂସାରର ଚକ

ସୁଖ ଦୁଃଖର ସମୟ ଭିତରେ
ସୁଖ ପ୍ରାପ୍ତି କରିବାର ସଂଘର୍ଷରେ
ଅବ୍ୟକ୍ତ ଯନ୍ତ୍ରଣାର ବୋଝରେ
ଏ ଜୀବନଟା ଲାଗେ ନିଛାଟିଆ
ଆଶଙ୍କା ଗ୍ରସ୍ତ ଏକୁଟିଆ ଯାତ୍ରୀପରି ।
ଜୀବନ ସଂଗ୍ରାମ ଅବିରତ ଚାଲେ
ବଞ୍ଚିବାର ଆକର୍ଷଣ ଆଗକୁ ଘୋଷାରେ
ସ୍ଥିତିପାଇଁ ସଂଗ୍ରାମ ଶ୍ରେଷ୍ଠତାପାଇଁ ସଂଗ୍ରାମ ।
ହୃଦୟକୁ ପଥର କରିଦିଏ କେବେ
କେବେ ପୁଣି ସହିନପାରି କରେ ବିକଳ ଚିତ୍କାର
ଏମିତି ଜୀବନ ଘାତ ପ୍ରତିଘାତ ପୂର୍ଣ୍ଣ
କଙ୍କରିତ ଖସଡ଼ା ଲମ୍ବା ରାସ୍ତାଟିଏ ।
ପାଖେ ପାଖେ ମୃତ୍ୟୁ ଚାହିଁ ରହିଥାଏ
ସଂଘର୍ଷ ଭିତରେ କାଳ ସରିଯାଏ
ଦୁର୍ଘଟଣାରେ ହେଉ କି ରୋଗରେ
କାହାକୁ ଅପେକ୍ଷା କରେନା କାଳ
ବୟସକୁ ନିଏନା ସେ ବିଚାରକୁ
ମୃତ୍ୟୁ ଆସେ ଅନିମନ୍ତ୍ରିତ ଭାବେ ।
ସଂସାର ଉଜୁଡ଼ି ଯାଏ ନା
ବଦଳି ଯାଏନା ପୃଥିବୀ ।
ପ୍ରାଣହାନିର ଆଶଙ୍କାରେ ଜୀବନ ଅଟକି ଯାଏନା
ସଂସାରର ଚକ ଗଡ଼ିଚାଲେ ଆଗକୁ ଆଗକୁ ।



- ଅଜୟ କୁମାର ମହାନ୍ତ
ହରିପୁର, କବୀର ପୁର, ଯାଜପୁର ।
ମୋ : ୯୪୩୭୫୬୪୧୬୦

# ପିଓକେ ପ୍ରତିବାଦ : ପାକିସ୍ତାନର ଦୋମୁହାଁ ନୀତି

କାଶ୍ମୀର ଓ ଏହାର ଲୋକଙ୍କ ସ୍ୱାର୍ଥ କଥା କହୁଥିବା ପାକିସ୍ତାନର ଦୋମୁହାଁ ନୀତି ଏବଂ କପଟତା ପୁଣିଥରେ ଲୋକଲୋଚନକୁ ଆସିଛି । ପାକିସ୍ତାନ ଅଧିକୃତ କାଶ୍ମୀର (ପି.ଓ.କେ.)ରେ ମିଳିତ ଆୱାମୀ କାର୍ଯ୍ୟ କମିଟି (ଜେ.ଏ.ଏ.ସି)ର ନେତୃତ୍ୱରେ ଦୀର୍ଘ ସମୟ ଧରି ଚାଲିଥିବା ପ୍ରତିବାଦ ପାକିସ୍ତାନ ସରକାରଙ୍କ ଦାବି ଓ ବାସ୍ତବତା ମଧ୍ୟରେ ଥିବା ତଫାତକୁ ସ୍ପଷ୍ଟ କରିଦେଇଛି । ସେପ୍ଟେମ୍ବର ୨୦୨୫ରେ ପ୍ରତିବାଦକାରୀ ଓ ସରକାରଙ୍କ ମଧ୍ୟରେ ହୋଇଥିବା ଚୁକ୍ତିକୁ କାର୍ଯ୍ୟକାରୀ କରିବାରେ ଇସଲାମବାଦ ବିଫଳ ହେବା ପରେ ଜୁନ୍ ୦୫, ୨୦୨୬ ରୁ ଆନ୍ଦୋଳନ ପୁଣିଥରେ ଜୋର ଧରିଥିଲା । ଦୀର୍ଘ ଦଶନ୍ଧି ଧରି ଅବହେଳା ଓ ଶୋଷଣର ଶିକାର ହୋଇଆସୁଥିବା ପି.ଓ.କେ.ର ଲୋକମାନେ ଗତ ବର୍ଷ ରାଜ୍ୟବ୍ୟାପି ବିକ୍ଷୋଭ ସହ ମୁଜାଫରବାଦ ଅଭିମୁଖେ ଏକ ବିଶାଳ ପଦଯାତ୍ରା କରିଥିଲେ । ଏହି ଜନଆନ୍ଦୋଳନ ଚାପରେ ପାକିସ୍ତାନ ସରକାର ଜେ.ଏ.ଏ.ସି ପକ୍ଷରୁ ଉପସ୍ଥାପିତ ୩୮ଟି ଦାବି ମଧ୍ୟରୁ ଅଧିକାଂଶକୁ ମାନିବାକୁ ବାଧ୍ୟ ହୋଇଥିଲା ।

ସେଥିରେ ଥିବା ପ୍ରମୁଖ ଦାବି ଗୁଡ଼ିକ ହେଲା : ଶାସକ ଗୋଷ୍ଠୀ ପାଇଁ ରହିଥିବା ବିଶେଷ ସୁବିଧାର ଅବସାନ, ରାଜ୍ୟ ବାହାରେ ଥିବା କାଶ୍ମୀରୀ ପ୍ରତିନିଧିଙ୍କ ପାଇଁ ସଂରକ୍ଷିତ ୧୨ଟି ବିଧାନସଭା ଆସନର ବିଲୋପ, ସମସ୍ତଙ୍କ ପାଇଁ ମାଗଣା ଓ ସମାନ ଶିକ୍ଷା ବ୍ୟବସ୍ଥା, ଏକ ଅନ୍ତର୍ଜାତୀୟ ବିମାନ ବନ୍ଦରର ନିର୍ମାଣ, ପ୍ରବାସୀ ପାକିସ୍ତାନୀଙ୍କ ପାଇଁ ଚାକିରି ସଂରକ୍ଷଣର ଅନ୍ତ, ଏକ୍ସପ୍ରେସ ନିର୍ମାଣ, କୃଷି ଓ ଜଳସେଚନ ପାଇଁ ପର୍ଯ୍ୟାପ୍ତ ଜଳ ଯୋଗାଣ, ନ୍ୟାୟିକ ସଂସ୍କାର, ଅନାବଶ୍ୟକ ସରକାରୀ ବିଭାଗ ଗୁଡ଼ିକୁ ବନ୍ଦ କରିବା, ଯୁବକମାନଙ୍କୁ ସୁଧମୁକ୍ତ ଋଣ ପ୍ରଦାନ, ବ୍ୟପକ ନିଯୁକ୍ତି ସୁଯୋଗ, ବ୍ୟବସାୟୀ ସମ୍ପ୍ରଦାୟକୁ ସୁରକ୍ଷା ଓ ସହାୟତା, ବିଦ୍ୟୁତ୍ ବିଲରେ ସବସିଡି ଏବଂ ଗହମ ଅଟା ଉପରେ ସବସିଡି ପ୍ରଦାନ । ଦାବିପତ୍ରରେ ଥିବା ଅଙ୍କାଂଶ ଦାବି ଏପରି ସୁବିଧା ଓ ସେବା ସହ ଜଡ଼ିତ, ଯାହା ଏକ ଗଣତାନ୍ତ୍ରିକ ରାଷ୍ଟ୍ର ସାଧାରଣତଃ ନିଜ ନାଗରିକଙ୍କୁ ପ୍ରଦାନ କରିଥାଏ । କିନ୍ତୁ ପି.ଓ.କେ.ର ଲୋକମାନଙ୍କୁ ଏହି ମୌଳିକ ସୁବିଧା ପାଇଁ ପଥ ପ୍ରତିବାଦ କରିବାକୁ ପଡୁଛି ।

କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କ ଦାବି ପ୍ରତି ଧ୍ୟାନ ନଦେବାରୁ ଜେ.ଏ.ଏ.ସି. ମୁଜାଫରବାଦ୍ ଅଭିମୁଖେ ପଦଯାତ୍ରା ଓ ବିକ୍ଷୋଭର ଆହ୍ୱାନ ଦେଇଥିଲା । ଆଲୋଚନା କରିବା ପରିବର୍ତ୍ତେ ପାକିସ୍ତାନୀ ସୁରକ୍ଷା ବଳ ଜୁନ୍ ମାସରେ ଜେ.ଏ.ଏ.ସି. ନେତାମାନଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏଥିରେ ବଶୀର ହବିବଙ୍କ ମୃତ୍ୟୁ ହୋଇଥିବାବେଳେ ଉମର ନଜିର କାଶ୍ମୀରୀଙ୍କ ସମେତ ଅନେକ ନେତା ଆହତ ହୋଇଥିଲେ ଏବଂ ଶୌକତ ନୱାଜ କାଶ୍ମୀରୀଙ୍କ ସହ ଅନ୍ୟ ନେତାମାନଙ୍କୁ ଗିରଫ କରାଯାଇଥିଲା ।



ଏହା ପରେ ଆନ୍ଦୋଳନ ଅଧିକ ତୀବ୍ର ହୋଇ ରାୱଲକୋଟ, କୋଟଲି, ମୀରପୁର ଓ ପୁଞ୍ଚରେ ଧାରଣା ଓ ବିକ୍ଷୋଭ ଜାରି ରହିଥିଲା । ଜୁନ୍ ୫ରୁ ସେମାନେ ନିଜର ଗଣତାନ୍ତ୍ରିକ ଅସ୍ୱୀକାର ଓ ଗିରଫ ନେତାମାନଙ୍କ ମୁକ୍ତି ଦାବିରେ ପ୍ରତିବାଦ ଆରମ୍ଭ କରିଥିଲେ । କିନ୍ତୁ ପାକିସ୍ତାନ ସରକାର ସେମାନଙ୍କ ଦାବି ସମାଧାନ କିମ୍ବା ଜେ.ଏ.ଏ.ସି. ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବା ପରିବର୍ତ୍ତେ ବଳପ୍ରୟୋଗ ମାଧ୍ୟମରେ ଆନ୍ଦୋଳନକୁ ଦମନ କରିବାକୁ ଉଦ୍ୟମ କରିଛି ।

ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁସାରେ ପାକିସ୍ତାନ ପ୍ରାୟ ୪୦ ହଜାର ସୁରକ୍ଷାକର୍ମୀ ମୁତୟନ କରି ଆନ୍ଦୋଳନକୁ ଦମନ କରିବାକୁ ଚେଷ୍ଟା କରିଥିଲା । ଲୁହବୁହା ଗ୍ୟାସ, ଗୁଳିଚାଳନା ଓ ବଳପୂର୍ବକ କାର୍ଯ୍ୟାନୁଷ୍ଠାନରେ ଅନେକ ଲୋକ ମୃତ ଓ ଆହତ ହୋଇଥିବା ଅଭିଯୋଗ ରହିଛି । ଜେ.ଏ.ଏ.ସି.ର ଅଭିଯୋଗ ଅନୁସାରେ ୮୦ରୁ ଅଧିକ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକାରୀଙ୍କ ମୃତ୍ୟୁ ଏବଂ ୧୭୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ସେହିପରି ସୁରକ୍ଷାବାହିନୀ ସରକାରୀ ହସ୍ପିଟାଲରୁ ୫୬ଟି ମୃତଦେହ ନେଇଯାଇଥିବା ଅଭିଯୋଗ ମଧ୍ୟ କରାଯାଇଛି । ଭୟର ପରିବେଶ ସୃଷ୍ଟି ହେବାରୁ ଅନେକ ଆହତ ବ୍ୟକ୍ତି ସରକାରୀ ହସ୍ପିଟାଲକୁ ନଯାଇ ଘରେ କିମ୍ବା ବେସରକାରୀ ହସ୍ପିଟାଲରେ ଚିକିତ୍ସା କରାଇଥିଲେ ।

ପ୍ରଦର୍ଶନକାରୀମାନେ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ ସୁରକ୍ଷାବାହିନୀ ଘରେ ପଶି ଲୁଟପାଟ କରିଥିଲେ ଏବଂ ପରିବାରର ସଦସ୍ୟମାନଙ୍କ ସହ ଦୁର୍ବ୍ୟବହାର କରିଥିଲେ । କେତେକ ମହିଳା ମଧ୍ୟ ସେମାନଙ୍କ ସହ ଅସଦାଚରଣ ହୋଇଥିବାର ଅଭିଯୋଗ କରିଛନ୍ତି । ସରକାର ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ ମଧ୍ୟ ଆନ୍ଦୋଳନକାରୀମାନେ ନିଜ ଅଭିଯୋଗରେ ଅଟଳ ଅଛନ୍ତି ।

ଜେ.ଏ.ଏ.ସି.ର ଅଭିଯୋଗ ଅନୁସାରେ ସରକାର ନିଜ ଲୋକଙ୍କୁ ଆନ୍ଦୋଳନରେ ମିଶାଇ ହିଂସା ସୃଷ୍ଟି କରି, ଦୋଷ ଆନ୍ଦୋଳନକାରୀଙ୍କ ଉପରେ ଲଦିବାକୁ ଚେଷ୍ଟା କରିଥିଲା । ଜଣେ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ପାଇଁ ସରକାର ଆନ୍ଦୋଳନକାରୀଙ୍କୁ ଦାୟୀ କରିଥିଲେ ମଧ୍ୟ ଜେ.ଏ.ଏ.ସି. ଏହାକୁ ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରିଛି । ମୁଜାଫରବାଦ ବିଶାଳ ପଦଯାତ୍ରା ପୂର୍ବରୁ ସୁରକ୍ଷାବାହିନୀର କାର୍ଯ୍ୟାନୁଷ୍ଠାନ ଆହୁରି କଠୋର ହୋଇଥିଲା । ଗିରଫ, ଗୁଳିଚାଳନା ଓ ରାସ୍ତା ଅବରୋଧ ମାଧ୍ୟମରେ ଲୋକଙ୍କୁ ପଦଯାତ୍ରାରେ ଯୋଗଦେବାରୁ ରୋକିବାକୁ ଚେଷ୍ଟା କରାଯାଇଥିଲା । ଦୀର୍ଘ ସମୟ ଧରି ପିଓକେରେ ବଜାର, ସ୍କୁଲ, ଇଣ୍ଟରନେଟ ଓ ସାଧାରଣ ଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲା ।

ସରକାର ଓ ଜେ.ଏ.ଏ.ସି. ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସମାଧାନ ବାହାରିପାରିନଥିଲା । ଜେ.ଏ.ଏ.ସି. ଗିରଫ ନେତାଙ୍କ ମୁକ୍ତି, ତାଙ୍କ ଉପରେ ଥିବା ମାମଲାର ପ୍ରତ୍ୟାହାର ଓ ସଂଗଠନ ଉପରେ ଲାଗିଥିବା ପ୍ରତିବନ୍ଧକ ହଟାଇବାକୁ ଦାବି କରିଥିଲା । ସରକାର ଏହାକୁ ମାନିନଥିବାରୁ ଆନ୍ଦୋଳନ ଜାରି ରହିଥିଲା । ପରେ କେତେକ ନେତା ପିଓକେ ପାଇଁ ଅଧିକ ସ୍ୱାୟତ୍ତତା ଓ ନିଜ ଭବିଷ୍ୟତ ନିଜେ ନିର୍ଣ୍ଣୟ କରିବାର ଅଧିକାର ଦାବି କରିଥିଲେ । ସେମାନଙ୍କର ନୂଆ ସ୍ଲୋଗାନ ଥିଲା – ୱତନ ୟା କଫନ (ମାତୃଭୂମି କିମ୍ବା ବଳିଦାନ) । ଏହି ଘଟଣାକୁ ନେଇ ଭାରତ ପାକିସ୍ତାନର କାର୍ଯ୍ୟକଳାପକୁ ସମାଲୋଚନା କରିଛି ଏବଂ ପିଓକେରେ ମାନବାଧିକାର ଉଲ୍ଲଙ୍ଘନ ହେଉଥିବା ଅଭିଯୋଗ କରିଛି । ସମାଲୋଚକମାନଙ୍କ ମତରେ, ଭାରତୀୟ କାଶ୍ମୀରର ଲୋକଙ୍କ ଅଧିକାରର କଥା କହୁଥିବା ପାକିସ୍ତାନ, ନିଜ ନିୟନ୍ତ୍ରଣରେ ଥିବା ପିଓକେର ଲୋକଙ୍କ ସହ ଯେଉଁ ବ୍ୟବହାର କରୁଛି, ତାହା ତାହାର ଦୋମୁହାଁ ନୀତିକୁ ସ୍ପଷ୍ଟ କରୁଛି । ଏହି ଘଟଣା ପରେ ପିଓକେର ଲୋକଙ୍କ ମଧ୍ୟରେ ନ୍ୟାୟ, ସମ୍ମାନ ଓ ନିଜ ଭବିଷ୍ୟତ ନିଜେ ନିର୍ଣ୍ଣୟ କରିବାର ଦାବି ଆହୁରି ଜୋରଦାର ହୋଇଛି ।

✷

- ନିୟୁ ଏଜ୍ ଇସଲାମ

# ଦେଶପ୍ରେମ ଧର୍ମବିଶ୍ୱାସର ଏକ ଅବିଚ୍ଛେଦ୍ୟ ଅଙ୍ଗ



ଆଜି ଠାରୁ ଠିକ୍ ୭୯ ବର୍ଷ ପୂର୍ବେ ବ୍ରିଟିଶ ଶାସନ କବଳରୁ ଆମ ପ୍ରିୟ ଭାରତବର୍ଷକୁ ଯେଉଁମାନେ ମୁକ୍ତ କରିଥିଲେ । ୮୦ତମ ସ୍ୱାଧୀନତା ଦିବସ ଅବସରରେ ସେହି ବୀର ସୂରୀମାନଙ୍କର ସ୍ମୃତିଚାରଣ କରାଯାଉଛି । ଏକ ଦୀର୍ଘ ସମୟ ଗୁଲାମୀର ଜଞ୍ଜିରରେ ବାନ୍ଧି ହୋଇ ରହିବା ପରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଆମ ଦେଶ ସ୍ୱାଧୀନ ହେଲା । ଦେଶର ତତ୍କାଳୀନ ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ କହିଥିଲେ, "ହିନ୍ଦୁସ୍ତାନ ବହୁ ଧର୍ମ ଓ ଭାଷାଭାଷୀର ଦେଶ, ଯହିଁରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟୀୟାନ, ଶିଖ, ବୌଦ୍ଧ ଓ ପାରସୀୟମାନେ ବାସ କରନ୍ତି । ସେମାନଙ୍କର ଦେଶ ପ୍ରତି ସମାନ ଅଧିକାର ରହିଛି । ଯେଉଁ ବ୍ୟକ୍ତି ଦେଶର ଏକତା ଓ ଅଖଣ୍ଡତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛି, ସେ ଦେଶ ସହିତ ବିଶ୍ୱାସଘାତକତା କରୁଛି । "ଆମ ଦେଶର ଏହା ପରମ ସୌଭାଗ୍ୟ ଯେ ଏହି ଦେଶରେ ଅନେକ ଅବତାର, ମହାପୁରୁଷ ଏବଂ ଧର୍ମପ୍ରବର୍ତ୍ତକ ଜନ୍ମ ନେଇ ଏ ମାଟିକୁ ପବିତ୍ର କରିଛନ୍ତି । ମାନବ ଜନ୍ମର ସାର ସେମାନେ ବୁଝାଇଛନ୍ତି । ମଣିଷ ଜାତି ସମସ୍ତେ ଭାଇ ଭାଇ ବୋଲି କହି ବସୁଧୈବ କୁଟୁମ୍ବକମ୍ର ପରିବେଶ ଗଢିଛନ୍ତି । ସେହି ମହାତ୍ମାମାନେ ଆମକୁ ସର୍ବେଭବନ୍ତୁ ସୁଖିନଃର ବାର୍ତ୍ତା ଦେଇଛନ୍ତି । ସେମାନଙ୍କର ଶିକ୍ଷା ବିଶ୍ୱବ୍ୟାପୀ ଥିଲା । ବିଶ୍ୱ ଭାଇଚାରା ସୃଷ୍ଟି କରିବା ଏବଂ ବିଶ୍ୱ ଶାନ୍ତି ପ୍ରତିଷ୍ଠା କରିବା ସେମାନଙ୍କର ଲକ୍ଷ ଥିଲା । ରାମଙ୍କ ରାଜ୍ୟ, ଯୁଧିଷ୍ଠିରଙ୍କ ନ୍ୟାୟ, ଦାନବୀର ହରିଶ୍ଚନ୍ଦ୍ରଙ୍କ ଦାନର ପରିବେଶ ଏବେ କାଳକ୍ରମେ ବିଲୁପ୍ତ ହୋଇ ଚାଲିଛି । ସ୍ତ୍ରୀ ଓ ପୁରୁଷ ପରି ମାତ୍ର ଦୁଇଗୋଟି ଜାତିକୁ ଏବେ ଏ କଳୀଯୁଗର ମଣିଷ ଭିନ୍ନ ଭିନ୍ନ ସମ୍ପ୍ରଦାୟରେ ବିଭକ୍ତ କରିସାରିଛି । କୁଟରାଜନୀତି ଏବେ ମଣିଷକୁ ନିଜ ହାତହତିଆର ରୂପେ ବ୍ୟବହାର କରୁଛି । ମଣିଷ ମଣିଷକୁ ଏବେ ଏପରି କାଟୁଛି ଯେପରି ପନିପରିବା କଟାଯାଉଛି । ତେବେ ଆମେ ପରାଧୀନ ରହି, ଗୋଲାମ ହୋଇ, କଷଣ ସହି, ସ୍ୱାଧୀନ ହେଲା ପରେ ଶିଖିଲେ କ'ଣ ଏବଂ ପାଇଲେ କ'ଣ ? ଏବେ ବି ଆମେ ଜଣେ ଅନ୍ୟ ଜଣକୁ ନାଲି ଆଖି ଦେଖାଉଛି । ଅନ୍ୟ ଠାରୁ କିଛି ପାଇବାର ଲାଳସା ରଖି ବସୁଛି । ଅନ୍ୟାୟ, ଅତ୍ୟାଚାର, ପାପାଚାର, ଦୂରାଚାର ଆମ ଅଭ୍ୟାସରେ ପରିଣତ ହୋଇସାରିଛି । ନାରୀ ନିର୍ଯାତନା, ଦୁଷ୍କର୍ମତା, ବ୍ୟଭିଚାରୀତା, ଦୁର୍ନୀତି ଏବଂ ଭ୍ରଷ୍ଟାଚାର ସାଧାରଣ ହୋଇଗଲାଣି । ଅଧିକାଂଶ ଲୋକଙ୍କୁ ବସ୍ତୁର ଲାଳସା ଏବଂ ଧନର ନିଶା ଏତେ ମାତ୍ରାରେ ଘାରିଥାଏ ଯେ ସେମାନେ ନିଜ ଦେଶ ପ୍ରତି ବିଶ୍ୱସ୍ତ ହୁଅନ୍ତି ନାହିଁ, ବରଂ ସେମାନେ ଦେଶର ଆଇନକୁ ଉଲଂଘନ କରିଥାନ୍ତି । ବିଭିନ୍ନ ଅନୈତିକ କାର୍ଯ୍ୟ କରି ଅନ୍ୟର କ୍ଷତି ଘଟାଇବା, ବେଆଇନ କାର୍ଯ୍ୟରେ ଲିପ୍ତ ରହି ନିଜ ଦେଶକୁ ପ୍ରତାରିତ କରିବା, ଅସାଧୁ ଉପାୟରେ ଧନାଦି ଉପାର୍ଜନ କରିବା ଓ ଜାଲିଆତି କରି ଅନ୍ୟର ଅର୍ଥ ଆତ୍ମସାତ କରିବା । ସମସ୍ତ ସୀମା ଉଲଂଘନ କରି ଦେଶ ତଥା ସମାଜର ପ୍ରଭୂତ କ୍ଷତି ସାଧନ କରିବା ଇତ୍ୟାଦି ଦୈନନ୍ଦିନର କାର୍ଯ୍ୟକଳାପ ହୋଇଯାଇଛି । ଦେଶ ବା ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ କରିବା, ବିଶ୍ୱାସଘାତକତା ଏବଂ ପ୍ରତାରଣାମୂଳକ କାର୍ଯ୍ୟ କରିବା ବାରଣ ଥାଇ ମଧ୍ୟ ଏପରି କାର୍ଯ୍ୟ ଯୋଗୁଁ ଦେଶ ଓ ଜାତିର ନିରାପତ୍ତା ତଥା ଶାନ୍ତି ବ୍ୟାହତ ହୋଇଥାଏ । ପୁଣି ଏଗୁଡିକ ଏକ ଦେଶ ବିରୋଧୀ ଆନ୍ତର୍ଘାତୀ କାର୍ଯ୍ୟକଳାପ ।

ପୂର୍ବାଲୋଚିତ ସମସ୍ତ ଦିଗକୁ ବିଚାର କଲେ, ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ଜଣେ ବ୍ୟକ୍ତି ନିଜ ଦେଶ ପ୍ରତି ବିଶ୍ୱାସଭାଜନ ହେବା ସକାଶେ ତା ପାଇଁ ଧୈର୍ଯ୍ୟ ଓ ସହନଶୀଳତା ଏକାନ୍ତ ଆବଶ୍ୟକ । ଏହା ତା'ର ନୈତିକ ଗାରିମାକୁ ଉଦ୍ଭାସିତ କରାଏ ଏବଂ ମାତୃଭୂମିର ସମସ୍ତ ଆଇନ କାନୁନକୁ ପାଳନ କରିବା ପାଇଁ ସେ ଅନୁପ୍ରାଣୀତ ହୁଏ । ଦେଶର ଅନେକ ଭାଗରେ ସରକାରଙ୍କ ନୀତି ବିରୁଦ୍ଧରେ ପ୍ରତିବାଦକରି ଜନତା ଧର୍ମଘଟରେ ସାମିଲ ହୁଅନ୍ତି । ଅନେକ ଜାଗାରେ ବିକ୍ଷୋଭ ପ୍ରଦର୍ଶନକାରୀମାନେ ଭଙ୍ଗାରୁଜା ଓ ପୋଡାଜଳା କରି ଅନେକ ଧନ ଜୀବନ ନଷ୍ଟ କରୁଛନ୍ତି । ସେଥିରେ ଅନେକ ସରକାରୀ ଓ ବେସରକାରୀ ସମ୍ପତି ମଧ୍ୟ ଧ୍ୱଂସ ହୁଏ । ଦେଶପ୍ରେମ ନାମରେ ଏହି କାଣ୍ଡ ଭିଆଉ ଥିବାର ସେମାନେ ଦାବି କରନ୍ତି ସିନା ମାତ୍ର ପ୍ରକୃତ ପକ୍ଷେ ସେମାନଙ୍କ ଆଚରଣରେ ଦେଶ ପ୍ରତି ଭକ୍ତି ଓ ସମ୍ମାନ ପ୍ରଦର୍ଶନ ଲେଶ ମାତ୍ର ଚିହ୍ନ ନଥାଏ । ଏହା ମନେ ରଖିବାକୁ ହେବ ଯେ କୌଣସି ହିଂସାକାଣ୍ଡଜନିତ କ୍ଷୟକ୍ଷତି ବା ଅପରାଧ ନ କରି ବିଭିନ୍ନ ଧର୍ମଘଟ ଶାନ୍ତିପୂର୍ଣ୍ଣ ଭାବରେ ଆୟୋଜିତ ହେଉଥିଲେ ସୁଦ୍ଧା ଏହାର ପରିଣାମ ନକାରତ୍ମକ ହୋଇଥାଏ । ଶାନ୍ତିପୂର୍ଣ୍ଣ ଧର୍ମଘଟ ସତ୍ତ୍ୱେ ଅନେକ ଦେଶରେ ଅର୍ଥନୈତିକ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହୁଏ, ଯଦ୍ଦ୍ୱାରା ସେହି ଦେଶ କୋଟି କୋଟି ଟଙ୍କାର ଆର୍ଥିକ କ୍ଷତି ସହିବାକୁ ବାଧ ହୁଏ । ଏହାକୁ କୌଣସି ପରିସ୍ଥିତିରେ ବି ଦେଶ ପ୍ରତି ଭକ୍ତି ଓ ବିଶ୍ୱସନୀୟତା କୁହାଯାଇ ପାରିବ ନାହିଁ । ଏହାକୁ ସୁବ୍ୟବସ୍ଥିତ କରିବା ଆମ ରାଷ୍ଟ୍ରର ପ୍ରତ୍ୟେକ ନାଗରିକଙ୍କ ପରମ କର୍ତ୍ତବ୍ୟ । ଆମ ଦେଶର ଶାସକଙ୍କ ପ୍ରତି ଆଜ୍ଞାନୁବର୍ତ୍ତୀ ହେବା ପ୍ରତ୍ୟେକ ନାଗରିକଙ୍କ ପ୍ରତି ଅପରିହାର୍ଯ୍ୟ । ଦେଶରେ କୌଣସି ପ୍ରକାରର ଧର୍ମଘଟ ବା ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯଦି ଆଇନ ସଂଗତ ଅନୁମତି ପ୍ରଦାନ କରେ, ତେବେ ସେହି ଦେଶର କୌଣସି କ୍ଷତି ନଘଟାଇ ଅଥବା ଜାତୀୟ ସମ୍ପତି ଧ୍ୱଂସ ନକରି ଯାହା କି ଆର୍ଥିକ ଅବନତିର କାରଣ ହେବ, ଧର୍ମଘଟକାରୀ ଓ ବିକ୍ଷୋପ ପ୍ରଦର୍ଶନକାରୀମାନେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଉଚିତ । ପରିଶେଷରେ ଏତିକି କୁହାଯାଇପାରେ ଯେ ଆଜି ପୃଥିବୀ ଗୋଟିଏ ଗୋଲାକାର ଗ୍ରାମରେ ପରିଣତ ହୋଇଛି । ପୃଥିବୀବାସୀ ଅତି ଘନିଷ୍ଠ ଭାବରେ ପରସ୍ପର ମଧ୍ୟରେ ସଂଯୁକ୍ତ ହୋଇଛନ୍ତି । ସବୁ ଜାତି, ଧର୍ମ ଓ ସଂସ୍କୃତିର ଲୋକମାନେ ଆମ ଦେଶରେ ଦେଖାଯାଆନ୍ତି । ତେଣୁ ଦେଶର ପ୍ରତ୍ୟେକ ନେତା ଏବଂ ନାଗରିକ ସାଧାରଣ ଅଧିବାସୀଙ୍କର ମାନସିକ ଆବେଗ ଓ ହୃଦୟର ଭାବନାକୁ ବିଚାରକୁ ନେଇ ସେଥିପ୍ରତି ସମ୍ମାନ ଜଣାଇବା ଆବଶ୍ୟକ । ସେଠାକାର ନେତା ଓ ପ୍ରଶାସନ ଏପରି ଆଇନ ପ୍ରଣୟନ କରିବାକୁ ଚେଷ୍ଟିତ ହେବା ଉଚିତ, ଯାହା ସତ୍ୟ ଓ ନ୍ୟାୟର ଅଶାନ୍ତର କାରଣ ହେବ ନାହିଁ । ଏକପକ୍ଷେ ଅନ୍ୟାୟ ଓ କ୍ରୁରତା ଲୋପ ପାଇବ ଓ ଅନ୍ୟ ପକ୍ଷେ ଆମେ ପ୍ରକୃତ ନ୍ୟାୟ ପାଇବା ପାଇଁ ସଦା ତତ୍ପର ହେବା । ତେବେ ଯାଇ ଆମେ ପ୍ରକୃତ ସ୍ୱାଧୀନ ବୋଲି କୁହାଇବା ଏବଂ ପ୍ରକୃତ ଶାନ୍ତି ଓ ସହିଷ୍ଣୁତା ପାଇପାରିବା । ଦେଶ ପ୍ରତି ସମ୍ମାନ ପ୍ରକଟ କରିପାରିବା । ଆମେ ପ୍ରକୃତ ନାଗରିକ ବୋଲାଇ ପାରିବା । ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରବର୍ତ୍ତକ ହଜରତ ମିର୍ଜା ଗୁଲାମ ଅହମଦ କୁହନ୍ତି, ହେ ମୋର ପ୍ରିୟ ଦେଶବାସୀ ! ଆପଣମାନେ ନିଜ ଭିତରେ ଭ୍ରାତୃଭାବ ସୃଷ୍ଟି କରନ୍ତୁ । ପ୍ରତ୍ୟେକ ସ୍ତରରେ ସାମ୍ବିଧାନିକ ଚୁକ୍ତି ଅନୁସାରେ କର୍ତ୍ତବ୍ୟ ପାଳନ ପାଇଁ ଅଙ୍ଗୀକାରବଦ୍ଧ ହୁଅନ୍ତୁ । ଦିବ୍ୟ ବାର୍ତ୍ତାବହ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ କୁହନ୍ତି ଦେଶପ୍ରେମ ଧର୍ମବିଶ୍ୱାସର ଏକ ଅବିଚ୍ଛେଦ୍ୟ ଅଙ୍ଗ । ତେଣୁ ନିଷ୍ଠାପୂର୍ଣ୍ଣ ଦେଶଭକ୍ତି ଅତିଆବଶ୍ୟକ । ବିଶ୍ୱପଟରେ ଏବଂ ଭାରତ ବର୍ଷର ଯେକୌଣସି ଅଂଚଳରେ ହେଉବା ନା କାହିଁକି ଅହମଦୀୟା ମୁସଲିମ ସମ୍ପ୍ରଦାୟର ସଭ୍ୟମାନେ ସର୍ବଦା ପ୍ରତ୍ୟେକ ପ୍ରକାରର ତ୍ୟାଗ ସ୍ୱୀକାର କରିବାକୁ ତତ୍ପର ହୋଇ ରହିଥାନ୍ତି । କାରଣ ସ୍ୱଦେଶ ପ୍ରେମ ଏବଂ ଦେଶ ପ୍ରତି ଅନୁରକ୍ତ ହେବା ପ୍ରତ୍ୟେକ ମନୁଷ୍ୟର ଜନ୍ମସିଦ୍ଧ ଅଧିକାର ବୋଲି ସେମାନେ ବିଶ୍ୱାସ କରନ୍ତି । ଆସନ୍ତୁ ଆମେ ସ୍ୱାଧୀନତାର ପ୍ରକୃତ ଅର୍ଥକୁ ବୁଝି ନିଜ ଦେଶ ପ୍ରତି ତ୍ୟାଗ ଓ ବଳିଦାନର କର୍ତ୍ତବ୍ୟ ବହନ କରିବା । ଏବଂ ମେରା ଭାରତ ମହାନର ପ୍ରକୃତ ଦାୟଦ ବୋଲାଇବା । ଜୟ ହିନ୍ଦ୍ ।

✷

- ମୌଲାନା ଫଜଲ ହକ ଖାନ୍
ମଙ୍ଗଳାବାଗ-କଟକ
ମୋ.-୯୬୯୨୨୨୫୦୫୭




# କୁଡୁମୁଲୁଗୁମ୍ମାରେ ତ୍ରିରଙ୍ଗା ଶୋଭାଯାତ୍ରା




**ମାଲକାନଗିରି(ଏନ୍.ଏମ୍.):** ସ୍ୱାଧୀନତାର ୮୦ ତମ ବର୍ଷ ପାଳନ ଅବସରରେ ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଗ୍ରାମରେ ଏକ ଭବ୍ୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଅଞ୍ଚଳବାସୀଙ୍କ ମଧ୍ୟରେ ଜାତୀୟ ଏକତା ଭାଇଚାରା ଓ ଦେଶପ୍ରେମ ବାର୍ତ୍ତା ନେଇ ଆୟୋଜିତ ଶୋଭାଯାତ୍ରାରେ ଗ୍ରାମର ମୁଖ୍ୟ ଲୋକେ, ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଯୁବକଯୁବତୀ ଅଂଶ ଗ୍ରହଣ କରିଥିଲେ । ଛାତ୍ରଛାତ୍ରୀ ୧୦୦ ମିଟର ଲମ୍ବାର ତ୍ରିରଙ୍ଗାକୁ ଧରି ଦେଶ ପ୍ରେମର ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ଡାରଓ୍ୱିନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟରୁ ବାହାରି ପୁରା ବଜାର ପରିକ୍ରମା କରିବା ସହ କଲ୍ୟାଣ ମଣ୍ଡପ ପାଖରୁ ବୁଲି ପୁଣି ଡାରଓ୍ୱିନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟରେ ଶେଷ କରିଥିଲେ । ଆୟୋଜକଙ୍କ ପକ୍ଷରୁ ଅଞ୍ଚଳର ସମସ୍ତ ଜନ ସାଧାରଣ ମାନଙ୍କୁ ସ୍ୱାଧୀନତା ଦିବସରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା । ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ବିଜେପି ଜିଲ୍ଲା ଉପ ସଭାପତି ତଥା ଚିତ୍ରକୋଣ୍ଡା ପୂର୍ବତନ ବିଧାୟକ ଡମ୍ବରୁ ଶିଶା, ବିଜେପି ଖଇରପୁଟ ମଣ୍ଡଳ ସଭାପତି ଜ୍ୟୋତି ରଞ୍ଜନ ବେହେରା,ଡାରଓ୍ୱିନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ , ଡାରଓ୍ୱିନ ସ୍ମାରକୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ମହାନ୍ତି, ପିଏମ୍ ଶ୍ରୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ପୂଜାରୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲ୍ ମହେଶ୍ୱର ସାହୁ, ଖଇରପୁଟ ପୂର୍ବତନ ମଣ୍ଡଳ ସଭାପତି ବିଦ୍ୟାଧର ସାହାଣୀ, ବିଜେପିର ତ୍ରିରଙ୍ଗା ଯାତ୍ରାର ଜିଲ୍ଲା ସଂଯୋଜକ ରାଜକିଶୋର ମଣ୍ଡଳ, ଜିଲ୍ଲା ସହ ସଂଯୋଜକ ତଥା ମଣ୍ଡଳ ସାଧାରଣ ସମ୍ପାଦକ ଭବତୋଷ ମଣ୍ଡଳ, ମଣ୍ଡଳ କୋଷାଧ୍ୟକ୍ଷ ଅଜୟ କୁମାର ପଟ୍ଟନାୟକ, ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗି, ସାମ୍ବାଦିକ ଭଗବାନ୍ ସାହୁ, ପ୍ରଭାକର ସୁନା, ହିମାଂଶୁ ଶେଖର ସ୍ୱାଇଁ, ଟଙ୍କଧର ହନ୍ତାଳ, ଗୋପୀନାଥ ଦାସ, ସୁଧୀର କୁମାର ପ୍ରଧାନ, ଶିକ୍ଷକ ସୁଧାକର ନାୟକଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

## ସୁବର୍ଣ୍ଣପୁର ଜିଲ୍ଲାରେ ଖୋଲିବ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ

**ସୁବର୍ଣ୍ଣପୁର (ଏନ୍.ଏମ୍.):** ସୁବର୍ଣ୍ଣପୁର ଜିଲ୍ଲାରେ ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ ଅଧୀନରେ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ ଖୋଲିବାକୁ ଆନୁଷ୍ଠାନିକ ଭାବେ ଅନୁମୋଦନ ମିଳିଛି । ଏ ନେଇ ଓଡିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କ ପତ୍ର ସଂଖ୍ୟା ୧୨୮୪୩/ ତା ୦୭.୦୮.୨୦୨୬ ରିଖ ରେ ବିଜ୍ଞପ୍ତି ପ୍ରକାଶ ପାଇଛି । ୨୦୨୬-୨୭ ଶିକ୍ଷାବର୍ଷରୁ ଏହି ମହାବିଦ୍ୟାଳୟ କାର୍ଯ୍ୟକ୍ଷମ ହେବାଦ୍ୱାରା ଏହି ଜିଲ୍ଲା ସମେତ ଅନ୍ୟ ଜିଲ୍ଲାର ଛାତ୍ରଛାତ୍ରୀମାନେ ମତ୍ସ୍ୟ ବିଜ୍ଞାନ ଓ ମତ୍ସ୍ୟଚାଷ ସମ୍ପର୍କିତ ଉଚ୍ଚଶିକ୍ଷାର ନୂତନ ସୁଯୋଗ ପାଇ ପାରିବେ । ଏହା କେବଳ ଏହି ଜିଲ୍ଲା ପାଇଁ ନୁହେଁ, ଆମ ଅଞ୍ଚଳର ଯୁବପିଢ଼ି, ମତ୍ସ୍ୟଚାଷୀ ଓ ମତ୍ସ୍ୟ କ୍ଷେତ୍ରର ବିକାଶ ପାଇଁ ମଧ୍ୟ ଏକ ବଡ଼ ଉପଲବ୍ଧି । ଶିକ୍ଷା, ଗବେଷଣା, ରୋଜଗାର ଓ ମତ୍ସ୍ୟଚାଷର ଆଧୁନିକୀକରଣକୁ ନୂତନ ଗତି ମିଳିବ ବୋଲି ଆଶା କରାଯାଏ । ଏହି ଐତିହାସିକ ପଦକ୍ଷେପ ପାଇଁ ଓଡ଼ିଶା ସରକାର, ଓଟିଇଞ୍ଜ ଏବଂ ସମସ୍ତ ସମ୍ପୃକ୍ତ ବିଭାଗକୁ ଜିଲ୍ଲା ବାସୀ କୃତଜ୍ଞତା ଜଣାଇଛନ୍ତି ।

### ଏମକେସିଜି ମେଡିକାଲରେ ନିଦାନ ଯୋଜନାରେ ହରିଲୁଟ୍ ଓ ଡାକ୍ତର ଅଭାବ

# ବିକ୍ଷୋଭ କଲେ ମାନବ ଅଧିକାର ସୁରକ୍ଷା ମଞ୍ଚ



**ବ୍ରହ୍ମପୁର (ଏନ୍.ଏମ୍.) :** ଦକ୍ଷିଣ ଓଡ଼ିଶାର ସର୍ବବୃହତ ସ୍ୱାସ୍ଥ୍ୟ କେନ୍ଦ୍ର ଏମକେସିଜି ମେଡିକାଲ୍ କଲେଜ ଓ ହସପିଟାଲରେ ବ୍ୟାପିଥିବା ଅନିୟମିତତା, ହରିଲୁଟ୍ ଓ ମୌଳିକ ସୁବିଧା ଅଭାବକୁ ନେଇ ଆଜି ମାନବ ଅଧିକାର ସୁରକ୍ଷା ମଞ୍ଚ ତରଫରୁ ମେଡ଼ିକାଲ୍ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ମଞ୍ଚର ଆବାହକ ଅବନୀ ଗୟା ଅଭିଯୋଗ କରିଛନ୍ତି ଯେ, ସରକାରଙ୍କ ନିଦାନ ଯୋଜନା ନାମରେ ଏମକେସିଜିରେ ଦିନଦ୍ୱିପ୍ରହରେ ହରିଲୁଟ୍ ଚାଲିଛି । ଏମ୍ଆରଆଇ ପରୀକ୍ଷା ପାଇଁ ରୋଗୀଙ୍କୁ ଘରୋଇ 'ନିଦାନ' କେନ୍ଦ୍ରକୁ ପଠାଯାଇ ପ୍ରତି ରୋଗୀ ପିଛା ପ୍ରାୟ ୧୦,୦୦୦ ଟଙ୍କା ସରକାରୀ ପାଣ୍ଠିରୁ ଖର୍ଚ୍ଚ ହେଉଛି । ପ୍ରତିଦିନ ଶହ ଶହ ରୋଗୀଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କା ବିଲ୍ ହେଉଥିଲେ ମଧ୍ୟ ହସ୍ପିଟାଲରେ ନୂତନ ଏମଆରଆଇ ମେସିନ୍ ସଂଯୋଗ କରାଯାଉନାହିଁ । ମେଡ଼ିକାଲ୍ କର୍ତ୍ତୃପକ୍ଷ ଓ ଘରୋଇ ନିଦାନ କେନ୍ଦ୍ର ମଧ୍ୟରେ କଣ ସଲାସୂତରା ଚାଲିଛି, ତାହା ତଦନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ରହିଛି ବୋଲି ଦାବି ହୋଇଛି । ଏହା ସହ ଟ୍ରମା କେୟାର ବିଭାଗରେ ଡିଜିଟାଲ ଏକ୍ସରେ ମେସିନ୍ ନଥିବାରୁ ଜରୁରୀ ରୋଗୀ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଘରୋଇ କେନ୍ଦ୍ରକୁ ଦୌଡୁଛନ୍ତି । ଛୁଟି ଦିନରେ ରେଡିଓଲୋଜି ବିଭାଗ ବନ୍ଦ ରହୁଥିବାରୁ ରୋଗୀ ମାନେ ଚରମ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ଚିକିତ୍ସାନୁଷ୍ଠାନରେ ସମସ୍ତ ଛୁଟି ବାତିଲ କରିବା ଓ ଯଥାଶୀଘ୍ର ରୋଗୀଙ୍କ ଆବଶ୍ୟକୀୟ ପରୀକ୍ଷା କରି ରିପୋର୍ଟ ଦେଲେ ତାଙ୍କ ଚିକିତ୍ସା ଆରମ୍ଭ ହୋଇପାରିବ ବୋଲି ମଞ୍ଚ ଅଭିଯୋଗ କରିଛି । ପ୍ରତିବର୍ଷ ଜଳାପୋଡ଼ା ଦୁର୍ଘଟଣାରେ ବହୁ ଲୋକଙ୍କ ମୃତ୍ୟୁ ହେଉଥିଲେ ମଧ୍ୟ ଏମକେସିଜି ମେଡିକାଲ୍ ରେ ବର୍ଣ୍ଣ କେୟାର ୟୁନିଟ୍ ନାହିଁ । ପ୍ରତିବର୍ଷ ଶତାଧିକ ଲୋକ ଜଳାପୋଡ଼ା ଦୁର୍ଘଟଣାର ଶିକାର ହେଉଥିଲେ ବି ରାଜ୍ୟ ସରକାରଙ୍କ ଗାଲୁଆମି ନୀତି ବନ୍ଦ ହେଉନାହିଁ । ସେହିପରି ହସ୍ପିଟାଲରେ ଡାକ୍ତର ପଦବୀ ବହୁ ସଂଖ୍ୟାରେ ଖାଲି ପଡ଼ିଛି । ଏଭଳି ଡ଼ାକ୍ତର ଅଭାବ ପରିସ୍ଥିତିରେ ପୁଣି ଗତକାଲି ପାଞ୍ଚ ଜଣ ଅଭିଜ୍ଞ ବିଶେଷଜ୍ଞଙ୍କୁ ସ୍ଥାନୀୟ ଆବଶ୍ୟକତାକୁ ଅଣଦେଖା କରି ଅନ୍ୟତ୍ର ବଦଳି କରିବା ଘୋର ନିନ୍ଦନୀୟ । ମଞ୍ଚର ୪ଗୋଟି ପ୍ରମୁଖ ଦାବି ମଧ୍ୟରେ ନିଦାନ ଯୋଜନାରେ ହେଉଥିବା ହରିଲୁଟର ଉଚ୍ଚସ୍ତରୀୟ ତଦନ୍ତ, ଏମକେସିଜିରେ ନୂତନ ଏମଆରଆଇ ମେସିନ୍ ଓ ଟ୍ରମା କେୟାର୍ ବିଭାଗରେ ଡିଜିଟାଲ ଏକ୍ସରେ ସଂଯୋଗ, ତୁରନ୍ତ ବର୍ଣ୍ଣ କେୟାର ୟୁନିଟ୍ ସ୍ଥାପନ, ଖାଲି ଥିବା ସମସ୍ତ ଡାକ୍ତର ପଦବୀ ପୂରଣ ଆଦି ଦାବି ଉଲ୍ଲେଖିତ ସ୍ମାରକପତ୍ର ମେଡ଼ିକାଲ୍ ରେଜିଷ୍ଟ୍ରାର ଶ୍ୱେତରଞ୍ଜନ ଦାସଙ୍କୁ ପ୍ରଦାନ କରାଯାଇଛି । ଦାବି ପୂରଣ ନହେଲେ ଆଗାମୀ ଦିନରେ ମଞ୍ଚ ତରଫରୁ ଆହୁରି ଉଗ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଉକ୍ତ ବିକ୍ଷୋଭରେ ସଭାପତି ଗଗନ ଚନ୍ଦ୍ର ମଲ୍ଲିକ,ସମ୍ପାଦକ ଆର ସତ୍ୟନାରାୟଣ ରାଓ, ସମାଜସେବୀ ସୁରେନ୍ଦ୍ରନାଥ ପଣ୍ଡା, ଗଗନ ଚାନ୍ଦ ପ୍ରଧାନ, ହରିକ୍ରିଷ୍ଣା ବେହେରା, ମହମ୍ମଦ ସଫିଉଦ୍ଦିନ ମଲ୍ଲିକ, ପୂଜ୍ୟ ପୂଜା ସମିତି ସମ୍ପାଦକ ଏସ. ଶାମ୍ଭଶିବକ୍ଷ ରାଓ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# କାନାରା ବ୍ୟାଙ୍କ ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମେଗା ମେଧାବୃତ୍ତି ବଣ୍ଟନ



**ବ୍ରହ୍ମପୁର (ଏନ୍.ଏମ୍.):** କାନାରା ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁର ପରିସରରେ ଏକ ମେଗା ମେଧାବୃତ୍ତି ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ 'କାନାରା ବ୍ୟାଙ୍କ ଡ. ଆମ୍ବେଦକର ବିଦ୍ୟା ଜ୍ୟୋତି ସ୍କଲାରସିପ୍' ପ୍ରଦାନ କରାଯାଇଛି । ଏଥିରେ ବ୍ରହ୍ମପୁରର ବିଧାୟକ କେ. ଅନିଲ କୁମାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । କାନାରା ବ୍ୟାଙ୍କର ସହକାରୀ ମହାପ୍ରବନ୍ଧକ ତଥା ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ଶୈକ ମେହବୁବ, ସ୍ୱାଗତ କରିବା ସହ ବ୍ୟାଙ୍କର ଏହି ଜନକଲ୍ୟାଣକାରୀ ମେଧାବୃତ୍ତି ଯୋଜନା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବର୍ଗର ମେଧାବୀ ଛାତ୍ରୀମାନଙ୍କୁ ବ୍ୟାଙ୍କ ପକ୍ଷରୁ ପ୍ରତିବର୍ଷ ଏହି ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ବାଳିକା ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ପାଠପଢ଼ାର ନିରନ୍ତରତା ବଜାୟ ରଖିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମରେ ମୋଟ ୩୨୪ ଜଣ ଛାତ୍ରୀଙ୍କୁ ସର୍ବମୋଟ ୧୨.୯୬ ଲକ୍ଷ ଟଙ୍କାର ସ୍କଲାରସିପ୍ ରାଶି ସେମାନଙ୍କ ସଞ୍ଚୟ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯାଇଛି । ଏହି ଅବସରରେ ଅତିଥିଙ୍କ ଦ୍ୱାରା ଛାତ୍ରୀମାନଙ୍କୁ ବ୍ୟାଙ୍କ ପାସବୁକ୍ ହସ୍ତାନ୍ତର କରାଯାଇଥିଲା । ଏହି ସମାରୋହରେ ବ୍ୟାଙ୍କର ବିଭାଗୀୟ ପ୍ରବନ୍ଧକ ସମ୍ପିତ ଶତପଥୀ, ପ୍ରବନ୍ଧକ ନିତ୍ୟାନନ୍ଦ ପ୍ରଧାନ, ଆର୍ଥିକ ଅନ୍ତର୍ଭୁକ୍ତିକରଣ ବିଭାଗର ମୁଖ୍ୟ ମମତା ମହାପାତ୍ର, ରବି ନାରାୟଣ ମୋହିନୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ । ଶେଷରେ ଆଞ୍ଚଳିକ ମୁଖ୍ୟ ଶୈକ ମେହବୁବ ଛାତ୍ରୀମାନଙ୍କ ସହ ଆଲୋଚନା କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

# ରାସ୍ତା ନିର୍ମାଣ ପାଇଁ ପ୍ରତିବାଦରେ ଧାନରୁଆ



### ପ୍ରତିବାଦ କଲେ ଗ୍ରାମବାସୀ

**ଦେବଗଡ଼ (ଏନ୍.ଏମ୍.):** ତ୍ରୁଟିପୂର୍ଣ୍ଣ ଡିଜାଇନରେ କଲଭର୍ଟ ନିର୍ମାଣ ସାଙ୍ଗକୁ ନିମ୍ନ ମାନର କାମ ଯୋଗୁଁ ରିଆମାଳ ବ୍ଲକ ଗୁଣ୍ଡିଆପାଲି ପଞ୍ଚାୟତ ବେଗୁନିଆନାଳି ଜରିସାହି ରାସ୍ତାରେ ଆଣ୍ଠୁଏ ବହଳର କାଦୁଅ ଜମି ରହିଛି । ଫଳରେ ଏହି ରାସ୍ତା ଉପରେ ନିର୍ଭରଶୀଳ ବେଗୁନିଆନାଳୀ, ତାବଡ଼ା, ରଙ୍ଗମାଟିଆ ଓ କୁଦାଳପାଳ ସମେତ ଆଖପାଖ ଅଞ୍ଚଳବାସୀ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏନେଇ ଅଞ୍ଚଳବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଗୁରୁମାର ବେଗୁନିଆନାଳି ଗ୍ରାମବାସୀ କାଦୁଅ ପଚପଚ ରାସ୍ତାରେ ଧାନ ଗଛରୋପଣ କରି ସରକାରୀ ଅବହେଳାର ଅଭିନବ ପ୍ରତିବାଦ କରିଥିଲେ । ଉକ୍ତ ରାସ୍ତାର ଉନ୍ନତିକରଣ ପାଇଁ ସରକାର ପଞ୍ଚଦଶ ଅର୍ଥ କମିଶନ ପକ୍ଷରୁ ୯ ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି । ଏହି ଅର୍ଥରେ କଲଭର୍ଟ ନିର୍ମାଣ କରାଯିବା ସହ ରାସ୍ତା ଉନ୍ନତିକରଣ କାର୍ଯ୍ୟ ଜାରୀ ରହିଛି । ମାତ୍ର ତ୍ରୁଟିପୂର୍ଣ୍ଣ ଡିଜାଇନ ଓ ନିମ୍ନ ମାନର କାର୍ଯ୍ୟ ଯୋଗୁଁ ବର୍ଷା ପାଣିରେ ରାସ୍ତାର ଗୋଟିଏ ପାର୍ଶ୍ୱରୁ ବହୁ ପରିମାଣର ମାଟି ଧୋଇ ନେଇଛି । ଘଟଣାକୁ ଚପାଇବା ନିମନ୍ତେ ରାସ୍ତାରେ ଦାୟିତ୍ୱହୀନ ଭାବେ ମୋରମ ଓ ମାଟି ବିଛାଯାଇଥିବାରୁ ଅଳ୍ପ ବର୍ଷାରେ ମଧ୍ୟ ଉକ୍ତ ରାସ୍ତାରେ ଆଣ୍ଠୁଏ ବହଳର କାଦୁଆ ଜମି ରାସ୍ତା ବ୍ୟବହାର ଅନୁପଯୋଗୀ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

### ଓଡ଼ିଶାରେ ପ୍ରଥମଥର ପାଇଁ ଆନ୍ତର୍ଜାତୀୟସ୍ତରର

# ବୃହତ୍ ବ୍ୟୁଟି ଓ ଲାଇଫ୍‌ଷ୍ଟାଇଲ୍ ପ୍ରଦର୍ଶନୀ




**ଭୁବନେଶ୍ୱର(ଏନ୍.ଏମ୍.) :** ଓଡ଼ିଶାର ବ୍ୟୁଟି ଓ ଲାଇଫ୍‌ଷ୍ଟାଇଲ୍ ଶିଳ୍ପ ପାଇଁ ଏକ ନୂଆ ଅଧ୍ୟାୟର ଆରମ୍ଭ କରିବାକୁ ଯାଉଛି ବିବିଡ଼ି ପ୍ରୋ ବିୟୁଟି । ଇଣ୍ଡିଆନ ବିୟୁଟି କାଉନସିଲ ଓ ଆରିଷ୍ଟି ଡଟ ଯୁକେଙ୍କ ମିଳିତ ଉଦ୍ୟମରେ ପ୍ରଥମଥର ପାଇଁ ଓଡ଼ିଶାରେ ଏକ ଆନ୍ତର୍ଜାତୀୟ ସ୍ତରର ବ୍ୟୁଟି ଓ ଲାଇଫ୍‌ଷ୍ଟାଇଲ୍ ଶୋକେସ୍ ଆୟୋଜିତ ହେବ । ଏହି ଦୁଇଦିନିଆ ମେଗା ଇଭେଣ୍ଟରେ ୧୫୦ରୁ ଅଧିକ କସ୍ମେଟିକ୍ସ, ବ୍ୟୁଟି, ସାଲୁନ୍ ଓ ମେକଅପ୍ ବ୍ରାଣ୍ଡ ଗୋଟିଏ ଛାତ ତଳେ ଏକାଠି ହେବେ । ଏହା କେବଳ ଏକ ପ୍ରଦର୍ଶନୀ ନୁହେଁ; ବରଂ ବିୟୁଟି ପ୍ରଫେସନାଲ୍, ଇଣ୍ଡଷ୍ଟ୍ରି ଏକ୍ସପର୍ଟ, କଣ୍ଟେଣ୍ଟ କ୍ରିଏଟର ଇନ୍‌ଫ୍ଲୁଏନ୍ସର୍ ଓ ଟ୍ରେଣ୍ଡସେଟରସମାନଙ୍କୁ ଏକ ମଞ୍ଚରେ ଆଣିବାର ଏକ ବିଶେଷ ପ୍ରୟାସ । ନୂଆ ବ୍ରାଣ୍ଡ, ନୂଆ ପ୍ରଡକ୍ଟ, ଆଧୁନିକ ବ୍ୟୁଟି ଟ୍ରେଣ୍ଡ୍ ଏବଂ ଇଣ୍ଡଷ୍ଟ୍ରିର ନୂଆ ସୁଯୋଗ ସମ୍ପର୍କରେ ଜାଣିବା ସହ ପ୍ରଫେସନାଲ୍‌ମାନଙ୍କ ପାଇଁ ନେଟଓ୍ୱାର୍କ ଓ ବ୍ୟବସାୟିକ ସମ୍ଭାବନା ସୃଷ୍ଟି କରିବ ଏହି ମେଗା ଇଭେଣ୍ଟର ମୁଖ୍ୟ ଲକ୍ଷ୍ୟ । ଏହି ପ୍ରଦର୍ଶନୀ ମାଧ୍ୟମରେ ଓଡ଼ିଶାର ଯୁବ ପ୍ରତିଭା ଓ ଉଦୀୟମାନ ବ୍ୟୁଟି ପ୍ରଫେସନାଲ ମାନେ ଜାତୀୟ ଏବଂ ଆନ୍ତର୍ଜାତୀୟ ବ୍ରାଣ୍ଡ ସହ ଯୋଡ଼ି ହେବାର ସୁଯୋଗ ପାଇବେ । ବ୍ୟୁଟି, ଓ୍ୱେଲନେସ୍ ଓ ଲାଇଫ୍‌ଷ୍ଟାଇଲ୍ କ୍ଷେତ୍ରରେ ନୂତନ ବ୍ୟବସାୟିକ ଧାରଣା, ଦକ୍ଷତା ବିକାଶ ଓ ରୋଜଗାରର ସମ୍ଭାବନାକୁ ମଧ୍ୟ ଏହି ଆୟୋଜନ ଉତ୍ସାହିତ କରିବ । ସ୍ଥାନୀୟ ବ୍ୟବସାୟୀ, ସାଲୁନ୍ ମାଲିକ, ମେକଅପ୍ ଆର୍ଟିଷ୍ଟ ଓ ଉଦ୍ୟୋଗୀମାନଙ୍କ ପାଇଁ ନୂଆ ବଜାର ଓ ସହଯୋଗର ରାସ୍ତା ଖୋଲିବ ବୋଲି ଆୟୋଜକଙ୍କ ମତ ।

### ଐତିହାସିକ ପର୍ଯ୍ୟଟନ ସ୍ଥଳୀ ଭୀମମଣ୍ଡଳୀର ଉନ୍ନତିରେ ବାଧକ ସାଜିଛି ବନ ବିଭାଗ

# ହେଉନାହିଁ ବିକାଶ : ସାଢ଼େ ୮ କୋଟିର କାମ ଫାଇଲରେ



**ରେଢ଼ାଖୋଲ (ଏନ୍.ଏମ୍.):** ଦୀର୍ଘ ବର୍ଷ ସଂଘର୍ଷ ପରେ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ, ଘୋଷରାମାଳ ଗ୍ରାମପଞ୍ଚାୟତ ନିକଟରେ ଥିବା ଐତିହାସିକ ପର୍ଯ୍ୟଟନ ସ୍ଥଳୀ ଭୀମ ମଣ୍ଡଳୀକୁ ଐତିହ୍ୟ ସ୍ଥଳର ମାନ୍ୟତା ମିଳିଛି । କିଛି ମାସ ପୂର୍ବରୁ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଏକ ଗସ୍ତରେ ଆସି ଆୟୋଜିତ ଏକ କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର ପ୍ରଧାନ ୮କୋଟି ୫୦ଲକ୍ଷ ଟଙ୍କା ଅନୁଦାନ ଦେବା ସହିତ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଉନ୍ନତି କରଣ କାର୍ଯ୍ୟ କରିବା ପାଇଁ ଦାୟିତ୍ୱ ନେଇଛି ବନ ବିଭାଗ । ହେଲେ ସାଂସଦ ଶ୍ରୀ ପ୍ରଧାନ କହିଥିଲେ ୧୮ ମାସ ଭିତରେ କାର୍ଯ୍ୟ ସମାପନ କରିବାକୁ । ଜୁଲାଇ ମାସରୁ କାମ ଆରମ୍ଭ ହେବା କଥା କିନ୍ତୁ ୪ ମାସ ବିତି ଯାଇଥିଲେ ସୁଦ୍ଧା ଟଙ୍କାକର କାମ ହୋଇନାହିଁ । ଲୋକେ ପ୍ରଶ୍ନ କରିଛନ୍ତି ଏତିକି ଦିନ ବିତିଲାଣି କାର୍ଯ୍ୟ ଆରମ୍ଭ ହୋଇନି, ସମୟ ଭିତରେ କାର୍ଯ୍ୟ ସରିବ ତ ? ଅନେକ ପରିଦର୍ଶକ ଏଠାକୁ ଆସୁଛନ୍ତି ହେଲେ ନିରାଶ ହୋଇ ଫେରୁଛନ୍ତି । ୪ ମାସ ଭିତରେ ଜରୁରୀ କାମ ଆଗେଇ ପାରି ଥାଆନ୍ତା ହେଲେ ବନ ବିଭାଗ ଜାଣିଶୁଣି ଢିଲା ମାରୁଛି । ଏସଂକ୍ରାନ୍ତରେ ରେଢ଼ାଖୋଲ ଡିଏଫଓ ଡ. ଏଲାବରସନ କେ. ଙ୍କୁ ପଚାରିବାରେ କହିଲେ ଯେ, ଡିପିଆର ହେବାରୁ ବିଳମ୍ବ ହେଉଛି, ଖୁବ୍ ଶୀଘ୍ର କାମ ଆରମ୍ଭ ହେବ ।

# ବିଭିନ୍ନ ସଂଗଠନ ପକ୍ଷରୁ ସୁବର୍ଣ୍ଣପୁର ସହରରେ ତ୍ରିରଙ୍ଗା ଶୋଭାଯାତ୍ରା



**ସୁବର୍ଣ୍ଣପୁର (ଏନ୍.ଏମ୍.):** ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ସହରରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ତ୍ରିରଙ୍ଗାର ସମ୍ମାନ ୮୦ତମ ସ୍ୱାଧୀନତା ଦିବସ ପାଳନକୁ ଲକ୍ଷ୍ୟ ରଖି ସ୍ୱଚ୍ଛ ଭାରତ ସଙ୍ଗଠନର ସଂଯୋଜନାରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍କୁଲ କଲେଜ ପକ୍ଷରୁ ସ୍ଥାନୀୟ ରାମ ଧୂନ୍ କ୍ଲବ୍ ସମ୍ମୁଖରୁ ଗଙ୍ଗାଧର ମେହେର ଛକ ଯାଏ ଏକ ବିଶାଳ ତ୍ରିରଙ୍ଗା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ଡ. ନୃପ ରାଜ ସାହୁ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରି ତ୍ରିରଙ୍ଗା ଶୋଭାଯାତ୍ରା ଦ୍ୱାରା ଅଧିକରୁ ଅଧିକ ଲୋକଙ୍କୁ ସଚେତନ କରାଯାଇ ଲୋକଙ୍କ ମନରେ ଜାତୀୟତା ଭାବ ସୃଷ୍ଟି କରାଯାଇ ପାରିଛି ବୋଲି କହିଥିଲେ । ପୌର ପରିଷଦ ଅଧ୍ୟକ୍ଷା ତାମସୀ ତାମସ୍ମିତା ନାଏକ୍, ଓ ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ସାହୁ ଓ ସମାଜସେବୀ ଶ୍ରୀବତ୍ସ ମଲ୍ଲିକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ମନୋରଞ୍ଜନ ତ୍ରିପାଠୀ ଓ ମନୋଜ୍ ପଣ୍ଡା ସଂଯୋଜନା କରିଥିବାବେଳେ ଏହି ଆୟୋଜନରେ ଲେଫ୍ଟନାଣ୍ଟ ଆଶିଷ କୁମାର ଅଗ୍ରଓ୍ୱାଲ, ଶୟଦ ଅଲି ମୂଲ୍ ଇସଲାମ୍, ଯଶୋଦା ଦେବୀ ନର୍ସିଂ ସ୍କୁଲ୍ ଅଧ୍ୟକ୍ଷ ଦିବାକର ନାୟକ, ରାଜେଶ୍ୱରୀ ନାୟକ, ସ୍ୱପ୍ନା ଶିଖା, ଅଧ୍ୟାପକ ମଦନ ସୁନ୍ଦର ଖେତି, ପୀୟୁଷ ପଣ୍ଡା, ପ୍ରମୋଦ କୁମାର ସାହୁ, ଗୋପାଳ ନେଗି ଶ୍ରିବନ୍ତ ମିଶ୍ର, ଦୁର୍ଯ୍ୟୋଧନ ସାହୁ, କ୍ଷୀରୋଦ ମେହେର, ରବୀନ୍ଦ୍ର ଜେନା, ପୁରନ୍ଦର ମେହେର ପ୍ରମୁଖ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ । ସ୍ୱଚ୍ଛ ଭାରତ ସଙ୍ଗଠନ, ଯଶୋଦା ଦେବୀ ନର୍ସିଂ ସ୍କୁଲ୍, ସୋନପୁର କଲେଜ୍ ଏନ୍ ସି ସି, ଦିବ୍ୟ ଉର୍ଯ୍ୟା ଯୋଗ ସେବା ସମିତି, ରାମ ଧୂନ୍ କ୍ଲବ୍‌ର ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ 'ହର ଘର ତ୍ରିରଙ୍ଗା' 'ଭାରତ ମାତା କି ଜୟ' ବନ୍ଦେ ମାତରଂ ସ୍ଲୋଗାନ ଦେଇ ସହର ପରିକ୍ରମା କରି ଥିଲେ । ଜିଲ୍ଲାପାଳଙ୍କ ସମେତ ସମସ୍ତ ଅତିଥି ସ୍ୱେଚ୍ଛାସେବୀ ଏହି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ଶେଷରେ ଏକ ସଚେତନତା ପଥ ପ୍ରାନ୍ତ ସଭାରେ ଜିଲ୍ଲାପାଳ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରି ସମସ୍ତ ଦେଶ ପ୍ରେମୀଙ୍କୁ ଉତ୍ସାହିତ କରିଥିଲେ । ଆଇନଜୀବୀ ପ୍ରଦୀପ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସରେ ଆୟୁର୍ବେଦୀୟ ଜୀବନ ଚର୍ଯ୍ୟାର ସଚେତନତା କାର୍ଯ୍ୟକ୍ରମ




**ପୁରୀ(ଏନ୍.ଏମ୍.):** ଆସନ୍ତା ୧୭ ଅଗଷ୍ଟରେ ପାଳନ ହେବାକୁ ଯାଉଥିବା ମହର୍ଷି ଚରକ ଜୟନ୍ତୀ ଅବସରରେ ଆଜି ପୁରୀ ନାଗପାଟଣା ସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହେଇଛି । ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପି.ଜି. କାୟ ଚିକିତ୍ସା ବିଭାଗର ସହ ପ୍ରାଧ୍ୟାପିକା ଡା. ସୋନାଲିକା ଜେନା ଓ ଆଧ୍ୟାପିକା ଡା. ଭାରତୀଲତା ଆଚାର୍ଯ୍ୟ ଆୟୁର୍ବେଦରେ ମହର୍ଷି ଚରକଙ୍କ ଦ୍ୱାରା ବର୍ଣ୍ଣିତ ଦୈନନ୍ଦିନ ଜୀବନ ଶୈଳୀ ଉପରେ ଆଲୋକପାତ କରିଥିଲେ । ଦିନଚର୍ଯ୍ୟା, ରାତ୍ରିଚର୍ଯ୍ୟା, ଓ ଋତୁଚର୍ଯ୍ୟାକୁ ଆପଣେଇବା ଦ୍ୱାରା କିପରି ଲାଇଫ୍ ଷ୍ଟାଇଲ୍ ରୋଗ ଗୁଡିକ ଠାରୁ ଆମେ ଦୂରେଇ ରହି ପାରିବା ତଥା ଦୀର୍ଘାୟୁ ହେଇପାରିବା ସେ ବିଷୟରେ ଦର୍ଶାଇଥିଲେ । ଆମର ଶୈଳୀର ବିଷମତା, ଖାଦ୍ୟପେୟର ଅନିୟନ୍ତ୍ରିତତା ଓ ଅନିୟମତା ହିଁ ସମସ୍ତ ରୋଗର ମୁଖ୍ୟ କାରଣ ବୋଲି ଆୟୁର୍ବେଦରେ ୫୦୦୦ ବର୍ଷ ପୂର୍ବରୁ ମହର୍ଷି ଚରକ ସଂହିତାରେ ବର୍ଣ୍ଣନା ଦେଖିବାକୁ ମିଳେ । ଫାର୍ମାସି କଲେଜର ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରଶ୍ନୋତ୍ତର ମାଧ୍ୟମରେ ଏହି ସଚେତନତା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ସି.ପି.ଏସ୍ କଲେଜର ଅଧ୍ୟକ୍ଷ ଡା. ଅମୀୟ କାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ ତଥା ନିର୍ଦ୍ଦେଶକ ଡା.ସନ୍ତୋଷ କୁମାର ପାତ୍ର ସଂଯୋଜନା କରିଥିଲେ ।




# ମୁନିଗୁଡ଼ାରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ସହ ଦେଶପ୍ରେମର ଜୟଘୋଷ

**ମୁନିଗୁଡ଼ା(ଏନ୍.ଏମ୍.):** ମୁନିଗୁଡ଼ା ସହର ଆଜି ତ୍ରୀରଙ୍ଗାମୟ ହୋଇ ଉଠିଥିବା ବେଳେ ସବୁରି ମୁହଁରେ ଥିଲା ଭାରତ ମାତାର ଜୟ ଜୟଘୋଷ । ଆଜି ମୁନିଗୁଡ଼ା ଶାଖା ତ୍ରିରଙ୍ଗା ଶୋଭାଯାତ୍ରା କମିଟି ସଂଯୋଜକ ରାମଚନ୍ଦ୍ର ବେହେରାଙ୍କ ନେତୃତ୍ୱ ଏବଂ ସହ ସଂଯୋଜକ ସୁବାଷ ଗୌଡ଼ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଦେଶପ୍ରେମ ଆଧାରିତ ତ୍ରିରଙ୍ଗା ଶୋଭାଯାତ୍ରାର ଶୁଭାରମ୍ଭ ମୁନିଗୁଡ଼ା ବିଡ଼ିଓ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଦଳପତି,ରେଞ୍ଜର ପ୍ରବୀଣ କୁମାର ଦାସ,ସିଡିପିଓ ପି.ହରିଲକ୍ଷ୍ମି,ବ୍ଲକ କାର୍ଯ୍ୟାଳୟ ବଡ଼ବାବୁ ଜିତେନ୍ଦ୍ର କୁମାର ଧର,ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ହୃଷୀକେଶ ଜାଲି,ମୁନିଗୁଡ଼ା ସାହିତ୍ୟ ସଂସଦ ଉପଦେଷ୍ଟା ଅକ୍ଷୟ ମଲ୍ଲିକ,ବୁଦ୍ଧିଜୀବୀ ମଞ୍ଚ ସଭାପତି ପି.ସୁଧାକର ପାତ୍ର,ପ୍ରେସ କ୍ଲବ ସଭାପତି ରାଜୀବ ଲୋଚନ ଦାସ, ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଦଳାଇ,ପ୍ରଗତି ମଞ୍ଚ ସଭାପତି ଗଣେଶ୍ୱର ରାଓ,ବିଶିଷ୍ଟ ବ୍ୟବସାୟୀ ବି ଉମାଶଙ୍କର ପାତ୍ର,ଆଦିବାସୀ ସମାଜ ସଭାପତି ଜଗନ୍ନାଥ ନୁଣ୍ଡୁକା, ସାମ୍ବାଦିକ ସୀମାଞ୍ଚଳପଣ୍ଡା, ଆଇନଜୀବୀ ଭବାନୀ ଶଙ୍କର ସେନାପତି,ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ ପତିଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ତ୍ରିରଙ୍ଗା ଶୋଭାଯାତ୍ରା ଆରମ୍ଭ ହୋଇଥିଲା ।ଏହି ଦେଶପ୍ରେମ ଭରା ଶୋଭାଯାତ୍ରା ମୁନିଗୁଡ଼ା ମହାବିଦ୍ୟାଳୟରୁ ବାହାରି ସହର ପରିକ୍ରମା ପୂର୍ବକ ମାଆ କନ୍ୟକା ପରମେଶ୍ୱରୀ ମନ୍ଦିର ଦେଇ ପୁନଶ୍ଚ



ମହାବିଦ୍ୟାଳୟ ପରିସରକୁ ପ୍ରତ୍ୟାବର୍ତ୍ତନ କରିଥିଲା । ମୁନିଗୁଡ଼ା ପୋଲିସ ପ୍ରଶାସନ,ଅଗ୍ନି ଶମ ବିଭାଗ,ଓଡ଼ିଶା ଜୀବିକା ମିଶନ ସହ ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀ,ସାଧାରଣ ଜନତା ଏହି ଦେଶପ୍ରେମ ଆଧାରିତ ଶୋଭାଯାତ୍ରାର ଭାଗ ନେଇ ତ୍ରିରଙ୍ଗା ପତାକାକୁ ସମ୍ମାନ ଜଣାଇଥିଲେ । ସବୁ ଆକର୍ଷଣର କେନ୍ଦ୍ର ଥିଲା ୧୦୦/ ୮୦ ମିଟର ଲମ୍ବର ଦୁଇଟି ବିଶାଳ ତ୍ରିରଙ୍ଗା ଧ୍ୱଜକୁ ୪ଟି ମହାବିଦ୍ୟାଳୟ ବିଦ୍ୟାର୍ଥୀ ମାନେ ଟେକିଧରି ନଗର ପରିକ୍ରମା କରିବା ସହ ଭାରତ ମାତାର ଜୟ ଜୟକାର କରିବା ଦେଖିବାକୁ ମିଳିଥିଲା । ମୁନିଗୁଡ଼ାର ବିଭିନ୍ନ ସାମାଜିକ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷଙ୍କ ତରଫରୁ ରାଷ୍ଟ୍ର ଧ୍ୱଜ ତ୍ରିରଙ୍ଗା ଉପରେ ପୁଷ୍ପ ବୃଷ୍ଟି କରାଯାଇଥିଲା । ଦେଶାତ୍ମବୋଧକ ସଙ୍ଗୀତର ମୂର୍ଚ୍ଛନାରେ ଯୁବ ଓ ଛାତ୍ରଛାତ୍ରୀ ମାନେ ଝୁମି ଉଠିଥିଲେ ।

## ରେଙ୍ଗାଳିରେ ଭବ୍ୟ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ

# ଦେଶ ଭକ୍ତିର ବାର୍ତ୍ତା ଦେଲେ ବିଧାୟକ ଅଶୋକ ମହାନ୍ତି

**କଣିହାଁ (ଏନ୍.ଏମ୍.):** ଦେଶପ୍ରେମ, ଜାତୀୟ ଏକତା ଓ ଅଖଣ୍ଡତାର ଭାବନାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ରେଙ୍ଗାଳି ଠାରେ ଭବ୍ୟ 'ହର ଘର ତ୍ରିରଙ୍ଗା' ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ଯାତ୍ରାରେ ଶତାଧିକ ଦେଶପ୍ରେମୀ ନାଗରିକ, ଛାତ୍ରଛାତ୍ରୀ, ଯୁବକ ଓ ବିଭିନ୍ନ ବର୍ଗର ଲୋକେ ଉତ୍ସାହର ସହ ଯୋଗଦେଇଥିଲେ । ଏହି ଅବସରରେ ଜିଲ୍ଲା ଯୋଜନା କମିଟିର ଅଧକ୍ଷ ତଥା ପାଲଲହଡ଼ାର ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ସହ ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ କରିଥିଲେ । ତ୍ରିରଙ୍ଗା ହାତରେ ଧରି ଦେଶପ୍ରେମର ଉତ୍ସାହରେ ଅଂଶଗ୍ରହଣକାରୀମାନେ ଯାତ୍ରାରେ ସାମିଲ ହୋଇଥିଲେ । ପଞ୍ଚାୟତ କାର୍ଯ୍ୟାଳୟ ରେଙ୍ଗାଳି ଠାରୁ ଏହି ବିଶାଳ ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇ ବଜାର ଛକ ଦେଇ ସମ୍ବଲପୁର ଛକ ଓ ସେଠାରୁ କପିଳେଶ୍ୱର ମନ୍ଦିର ଠାରେ ପହଞ୍ଚିଥିଲା । ସମଗ୍ର ଯାତ୍ରା ପଥରେ ଦେଶଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ତ୍ରିରଙ୍ଗା ପତାକାରେ ରେଙ୍ଗାଳି ଉତ୍ସବମୁଖର ହୋଇଉଠିଥିଲା । ଯାତ୍ରା ପରେ ଆୟୋଜିତ ସଭାରେ ବିଧାୟକ ଶ୍ରୀ ମହାନ୍ତି କହିଥିଲେ ଯେ, ତ୍ରିରଙ୍ଗା କେବଳ ଏକ ପତାକା ନୁହେଁ, ଏହା ଭାରତର ଗୌରବ, ସ୍ୱାଭିମାନ, ତ୍ୟାଗ, ସାହସ ଓ ଏକତାର ପ୍ରତୀକ । ଦେଶର ଗୌରବ ଓ ବୈଭବକୁ ଅକ୍ଷୁଣ୍ଣ ରଖିବା ସହ ସମଗ୍ର ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିବା ହେଉଛି ଏଭଳି ତ୍ରିରଙ୍ଗା ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ । ପ୍ରତ୍ୟେକ



ନାଗରିକଙ୍କ ମନରେ ଦେଶପ୍ରେମ ଓ ରାଷ୍ଟ୍ର ପ୍ରତି ଦାୟିତ୍ୱବୋଧ ଜାଗ୍ରତ କରିବାରେ ଏହି ଅଭିଯାନ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ରେଙ୍ଗାଳି ଭାର ପ୍ରାପ୍ତ ଅଧିକାରୀ ଚଞ୍ଚଳା ନାୟକ , ଜଙ୍ଗଲ ବିଭାଗର ଅଧିକାରୀ ସୁଶାନ୍ତ ନାୟକ , ସରପଞ୍ଚ ପ୍ରଦୀପ ସାହୁ , ଜିଲ୍ଲା ବିଜେପି ଉପ ସଭାପତି ନୃସିଂହ ଚରଣ ବରାଳ,ବିନୟ ପ୍ରଧାନ, ଧ୍ରୁବ ଚରଣ ଧୀର , ସୁମନ୍ତ ପ୍ରଧାନ , ମୀନା ସାମଲ , କବିରାମ ନାୟକ , ପବିତ୍ର ନଗର ମଣ୍ଡଳ ସଭାପତି ମନୋଜ ବିଶ୍ୱାଳ, ବାମ ଦେବ ସାମଲ, ଟିକନ ପ୍ରଧାନ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା, ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

## ସରକାରଙ୍କ କାମ ମହିଳା କଲେ

# ନିଶାମୁକ୍ତ ଗାଁ ପାଇଁ ମହିଳାଙ୍କ ରଣହୁଙ୍କାର, ଛାନିଆ ହେଲେ ମଦୁଆ

**ଝରିଗାଁ(ଏନ୍.ଏମ୍.):** ଗାଁରେ ମଦ ବିକ୍ରି ବନ୍ଦ କରି ନିଶାମୁକ୍ତ ପରିବେଶ ଗଠନ ଦାବିରେ ଏବେ ଅଣ୍ଟା ଭିଡ଼ିଛନ୍ତି ଶତାଧିକ ମହିଳା । ମଦ୍ୟପାନ ଯୋଗୁଁ ପରିବାରରେ ଅଶାନ୍ତି, ହିଂସା ଓ ଆର୍ଥିକ କ୍ଷତି ବଢୁଥିବା ଅଭିଯୋଗ କରି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ଚକଲାପଦର ପଞ୍ଚାୟତର ଚାରିଟି ଗ୍ରାମର ମହିଳାମାନେ ଏକଜୁଟ ହୋଇ ମଦ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ରାସ୍ତା ଉପରେ ଏକତ୍ର କରାଯାଇଥିବା ଦେଶୀ ଓ ବିଦେଶୀ ମଦ ବୋତଲ ଓ ପାଉଚ୍ ନଷ୍ଟ କରିବା ସହ ନିଶାମୁକ୍ତ ଗାଁ ଗଠନ ପାଇଁ ମହିଳାମାନେ ସାମୂହିକ ସଂକଳ୍ପ ନେଇଛନ୍ତି । କଙ୍ଗରା, ହଳଦୀଗୁଣ୍ଡା, ହରଡ଼ାପଡ଼ା ସମେତ ଚାରିଟି ଗ୍ରାମର ମହିଳାମାନେ ଏକାଠି ହୋଇ ମଦ ବିରୋଧରେ ଏହି ଅଭିଯାନ ଚଳାଇଛନ୍ତି । ମହିଳାମାନଙ୍କ ଅଭିଯୋଗ



ଅନୁଯାୟୀ, ମଦ୍ୟପାନ ଯୋଗୁଁ ଅନେକ ପରିବାରରେ ଅଶାନ୍ତି ଓ ହିଂସା ସୃଷ୍ଟି ହେଉଛି । ପରିବାରର ରୋଜଗାର ଅର୍ଥର ଏକ ବଡ଼ ଅଂଶ ମଦ ପଛରେ ଖର୍ଚ୍ଚ ହେଉଥିବାରୁ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ହେଉଛି । ଏହାର ପ୍ରଭାବ ଯୁବପିଢ଼ି ଉପରେ ମଧ ପଡୁଥିବା ମହିଳାମାନେ କହିଛନ୍ତି । ମଦ ବିକ୍ରି ବନ୍ଦ ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ଝରିଗାଁ ଥାନାରେ ଲିଖିତ ଅଭିଯୋଗ ମଧ କରାଯାଇଛି । ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଚକଲାପଦର ପଞ୍ଚାୟତ ସଦରଠାରୁ ପ୍ରାୟ ୮ କିମି ଦୂର ଚଟା ଗ୍ରାମରେ ଦେଶୀ ମଦ ଭାଟି ରହିଛି । ସେହିପରି ଝରିଗାଁ ବ୍ଲକ୍ ସଦରରେ ଥିବା ବିଦେଶୀ ମଦ ଦୋକାନ ଓ ବାରରୁ ବିଭିନ୍ନ ଗ୍ରାମକୁ ମଦ ପହଞ୍ଚୁଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି । ଦୀର୍ଘଦିନ ଧରି ମଦ ବିରୋଧରେ ପ୍ରତିବାଦ ଓ ଅଭିଯୋଗ କରାଯାଉଥିଲେ ମଧ ଆଶାନୁରୂପ ପଦକ୍ଷେପ ନିଆଯାଇନଥିବା ମହିଳାମାନେ କହିଛନ୍ତି । ଏହାପରେ ପରିବାର ଓ ଗ୍ରାମବାସୀଙ୍କ ସହ ବୈଠକ କରି ଗାଁକୁ ନିଶାମୁକ୍ତ କରିବା ପାଇଁ ସାମୂହିକ ଭାବେ ଏହି ପଦକ୍ଷେପ ନିଆଯାଇଛି । ମହିଳାମାନଙ୍କ କହିବା ଅନୁଯାୟୀ, ଗାଁରୁ ମଦ ବିକ୍ରି ବନ୍ଦ ହେଲେ ପରିବାରରେ ଶାନ୍ତି ଫେରିବା ସହ ଯୁବପିଢ଼ି ନିଶାରୁ ଦୂରେଇ ରହିବେ । ଏକ ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନରେ ମହିଳାଙ୍କ ଭୂମିକା ଅଗ୍ରଣୀ ବୋଲି ୱାର୍ଡ ମେମ୍ବର ପ୍ରମିଳା ପୂଜାରୀଙ୍କ ସମେତ ଉର୍ବଶୀ ପୂଜାରୀ, ଜନେକ ଦଳପତି, ଶ୍ରୀମତୀ ପୂଜାରୀ, ବୈଦି ପୂଜାରୀ, ଅଳୟ ନାୟକ, ଡାଳିମ୍ବ ପୂଜାରୀ, କମଳା ପୂଜାରୀ ଓ ଯମୁନା ପୂଜାରୀ ପ୍ରମୁଖ କହିଛନ୍ତି ।

# ଦେଶ ବନ୍ଦନାରେ ସମର୍ପିତ ହେଲା ସିଦ୍ଧ ମହାପୁରୁଷ ପାଠାଗାର, ଘର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

**ବଡ଼ଚଣା(ଏନ୍.ଏମ୍.):** ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ରଇପୁର ସ୍ଥିତ ଶ୍ରୀ ସିଦ୍ଧ ମହାପୁରୁଷ ପାଠାଗାର, ପଥରନାସି ଆନୁକୂଲ୍ୟରେ ସବୁ ଘରେ ତ୍ରିରଙ୍ଗା -୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି । ଏହାକୁ ମୁଖ୍ୟ ଅତିଥି ଭାବେ ତ୍ରିରଙ୍ଗା ପତାକା ଦେଖାଇ ଉଦ୍ଘାଟନ କରିଥିଲେ ବିଶିଷ୍ଟ ଶିକ୍ଷାବିତ୍ ତ୍ରିଲୋଚନ ସେନାପତି ।



ପ୍ରଥମେ ମୁଖ୍ୟ ଅତିଥି ଛାତ୍ର ଛାତ୍ରୀଙ୍କୁ ହର୍ ଘର୍ ତ୍ରିରଙ୍ଗା ଓ ବିଭାଜନ ବିଭୀଷିକା ସ୍ମୃତି ଦିବସର ମହତ୍ତ୍ୱ ବୁଝାଇଥିଲେ । ଆଖ ପାଖ ଗ୍ରାମର ବହୁ ଛାତ୍ର ଛାତ୍ରୀ ଓ ଗ୍ରାମବାସୀ ଏହି ତ୍ରିରଙ୍ଗା ଯାତ୍ରାରେ ସାମିଲ୍ ହୋଇଥିଲେ । ଏହି ଯାତ୍ରା ରଇପୁର, ଘାଟକୂଳ ତ୍ରୟମ୍ବକଶ୍ୱରମ୍ ମନ୍ଦିର ଠାରୁ ବାହାରି ରାମେଶ୍ୱରମ ମନ୍ଦିର ଦେଇ ସମ୍ପୂର୍ଣ୍ଣ ଗ୍ରାମ ପରିକ୍ରମା କରିବା ପରେ ସିଦ୍ଧ ମହାପୁରୁଷ ପାଠାଗାର, ପଥରନାସିଠାରେ ପହଞ୍ଚିଥିଲା । ସମ୍ମାନିତ ଅତିଥି ଭାବେ ବ୍ରାଇଟ୍ ଫ୍ୟୁଚର ଏକାଡେମୀର ପ୍ରତିଷ୍ଠାତା ଶିକ୍ଷାବିତ୍ ବାଇଧର ଜେନା ଏହି ତ୍ରିରଙ୍ଗା ଯାତ୍ରାରେ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପାଠାଗାରର ମୁଖ୍ୟ ସଂଯୋଜକ ପଣ୍ଡିତ ଭୂପେଶ କୁମାର ସେନାପତି, ସଂପାଦକ ହିମାଂଶୁ ଭୂଷଣ ଜେନା, ପ୍ରତିଷ୍ଠାତା ସଦସ୍ୟ ବିଜୟ କୁମାର ଜେନା, ଯୁବ ସମାଜସେବୀ ବିମଳ ସେନାପତି ସମେତ ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ମନଚଲା ଯୁବକଙ୍କ ଉଟପଟାଙ୍ଗ କାମ

# ଟ୍ରାଫିକ ନିୟମ ଭାଙ୍ଗି ପୋଲିସ ଉପରେ ଆକ୍ରମଣ




## ଦୁଇ ଗିରଫ ଏବଂ ଗାଡ଼ି ଜବତ

**ବ୍ରହ୍ମପୁର (ଏନ୍.ଏମ୍.):** ସ୍ଥାନୀୟ ବିଶାଳ ମେଗା ମାର୍ଟ ଛକ ନିକଟରେ ବ୍ରହ୍ମପୁର ଟ୍ରାଫିକ୍ ପୋଲିସ କନଷ୍ଟେବଲ ସୁକୁମାରୀ ମଲ୍ଲିକ (ସି / ୩୩୬) ଏବଂ କନଷ୍ଟେବଳ ଆର. ସଦାନନ୍ଦ (ସି / ୯୦୧) ଗେଟ୍ ବଜାର ଫ୍ଲାଏଓଭର ଉପରେ ଚାଲିଥିବା କାମ ପାଇଁ ବିଶାଳ ଛକରେ 'ନୋ ଏଣ୍ଟ୍ରି' ଟ୍ରାଫିକ୍ ଡ୍ୟୁଟି କରୁଥିଲେ । ଓ ଡ଼ି ୦୨ ସିଇ ୪୯୨୪ ନମ୍ବର ବିଶିଷ୍ଟ ଏକ କିଆ କାର ଗେଟ ବଜାର ଛକ ଆଡକୁ ଜୋର ଜବରଦସ୍ତି ଯିବାକୁ ଚେଷ୍ଟା କରିଥିଲା । ଏହା ପରେ ଗାଡ଼ିଟି ବିଶାଳ ମେଗା ମାର୍ଟ 'ନୋ ଏଣ୍ଟ୍ରି' ପାର୍ଶ୍ୱ ଆଡ଼କୁ ଯିବାକୁ ଚେଷ୍ଟା କଲା । ଯେତେବେଳେ କନଷ୍ଟେବଳ ସୁକୁମାରୀ ମଲ୍ଲିକ ସେମାନଙ୍କୁ ବାଧା ଦେଲେ, ଗାଡ଼ିରେ ଥିବା ଲୋକମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଆକ୍ରମଣ କରିଥିଲେ । କିଛି ସମୟପରେ ଅଭିଯୁକ୍ତମାନଙ୍କୁ ବ୍ରହ୍ମପୁର ଟାଉନ୍ ପୋଲିସ ଷ୍ଟେସନକୁ ଅଣାଯାଇଥିଲା । ଗିରଫ ବ୍ୟକ୍ତି ଅନନ୍ତ କେଶରୀ ଦେବ, ବୟସ ୩୫ ଓ ଶିବରାମ ପ୍ରଧାନ, ବୟସ ୩୯ ଙ୍କୁ ପୋଲିସ ଗିରଫ କରିଛି ଏବଂ କିଆ କାରଟିକୁ ଜବତ କରାଯାଇଛି । ଉଭୟେ ଦକ୍ଷିଣପୁର ଗ୍ରାମର ବୋଲି ସୂଚନା ।

# ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ସୋରଡ଼ା ବ୍ଲକ ଓ ବଡ଼ଗଡ଼ ପଞ୍ଚାୟତରେ ଧୂମଧାମରେ ପାଳନ



**ଗଞ୍ଜାମ, ସୋରଡ଼ା (ଏନ୍.ଏମ୍.):** ସୋରଡ଼ାବ୍ଲକ ଓ ସୋରଡ଼ା ଏନ ଏ ସି କାର୍ଯ୍ୟାଳୟ ସହ ବଡ଼ଗଡ଼ ପଂଚାୟତରେ ଧୂମଧାମରେ ପାଳନ ହେଲା ହରଘର ତ୍ରିରଙ୍ଗା ଶୋଭାଯାତ୍ରା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଲେ ସ୍ଥାନୀୟ ବିଧାୟକ ନୀଳମଣି ବିଷୋୟୀ । ଏହାର ଦାୟିତ୍ୱ ନେଇଥିଲେ ସୋରଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତନ୍ମୟ ପାତ୍ର । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଓ ସୁଚାରୁରୂପେ ପାଳନ ପାଇଁ ସୋରଡ଼ା ବ୍ଲକର ଉପ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଜୀବରାଜ ସେନାପତି । ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଏନ ଏ ସି ଅଧକ୍ଷ ଶିବଶଙ୍କର ପଣ୍ଡା, ଜିଲ୍ଲା ପରିଷଦ ସମରେନ୍ଦ୍ର ସାହୁ, ରାଜେଶ ସାହୁ, ଉମେଶ ସାହୁ, ଜଗଦିଶ ରାଜୁ, ବଦ୍ରିନାରାୟଣ ପ୍ରଧାନ, ଘୁମୁସର ଜିଲ୍ଲା ଉପସଭାପତି ରାଧା ମୋହନ ସ୍ୱାଇଁ । ପ୍ରଥମେ ସୋରଡ଼ା ବ୍ଲକରୁ ବାହାରି ପୁରା ସୋରଡ଼ାରେ ବାଇକରେ ତ୍ରିରଙ୍ଗା ଶୋଭା ଯାତ୍ରା କରିବା ସହ ଗୋଟିଏ ନବେ ଫୁଟର ତ୍ରିରଙ୍ଗାକୁ ନେଇ ଓଡିଶା ଜୀବିକା ମିଶନର ମହିଳା ମାନେ ନଗର ପରିକ୍ରମା କରିଥିଲେ । ପରେ ଏହି ଶୋଭା ଯାତ୍ରା ବଡ଼ଗଡ଼ ମା ଦକ୍ଷିଣ କାଳୀ ମନ୍ଦିରରେ ଶେଷ ହୋଇଥିଲା । ବଡ଼ଗଡ଼ ପଞ୍ଚାୟତ ରେ ବଡ଼ଗଡ଼ ସରପଞ୍ଚ ଶ୍ରୀମତୀ ଲକ୍ଷ୍ମୀ ଶବର ଓ ୱାର୍ଡ ସଭ୍ୟ ମାନଙ୍କ ସହ ଓଡିଶା ଜୀବିକା ମିଶନର କାର୍ଯକର୍ତ୍ତା ଓ ଭାରତୀୟ ଜନତା ଦଳର କର୍ମୀମାନଙ୍କୁ ନେଇ ବହୁ ଆଡମ୍ବରରେ ପାଳନ କରି ଏହାକୁ ସଫଳ ରୂପାୟନ କରିଥିଲେ ।

# ମାଥିଲି ଆଇ.ଟି.ଆଇ.ରେ ଇ-ବାହନ ସେଣ୍ଟର ଅଫ୍ ଏକ୍ସିଲେନ୍ସର ଭିତ୍ତିପ୍ରସ୍ତର ରଖିଲେ ମନ୍ତ୍ରୀ ଶ୍ରୀ ସମ୍ପଦ

**ମାଲକାନଗିରି(ଏନ୍.ଏମ୍.):** ମାଲକାନଗିରି ଜିଲ୍ଲା ମାଥିଲି ସରକାରୀ ଆଇ.ଟି.ଆଇ.ରେ ୪.୮ କୋଟି ଟଙ୍କା ବ୍ୟୟବରାଦରେ ନିର୍ମିତ ହେବାକୁ ଥିବା 'ଇଲେକ୍ଟ୍ରିକ୍ ଭେହିକିଲ୍ ଟେକ୍ନୋଲୋଜି' ସେଣ୍ଟର ଅଫ୍ ଏକ୍ସିଲେନ୍ସର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ଏହାସହ ଅନୁଷ୍ଠାନର ଶିକ୍ଷାଦାନ ଓ



ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ମନ୍ତ୍ରୀ ସେଠାରେ ଏକ ଇଞ୍ଜିନିୟରିଂ ଡ୍ରଇଂ ଲ୍ୟାବ୍, ଅନଲାଇନ୍ କ୍ଲାସରୁମ୍ ଏବଂ ସମ୍ମିଳନୀ କକ୍ଷର ଉଦ୍‌ଘାଟନ କରିଛନ୍ତି । ମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଇ.ଟି.ଆଇ. ମାଥିଲି, ଆଇ.ଟି.ଆଇ. ମାଲକାନଗିରି ଏବଂ ମାଲକାନଗିରି ସରକାରୀ ପଲିଟେକନିକର କାର୍ଯ୍ୟକଳାପ ଏବଂ ତାଲିମ୍ ସୁବିଧା ନେଇ ଆଲୋଚନା କରାଯାଇଥିଲା । ପ୍ରତ୍ୟେକ ଅନୁଷ୍ଠାନର ଅଧକ୍ଷମାନେ ସେମାନଙ୍କର ଶୈକ୍ଷିକ ଓ ତାଲିମ୍ ସମ୍ବନ୍ଧୀୟ ବିବରଣୀ ଉପସ୍ଥାପନ କରିଥିଲେ । ଏଥିସହ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏହାପରେ ମନ୍ତ୍ରୀ ମାଲକାନଗିରି ଜିଲ୍ଲାରେ ଶିଳ୍ପ କାର୍ଯ୍ୟକଳାପ ସଂପର୍କରେ ସମୀକ୍ଷା କରିଥିଲେ । ଏହି ବୈଠକରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ , ମାଲକାନଗିରି ଦୀପା ଟିମ୍ ଏବଂ ଇଡ୍‌କୋର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲାରେ ଦକ୍ଷତା ବିକାଶ ଏବଂ ଶିଳ୍ପ ଇକୋସିଷ୍ଟମକୁ ଆହୁରି ସୁଦୃଢ଼ କରିବା ଦିଗରେ କାମ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇ ଥିଲେ । ମନ୍ତ୍ରୀଙ୍କ ଗସ୍ତ ସମୟରେ ତାଙ୍କ ସହ କୋରାପୁଟ ବିଧାୟକ ରଘୁରାମ ମାଛ ଏବଂ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ପ୍ରମୁଖ ସାମିଲ ହୋଇଥିଲେ ।

# ଜନସାଧାରଣଙ୍କ ସେବା ପାଇଁ ଜେଏସଡବ୍ଲ୍ୟୁ ପ୍ରତିଶୃତିବଦ୍ଧ : ଅନିଲ ସିଂ



**ପାରାଦୀପ(ଏନ୍.ଏମ୍.):** ଜନସାଧାରଣଙ୍କ ସହିତ ଓ ଲୋକଙ୍କ ସେବାରେ ସଦାସର୍ବଦା ଜେଏସଡବ୍ଲ୍ୟୁ ପ୍ରତିଶୃତିବଦ୍ଧ । ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ସମାଧାନ କରିବାର ଅନନ୍ୟ ଶୈଳୀ ଆପଣାଇବାକୁ ଯାଉଛି କମ୍ପାନୀ । ଜେଏସ ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ଼ କମ୍ପାନୀର ସଭାପତି ଅନିଲ ସିଂ ଗୁରୁବାର ଦିନ ଢ଼ିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ ପଂଚାୟତର ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା ବେଳେ ଏହା ପ୍ରକାଶ କରିଛନ୍ତି । କମ୍ପାନୀର ଅଗ୍ରଗତି ସମୀକ୍ଷା କରିବାକୁ ପାରାଦୀପ ଆସି ଅନିଲ ସିଂ ଦିନ ତମାମ ଏହି ତିନି ପଂଚାୟତ ଲୋକଙ୍କ ସହ ଅନେକ ଗୁରୁତ୍ୱପୂର୍ଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି । ଲୋକମାନେ ମୁଖ୍ୟତଃ ସ୍ଥାନୀୟ ନିଯୁକ୍ତି ଉପରେ ବିଶେଷ ଜୋର ଦେଇଥିବା ବେଳେ ତିନି ପଂଚାୟତର ଭିତିଭୂମିର ବିକାଶ, ଲୋକଙ୍କ ଆର୍ଥିକ ଉନ୍ନତି, ଯୁବ ଓ କ୍ରୀଡାର ବିକାଶ ପାଇଁ ଖେଳପଡିଆ, ଉନ୍ନତ ଚିକିତ୍ସାଳୟ, ଗରିବ ଅନଗ୍ରସର ଛାତ୍ରଛାତ୍ରୀଙ୍କ ନିମନ୍ତେ କୋଚିଂର ସୁବିଧା, ପାନୀୟ ଜଳ ଯୋଗାଣର ସୁ ବନ୍ଦୋବସ୍ତ, ଗମନାଗମନର ବିକାଶ, ଜଳ ନିଷ୍କାସନର ସ୍ଥାୟୀ ସୁବିଧା, ଗଡକୁଜଙ୍ଗ ମନ୍ଦିର ଓ ମାଉସୀମା ମନ୍ଦିରର ସ୍ୱତନ୍ତ୍ର କାରିଗର ମାନଙ୍କ ଦ୍ୱାରା ଉନ୍ନତିକରଣ ଉପରେ ନିଜର ମତ ପ୍ରକାଶ କରିଥିଲେ । ଦୀର୍ଘ ସମୟ ଅନିଲ ସିଂ ଲୋକଙ୍କ ସହ ଏହି ସବୁ ବିଷୟରେ କିଭଳି ତ୍ୱରିତ ପଦକ୍ଷେପ ଗ୍ରହଣ କରି ଏହାର ସରଳ ସମାଧାନ କରିହେବ ସେନେଇ ଦୃଢ ପ୍ରତିଶୃତି ପ୍ରଦାନ କରିଥିଲେ ।

# ଜଗତସିଂହପୁରରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ଯାତ୍ରା

**ଜଗତସିଂହପୁର(ଏନ୍.ଏମ୍.):** ପୌର ପରିଷଦ କାର୍ଯ୍ୟାଳୟ, ଜଗତସିଂହପୁର ଠାରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ତ୍ରିରଙ୍ଗା ଶୋଭାଯାତ୍ରା ସ୍ଥାନୀୟ ପୌର ପରିଷଦ କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ ସ୍ଥାନୀୟ କଲେଜ ଛକ ଦେଇ ତାରାଦେଇ ମନ୍ଦିର ପର୍ଯ୍ୟନ୍ତ ଏହି ତ୍ରିରଙ୍ଗା ଯାତ୍ରା ପରିକ୍ରମା କରିଥିଲା । ଏହି ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ କରି ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ କହିଥିଲେ ଯେ ଆମେ ସଚେତନ ନାଗରିକ ହିସାବରେ ଜାତୀୟ ପତାକା 'ତ୍ରିରଙ୍ଗା' ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିବା ଏବଂ



ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଏହି ନାରାକୁ ସଫଳ କରିବା ।

ଦେଶବ୍ୟାପୀ ଏହି ହର ଘର ତ୍ରିରଙ୍ଗା ଅଭିଯାନରେ ଜିଲ୍ଲାବାସୀ ବହୁଳ ଭାବରେ ସାମିଲ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ । ଏହି ତ୍ରିରଙ୍ଗା ଯାତ୍ରାରେ ପୌର ପରିଷଦ ଅଧକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ, ପୌର ପରିଷଦ ଉପାଧକ୍ଷ ଶ୍ରୀ ରାଜେନ୍ଦ୍ର ବିଶୋୟୀ, ନିର୍ବାହୀ ଅଧିକାରୀ ପୌର ପରିଷଦ ଜଗତସିଂହପୁର ସନ୍ଦୀପ ସିଂହ, ପାରିଷଦ ବୃନ୍ଦ,ବିଦ୍ୟାଳୟର ଛାତ୍ରଛାତ୍ରୀ, ସହରର ବୁଦ୍ଧିଜୀବୀ,ପୌର ପରିଷଦ କାର୍ଯ୍ୟାଳୟ ର କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ,ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗଦେଇ ତ୍ରିରଙ୍ଗା ପତାକା କୁ ସମ୍ମାନ ପ୍ରଦର୍ଶନ କରି ଯାତ୍ରା ରେ ସାମିଲ ହୋଇଥିଲେ ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## 'ବିକଶିତ ଭାରତ' ଦିଗରେ ନୂଆ ...

କରିଥିଲେ। ସେ ରାସାୟନିକ ମୁକ୍ତ କୃଷି ଏବଂ ବିଶ୍ୱ ମାନଦଣ୍ଡ ପୂରଣ କରୁଥିବା କୃଷି ଉତ୍ପାଦ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଏଥି ସହିତ ଏଆଇ, କ୍ୱାଣ୍ଟମ୍, ସ୍ପେସ୍, ରୋବୋଟିକ୍ସ ଏବଂ ଡାଟା ସେଣ୍ଟର ଭଳି ଉଦୀୟମାନ କ୍ଷେତ୍ର ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଭାରତ କେବଳ ବିଶ୍ୱ ପାଇଁ ଏକ ବଜାର ହୋଇ ରହିବା ଉଚିତ ନୁହେଁ। ଏହା ଏକ ନବସୃଜନ କେନ୍ଦ୍ର ହେବା ଉଚିତ। ପ୍ରତି କୋଣରେ ମେଡ୍-ଇନ୍-ଇଣ୍ଡିଆ ୬ଜି ପହଞ୍ଚିବା ଦେଶର ଲକ୍ଷ୍ୟ ହେବା ଆବଶ୍ୟକ। ପ୍ରଧାନମନ୍ତ୍ରୀ ସହରଗୁଡ଼ିକୁ ସଂଯୋଗ କରୁଥିବା ଉଚ୍ଚ ଗତି ସମ୍ପନ୍ନ ରେଳ, ଆଧୁନିକ ରାଜପଥ, ଆଭ୍ୟନ୍ତରୀଣ ଜଳପଥ, ବିମାନବନ୍ଦର ଏବଂ ମଲ୍ଟିମୋଡାଲ୍ ଲଜିଷ୍ଟିକ୍ସ ମାଧ୍ୟମରେ ସୁଗମ ଏବଂ ଦ୍ରୁତ ସଂଯୋଗ ପାଇଁ ଆହ୍ୱାନ ଦେଇଥିଲେ। ବନ୍ଦରଗୁଡ଼ିକ ସାମଗ୍ରୀ ଲୋଡିଂ ଏବଂ ଅନଲୋଡିଂ ଠାରୁ ଆଗକୁ ବଢ଼ି ବନ୍ଦର ନେତୃତ୍ୱାଧୀନ ବିକାଶ ଏବଂ ଅଭିବୃଦ୍ଧିର ବାହକ ହେବା ଉଚିତ। ପ୍ରଧାନମନ୍ତ୍ରୀ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ପାଇଁ ଆହ୍ୱାନ ଦେଇଥିଲେ। ଭାରତକୁ ପରବର୍ତ୍ତୀ ପିଢ଼ିର ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ବିକଶିତ କରି ଏକ ବିଶ୍ୱ ଯୋଗାଣକାରୀ ହେବା ଉଚିତ୍ ବୋଲି ମତ ଦେଇଥିଲେ। ସେ ବିଶେଷ ଭାବରେ ଡ୍ରୋନ୍ ଏବଂ କାଉଣ୍ଟର-ଡ୍ରୋନ୍ ସିଷ୍ଟମ ବିକଶିତ କରିବା ଏବଂ ହାଇପରସୋନିକ୍ ପ୍ରତିରକ୍ଷା ପ୍ରଯୁକ୍ତି କ୍ଷେତ୍ରରେ ନେତୃତ୍ୱ ନେବା ପାଇଁ ଆହ୍ୱାନ କରିଥିଲେ। ସେ ସାଇବର ସୁରକ୍ଷାକୁ ଏକ ଏପରି କ୍ଷେତ୍ର ଭାବରେ ମଧ୍ୟ ଆଲୋକପାତ କରିଥିଲେ, ଯେଉଁଠାରେ ଭାରତୀୟ ଯୁବପିଢ଼ିଙ୍କ କ୍ଷମତାକୁ ଭାରତ ଏବଂ ବିଶ୍ୱ ପାଇଁ ଉପଯୋଗ କରାଯାଇପାରିବ। ଏଥି ସହିତ ପ୍ରଧାନମନ୍ତ୍ରୀ ସବୁଜ ହାଇଡ୍ରୋଜେନ, ନବୀକରଣୀୟ ଶକ୍ତି, ଶକ୍ତି ସଂରକ୍ଷଣ, ସବୁଜ ଗତିଶୀଳତା ଏବଂ ସବୁଜ ଉତ୍ପାଦନ କ୍ଷେତ୍ରରେ ବିଶ୍ୱରେ ନିଜର ସ୍ଥାନ ହାସଲ କରିବାକୁ ଆହ୍ୱାନ କରିଥିଲେ। ସେ ମତ୍ସ୍ୟଚାଷ, ଉପକୂଳ ପର୍ଯ୍ୟଟନ, ସମୁଦ୍ର ପ୍ରଯୁକ୍ତିବିଦ୍ୟା ଏବଂ ନୀଳ ଅର୍ଥନୀତିର ଅନ୍ୟାନ୍ୟ କ୍ଷେତ୍ରରେ ଭାରତର ଉପକୂଳ ଦ୍ୱାରା ପ୍ରଦାନ କରାଯାଇଥିବା ସୁଯୋଗ ଉପରେ ମଧ୍ୟ ଆଲୋକପାତ କରିଥିଲେ। ପୁନଶ୍ଚ ପ୍ରଧାନମନ୍ତ୍ରୀ ଭାରତର ନରମ ଶକ୍ତି (ସଫ୍ଟ ପାୱାର) ଯୋଗ, ଆୟୁର୍ବେଦ, ସାମଗ୍ରିକ ସ୍ୱାସ୍ଥ୍ୟସେବା ଏବଂ ଭାରତରେ ସୁସ୍ଥତା କ୍ଷେତ୍ରରେ ଦେଶର ଶକ୍ତିକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ଆହ୍ୱାନ କରିଥିଲେ। ସେ ହସ୍ତଶିଳ୍ପ, ସଂସ୍କୃତି, ଚଳଚ୍ଚିତ୍ର, ଭିଏଫଏକ୍ସ, ଆନିମେସନ୍, ଗେମିଂ ଏବଂ ଡିଜିଟାଲ୍ ବିଷୟବସ୍ତୁ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଥିଲେ, ଯେଉଁ କ୍ଷେତ୍ରରେ ଭାରତ ବିଶ୍ୱ ସ୍ତରରେ ନିଜର ଶକ୍ତି ପ୍ରତିଷ୍ଠିତ କରିପାରିବ। ସେ ବିଦେଶୀ ପର୍ଯ୍ୟଟକ, ବିଶ୍ୱସ୍ତରୀୟ କ୍ରୀଡା କାର୍ଯ୍ୟକ୍ରମ ଏବଂ କନସର୍ଟକୁ ଭାରତକୁ ଆକର୍ଷିତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ।

## ହନି ଟ୍ରାପ୍‌ରେ ପଡି ପାକିସ୍ତାନକୁ ଦେଉଥିଲେ ...

ସୂଚନା ହାସଲ କରିନେଇଥିଲେ। ଏହି ସମୟରେ କଥା ଜଣାପଡିଛି ଯେତେବେଳେ ମହିଳା ଜଣକ ନିଜର ସାଥି ୱିଙ୍ଗ କମାଣ୍ଡରଙ୍କ ସହ ପ୍ରତିରକ୍ଷା ୟୁନିଟକୁ ଯିବା ଆସିବା କରୁଥିଲେ। କ'ଣ ରହିଛି ଅଭିଯୋଗ ? ୱିଙ୍ଗ କମାଣ୍ଡରଙ୍କ ଉପରେ ଅଭିଯୋଗ ରହିଛି ସେ ରାଷ୍ଟ୍ରୀୟ ସୁରକ୍ଷା ସମ୍ପର୍କୀତ ଗୋପନୀୟ ସୂଚନା ଓ ସେ ସମ୍ପର୍କିତ ଦସ୍ତାବିଜ ପାକିସ୍ତାନୀ ହାଣ୍ଡେଲରଙ୍କ ସହ ସେୟାର କରିଥିଲେ। ଏହି ମାମଲାରେ ଏବେ ୱିଙ୍ଗ କମାଣ୍ଡରଙ୍କ ଉପରେ ଅଫିସିଆଲ ସିକ୍ରେଟ୍ ଆକ୍ଟ ଅନୁସାରେ, ମାମଲା ରୁଜୁ କରାଯାଇଛି। ଏୟାରଫୋର୍ସର ସୂଚନା ଅନୁସାରେ, ୱିଙ୍ଗ କମାଣ୍ଡରଙ୍କୁ ଗିରଫ କରିବା ପରେ କଡା ନଜର ରଖାଯାଇଥିଲା ଓ ଏବେ ତାଙ୍କୁ ସମ୍ପର୍କିତ ଏଜେନ୍ସିକୁ ଦିଆଯାଇଛି। ମୋବାଇଲରେ ଆପ୍ ଇନଷ୍ଟଲ କରିଥିଲେ ଅଧିକାରୀ। ସୂଚନା ଅନୁସାରେ, ୱିଙ୍ଗ କମାଣ୍ଡର ମହିଳାଙ୍କ ମାଧ୍ୟମରେ ପାକିସ୍ତାନ ହାଣ୍ଡେଲର୍ସଙ୍କୁ ବହୁ ଦସ୍ତାବିଜ ଜାରି କରିଥିଲେ। ଏବେ ଏହି ମାମଲାର ଯାଞ୍ଚ କରାଯାଉଛି ଯେ, ତାହା କେଉଁ ଦସ୍ତାବିଜ ଥିଲା, ଯାହାକି ପାକିସ୍ତାନ ହାଣ୍ଡେଲରଙ୍କୁ ଦିଆଯାଇଥିଲା। ଏହି ମାମଲାକୁ ନେଇ ଏବେ ଏକ ବଡ ଖୁଲାସା ସାମନାକୁ ଆସିଛି। କୁହାଯାଉଛି ହନିଟ୍ରାପରେ ଫଶିଥିବା ମହିଳା ଜଣକ ବାୟୁସେନା ଅଧିକାରୀଙ୍କୁ ନିଜ ମୋବାଇଲରେ ଏକ ଆପ୍ ଇନଷ୍ଟଲ କରିବାକୁ କହିଥିଲେ। ଏହା ମାଧ୍ୟମରେ ଫଟୋ, ଭିଡିଓ ସହ ବହୁ ଦସ୍ତାବିଜ ପାକିସ୍ତାନୀ ହାଣ୍ଡେଲରଙ୍କୁ ସେୟାର କରିଥିଲେ।

## ବଲୁଚିସ୍ତାନ ନିଜକୁ 'ସ୍ୱାଧୀନ' ଘୋଷଣା ...

ନିତ୍ୟ ଆବଶ୍ୟକୀୟ ସାମଗ୍ରୀ ଯୋଗାଡ଼ କରିବାରେ ଲୋକଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସାମରିକ ବାହିନୀ ଖୁଜଦାର ବ୍ୟତୀତ ଖାରାନ୍, ଜେହରୀ, କଲାତ୍, ମୂଲା ଏବଂ ଜିଆରତ୍ ଭଳି ଅନେକ ଅଞ୍ଚଳରେ ସ୍ଥଳ ଓ ଆକାଶମାର୍ଗରୁ ଅଭିଯାନ ଜୋରଦାର କରି ଦେଇଛନ୍ତି। ପାକିସ୍ତାନ ସେନା ସବୁ ପ୍ରକାରର ବଳ ପ୍ରୟୋଗ କରିଛି। ଡ୍ରୋନ୍ ଓ ହେଲିକପ୍ଟରରେ ଆକ୍ରମଣ କରୁଛି। ସୂତ୍ର ମୁତାବିକ ଖାରାନ୍ ଜିଲ୍ଲାର ଲିଜେ ଅଞ୍ଚଳରେ ସ୍ଥଳସେନା ସହ ଡ୍ରୋନ୍ ଏବଂ ହେଲିକପ୍ଟର ମଧ୍ୟ ସକ୍ରିୟ ରହିଛନ୍ତି। ସ୍ଥାନୀୟ ଲୋକଙ୍କ ଦାବି ଅନୁସାରେ, ଏହି ଅଭିଯାନରେ ଡ୍ରୋନ୍ ଆକ୍ରମଣ ଯୋଗୁଁ ଜଣେ କୃଷକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ କେତେକ ସାଧାରଣ ଲୋକଙ୍କ ମୃତାହତ ହେବାର ଖବର ଆସିଛି। ସନ୍ଦିଗ୍ଧ ଉଗ୍ରବାଦୀଙ୍କୁ ଲକ୍ଷ୍ୟ କରି ସେନା ଆକ୍ରମଣ କରୁଥିବା କହୁଥିଲେ ବି ସାଧାରଣ ଲୋକେ ଏଥିରେ ପ୍ରଭାବିତ ହେଉଥିବା, ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବିଦ୍ରୋହୀ ସଂଗଠନ ବଲୁଚ୍ ଲିବରେସନ୍ ଆର୍ମି (ବିଏଲଏ) ନିଜର କାର୍ଯ୍ୟକଳାପକୁ ଜୋରଦାର କରିଛି। ସଂଗଠନଟି ଗୋଟିଏ ସପ୍ତାହ ମଧ୍ୟରେ ୩୮ଟି ଆକ୍ରମଣ କରିଥିବା ସ୍ୱୀକାର କରିବା ସହ ପାକିସ୍ତାନ ସେନାର ୩୨ ଜଣ ଯବାନଙ୍କୁ ନିପାତ କରିଥିବା ଦାବି କରିଛି। ପୂର୍ବରୁ ପ୍ରାକୃତିକ ସମ୍ପଦର ଶୋଷଣକୁ ନେଇ ଅସନ୍ତୁଷ୍ଟ ଥିବା ଜନସାଧାରଣଙ୍କ କଷ୍ଟ ଏବେ ଆହୁରି ବଢ଼ିଯାଇଛି। ଇଖଇ ସାରା ରାଜ୍ୟରେ 'ବ୍ଲାକ୍ ଡେ' ବା କଳା ଦିବସ ପାଳନ ପାଇଁ ଆହ୍ୱାନ ଦେଇ ବର୍ଜନ ଦାବି କରିଥିଲା, ଯାହା ଫଳରେ ସୁରକ୍ଷା ବାହିନୀ ହାଇଆଲର୍ଟରେ ରହିଛନ୍ତି। ସଞ୍ଚାର ଓ ଇଣ୍ଟରନେଟ୍ ସେବାକୁ କିଛି ଅଞ୍ଚଳରୁ ବନ୍ଦ କରି ଦିଆ ଯାଇଛି। ଫଳରେ ଲୋକମାନେ ବାହାର ଦୁନିଆରୁ ବିଚ୍ଛିନ୍ନ ହେବାର ଅନୁଭବ କରୁଛନ୍ତି। ହେଲେ ଏବେ ବି ଯୁବକ, ମଧ୍ୟମବର୍ଗୀର ନାଗରିକ ଏବଂ ମହିଳାମାନେ ବ୍ୟାପକ ପରିମାଣରେ ଶାନ୍ତିପୂର୍ଣ୍ଣ ଧାରଣା ଓ ଆନ୍ଦୋଳନ ଜାରି ରଖିଛନ୍ତି।

## ୧୦, ୨୦ ଟଙ୍କିଆ ପ୍ଲାଷ୍ଟିକ ନୋଟକୁ ...

ଅର୍ଥମନ୍ତ୍ରୀ ଆହୁରି କହିଛନ୍ତି, ଏବେ ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ହେଉଛି। ଏହା ୨୦୨୩-୨୪ରେ ୫.୪% ଥିବା ବେଳେ ୨୦୨୪-୨୫ରେ ୪.୬% ଏବଂ ୨୦୨୫ ୨୬ରେ ୨.୧% ରହିଥିଲା। ୨୦୨୬-୨୭ ପ୍ରଥମ ତ୍ରୈମାସରେ ମୁଦ୍ରାସ୍ଫୀତି ୩.୯%କୁ ବଢ଼ିଛି। ଏଲିନିନୋ ଏବଂ ଯୁଦ୍ଧ ଯୋଗୁ ଏହା ମୁଦ୍ରାସ୍ଫୀତି ଚାପକୁ ବଢ଼ାଇଛି। ପରୋକ୍ଷ ଟିକସ ହ୍ରାସ ଯୋଗୁ ଏହା ଚାହିଦା ବୃଦ୍ଧିରେ ସହାୟକ ହୋଇଛି।

## ନାଟୋ ଏବଂ ୟୁରୋପିଆନ୍ ୟୁନିଅନକୁ ...

ୟୁକ୍ରେନର ହାଇ-ଭୋଲଟେଜ୍ ବିଦ୍ୟୁତ୍ ଲାଇନଗୁଡ଼ିକ ଉପରେ ଡ୍ରୋନ୍ ଆକ୍ରମଣ ହୋଇଥିଲା। ଏହି ଲାଇନଗୁଡ଼ିକ ମାଧ୍ୟମରେ ମୋଲଡୋଭା ନିଜର ବଡ଼ ଅଂଶର ବିଦ୍ୟୁତ୍ ପାଇଥାଏ। ଜର୍ମାନୀର ଚିଫ୍ ଅଫ୍ ଡିଫେନ୍ସ ଜେନେରାଲ୍ କାର୍ଷ୍ଟେନ୍ ବ୍ରଏର୍ କହିଛନ୍ତି ଯେ, ୟୁରୋପର ପୂର୍ବ ସୀମାରେ ଏଭଳି ହାଇବ୍ରିଡ୍ ଆକ୍ରମଣ ପ୍ରତିଦିନ ଘଟୁଛି। ରୁଷର ସମ୍ଭାବ୍ୟ ପଦକ୍ଷେପକୁ ଦୃଷ୍ଟିରେ ରଖି ପୋଲାଣ୍ଡ ସହ ବାଲ୍ଟିକ୍ ଦେଶ ଲିଥୁଆନିଆ, ଲାଟଭିଆ ଓ ଏସ୍ତୋନିଆ ନିଜର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ସୁରକ୍ଷା ବଢ଼ାଇଛନ୍ତି। ବନ୍ଧ, ବିଦ୍ୟୁତ୍ କେନ୍ଦ୍ର ଏବଂ ଗ୍ୟାସ୍ ନେଟୱର୍କ ଭଳି ଅତ୍ୟାବଶ୍ୟକ ଭିତ୍ତିଭୂମି ଏବେ ଅଧିକ ସୁରକ୍ଷା ଘେରରେ ରହିଛି। ୟୁରୋପୀୟ ଦେଶଗୁଡ଼ିକର ଆଶଙ୍କା ରହିଛି ଯେ, ରୁଷ-ୟୁକ୍ରେନ୍ ଯୁଦ୍ଧରେ ବ୍ୟବହୃତ ଡ୍ରୋନକୁ 'ଫଲ୍ସ ଫ୍ଲାଗ୍' ଆକ୍ରମଣ ପାଇଁ ବ୍ୟବହାର କରିପାରେ। ଜଣେ ବାଲ୍ଟିକ୍ ଗୁପ୍ତଚର ଅଧିକାରୀଙ୍କ ଅନୁସାରେ, ଏଭଳି ଆକ୍ରମଣର ଉଦ୍ଦେଶ୍ୟ କେବଳ ଭିତ୍ତିଭୂମି ଧ୍ୱଂସ କରିବା ନୁହେଁ, ବରଂ ନାଟୋ ମଧ୍ୟରେ ରାଜନୈତିକ ଦ୍ୱନ୍ଦ୍ୱ ଓ ମତଭେଦ ସୃଷ୍ଟି କରିବା ଏହାର ମୁଖ୍ୟ ଲକ୍ଷ୍ୟ ହୋଇପାରେ।

## ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପଦକ ...

ଷ୍ଟେସନ) ରାଷ୍ଟ୍ରପତି ପଦକ ପାଇଥିବା ବେଳେ ନରେନ୍ଦ୍ର କୁମାର ପିଙ୍ଗ, ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର, କନ୍ଧମାଳ ଅଗ୍ନିଶମ କେନ୍ଦ୍ର, ଲକ୍ଷ୍ମଣ ମାଝୀ, ଲିଡିଂ ଫାୟାର ଫାଇଟର, ହିନ୍ଦୋଳ ଫାୟାର ଷ୍ଟେସନ, ଅଲେଖ ଚନ୍ଦ୍ର ରାଉତ, ଫାୟାର ଫାଇଟର, ଭୁବନ ଫାୟାର ଷ୍ଟେସନଙ୍କୁ ଅଗ୍ନିଶମ ସେବା ପାଇଁ ପ୍ରଶଂସନୀୟ ସେବା ପଦକ ମିଳିଛି। ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା କ୍ଷେତ୍ରରେ ରମେଶ ଚନ୍ଦ୍ର ମହାନ୍ତି, ଗୃହରକ୍ଷୀ ପ୍ଲାଟୁନ କମାଣ୍ଡର, ଭଦ୍ରକଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପଦକ ଏବଂ ପ୍ରଭାତ କୁମାର ସାହୁ, ଗୃହରକ୍ଷୀ ଓ ରେଣିତା ବଡ଼ଜେନା, ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଇଛି। କାରାଗାର ସେବା କ୍ଷେତ୍ରରେ ସଦାଶିବ ପ୍ରଧାନ, କାରାରକ୍ଷୀ, ସବ ଜେଲ, ସାଲେପୁରଙ୍କୁ ବିଶିଷ୍ଟ ସେବା ପଦକ ପ୍ରଦାନ କରାଯାଇଥିବା ବେଳେ, ମନ୍ଦରଧର ପ୍ରଧାନ, ମୁଖ୍ୟ କାରାରକ୍ଷୀ, ସର୍କଲ ଜେଲ, ସମ୍ବଲପୁରଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଇଛି। ଏହି ଗୌରବମୟ ଉତ୍ସବରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ଏବଂ କାରାଗାର ଓ ସୁଧାର ସେବା ମହାନିର୍ଦ୍ଦେଶକ ସୁଶାନ୍ତ କୁମାର ନାଥଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସାଂସଦ ଦିଲ୍ଲୀପ ରାୟଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ...

ଗ୍ରାମାଞ୍ଚଳରେ ୬୫.୬ ପ୍ରତିଶତ ଲୋକ ଆକ୍ରାନ୍ତ ଅଛନ୍ତି। ଏଲଡିଆର କୋଲଷ୍ଟ୍ରଲ୍ ଅଧିକ ରହିବା ଯୋଗୁ ବି ସମସ୍ୟା ଲାଗି ରହୁଛି। ଏହି ସମସ୍ୟାର ନିରାକରଣ ପାଇଁ ରାଜ୍ୟ ସରକାରମାନଙ୍କ ସହଯୋଗରେ କେନ୍ଦ୍ର ସରକାର ଉଦ୍ୟମ ଚଳାଇଛନ୍ତି। ଏ ସଂକ୍ରାନ୍ତରେ ସାଂସଦ ଶ୍ରୀ ରାୟ ଏକ ବିବୃତିରେ କହିଛନ୍ତି ଯେ ଲୋକଙ୍କ ଦୈନନ୍ଦିନ ଜୀବନ ଶୈଳୀ ଓ ଖାଦ୍ୟାଭ୍ୟାସରେ ନକରାତ୍ମକ ପରିବର୍ତ୍ତନ ଯୋଗୁ ବିଭିନ୍ନ ରୋଗ ସୃଷ୍ଟି ହେଉଛି ଏବଂ ଏହାର ଚିକିତ୍ସା ଲାଗି ସରକାର ଓ ପରିବାର ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ବାଧ୍ୟ ହେଉଛନ୍ତି। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରୁ ଏ ସମସ୍ୟା ଓ ତା'ର ନିରାକରଣ ସଂକ୍ରାନ୍ତରେ ପାଠ୍ୟକ୍ରମରେ ବିଷୟବସ୍ତୁ ରଖାଯିବା ସହିତ ଜନସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି। ନିୟମିତ ବ୍ୟାୟାମ ଏବଂ ଯୋଗ-ପ୍ରାଣାୟାମ ଆଦି ସହିତ ସନ୍ତୁଳିତ ଖାଦ୍ୟ ଓ ସୁସ୍ଥ ପରିବେଶ ମଣିଷ ଜୀବନକୁ ସୁଖମୟ କରିପାରିବ ଏବଂ ଏହା ରାଷ୍ଟ୍ର ପାଇଁ ବରଦାନ ହେବ ବୋଲି ସେ କହିଛନ୍ତି।

# ଚୌଦ୍ୱାରରର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ



**ଚୌଦ୍ୱାର(ଏନ୍.ଏମ୍.):** ଦେଶପ୍ରେମର ଅମଳିନ ଭାବନା, ତ୍ରିରଙ୍ଗାର ଗର୍ବ ଓ ସ୍ୱାଧୀନତାର ସ୍ମୃତିରେ ଚୌଦ୍ୱାରରେ ୮୦ତମ ସ୍ୱାଧୀନତା ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଚୌଦ୍ୱାର ତଥା ଆଖପାଖ ଅଞ୍ଚଳର ତ୍ରିରଙ୍ଗାର ଲହର ଖେଳିଯାଇଥିଲା। ସାଧାରଣତଃ ବିଭିନ୍ନ ସ୍କୁଲ, କଲେଜ, ବିଭିନ୍ନ କ୍ଲବ, ତଥା ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଆନନ୍ଦ ଉଲ୍ଲାସର ସହ ଏହି ଜାତୀୟ ଦିବସ ପାଳନ କରାଯାଇଥିଲା। ସହରର ବିଭିନ୍ନ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନରେ ତ୍ରିରଙ୍ଗା ଉଡ଼ିବା ସହ ଦେଶପ୍ରେମର ସ୍ୱର ପ୍ରତିଧ୍ୱନିତ ହୋଇଥିଲା। ଚୌଦ୍ୱାର ପୌରପାଳିକା ପକ୍ଷରୁ ପ୍ରଥମେ ସହରରେ ପ୍ରତିଷ୍ଠିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ପୌର କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ମ୍ୟୁନିସିପାଲ ସରକାରୀ ହାଇସ୍କୁଲ ପରିସରରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ ପତାକା ଉତ୍ତୋଳନ କରିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପୌରାଧକ୍ଷା, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପାରିଷଦବୃନ୍ଦ, ପୌର କର୍ମଚାରୀ ଓ ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ଥିଲେ। ପ୍ୟାରେଡରେ କୃତିତ୍ୱ ହାସଲ କରିଥିବା ବିଦ୍ୟାଳୟଗୁଡ଼ିକୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିଶୁ ସଦନରେ ହିନ୍ଦୁ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ଇମ୍ପାରେ ଉପସଭାପତି ବିନୟ ଅଗ୍ରୱାଲ, ଚୌଦ୍ୱାର ମହାବିଦ୍ୟାଳୟରେ କାର୍ଯ୍ୟକାରୀ ଅଧକ୍ଷା ଡ. ହରପ୍ରିୟା ମହାପାତ୍ର, ଚୌଦ୍ୱାର ପ୍ରେସ୍ କ୍ଲବ୍‌ରେ ପୌର ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, ଉତ୍କଳ ଇଣ୍ଟରନ୍ୟାସନାଲ ସ୍କୁଲରେ ସାମ୍ବାଦିକ ସତ୍ୟବ୍ରତ ଦାସ, ହେଙ୍ଗୁଲାଇ ରୋଡସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲରେ ଅଧକ୍ଷ ଶକ୍ତି ପ୍ରସାଦ ମହାନ୍ତି, ଧୂମାବତୀସ୍ଥିତ ଦି ବିଆଇପିଏଫ୍ ସ୍କୁଲରେ ଅଧକ୍ଷ ହରିଶ ଚୌଧୁରୀ ଓ ଚୌଦ୍ୱାର ଥାନାରେ ଆଇଆଇସି ରଜନୀକାନ୍ତ ଦାସ ପତାକା ଉତ୍ତୋଳନ କରିଥିଲେ। ସେହିପରି ଭାଜପା ଚୌଦ୍ୱାର ମଣ୍ଡଳ ପକ୍ଷରୁ ନୂଆସାହି ମଙ୍ଗଳା ମନ୍ଦିର ପଡ଼ିଆରେ ସଭାନେତ୍ରୀ ମମତା ବେହେରା, ଜନସେବକ ହସ୍ପିଟାଲରେ ଡା. ଅଖତର ହୋସେନ ଖାନ୍, ଓଟିଏମ୍ ଶ୍ରମିକ ପରିବାର ଯୁବକ ସଂଘରେ ହରିହର ପରିଡ଼ା, ଓଟିଏମ୍ କଲୋନୀସ୍ଥିତ ଅମ୍ବିସନ୍ କ୍ଲବ୍‌ରେ ସଭାପତି ଅମିତ୍ କୁମାର ବେଉରା ଏବଂ ମଙ୍ଗୁଳି ବିକାଶ ପରିଷଦ କାର୍ଯ୍ୟାଳୟରେ ସଭାପତି ଅମୂଲ୍ୟରଞ୍ଜନ ରାଉତରାୟ ପତାକା ଉତ୍ତୋଳନ କରିଥିଲେ। ଏଥିସହ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଦେଶମାତୃକା ପ୍ରତି ଶ୍ରଦ୍ଧା, ତ୍ରିରଙ୍ଗା ପ୍ରତି ସମ୍ମାନ ଓ ସ୍ୱାଧୀନତାର ଅମର ଚେତନାକୁ ସ୍ମରଣ କରି ଦିବସଟି ଉତ୍ସାହର ସହ ପାଳିତ ହୋଇଥିଲା।

## ସୁବର୍ଣ୍ଣରେଖାରେ ବନ୍ୟା ହ୍ରାସ ପାଇଥିଲେ ମଧ୍ୟ ଖସୁଛି ଭୟଙ୍କର ଅତଡା : ତଟ ପାର୍ଶ୍ୱବର୍ତ୍ତୀ ଲୋକେ ଆତଙ୍କିତ

**ବସ୍ତା(ଏନ୍.ଏମ୍.):** ଉତ୍ତର ବାଲେଶ୍ୱରରେ ପ୍ରବାହିତ ସୁବର୍ଣ୍ଣ ରେଖାରେ ବନ୍ୟା ଭୟାବହତା କମି ଯାଇଥିଲେ ମଧ୍ୟ ନଦୀ ଅତଡା ଖସି ନଦୀ ତଟ ବର୍ତ୍ତୀ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ଏହି ନଦୀର ରାଜଘାଟ ଠାରେ ବିପଦ ସଙ୍କେତ ସ୍ତର ୧୦:୩୬ ଥିବାବେଳେ ବନ୍ୟା ଆସି ଏହି ସ୍ତରକୁ ଡେଇଁ ଗତ କାଲି ୧୦:୫୦ ମିଟରରେ ପହଞ୍ଚିଥିଲା। କିନ୍ତୁ ଆଜି ତାହା ହ୍ରାସ ପାଇ ୮:୭୦ ମିଟରରେ ଜଳ ପତ୍ତନ ରହିଛି। ଯାହା ଫଳରେ ଲୋକଙ୍କ ମଧ୍ୟ ରେ ଆଶ୍ୱସ୍ତି ପ୍ରକାଶ ପାଇଥିଲେ ହେଁ ଆଜି ନଦୀ କୂଳ ଲଂଘନ କରି ଅତଡା ଖାଇ ଖାଇ କାଦରାୟିଆ ଗାଁ କଙ୍କ୍ରିଟ ରାସ୍ତାକୁ ଗ୍ରାସ କରିଛି। ଏଥିପାଇଁ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ତେବେ ଜଳସେଚନ ବିଭାଗର ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଦିନ ତମାମ ଉପସ୍ଥିତ ଥିଲେ ମଧ୍ୟ କିଂକର୍ତ୍ତବ୍ୟ ବିମୁଢ଼ ହୋଇ କିଛି ପ୍ରତିକାର କରିପାରି ନଥିଲେ। ପାଣି କମିଲେ ବା ବନ୍ୟା ଛାଡ଼ିଲେ ଏଥିପାଇଁ ସ୍ଥାୟୀ ପଦକ୍ଷେପ ନିଆଯିବ ବୋଲି ଅଞ୍ଚଳବାସୀଙ୍କ ପ୍ରତିଶ୍ରୁତି ଦେଇଥିଲେ। ପ୍ରକାଶ ଥାଉ କି ସେଠାରେ କିଛି ଅଘଟଣ ହେଲେ ଅନ୍ୟୁନ ୬ ଗୋଟି ପଞ୍ଚାୟତ ଛାର ଖାର ହୋଇଯିବ ବୋଲି ଦୃଢ଼ ମତ ପ୍ରକାଶ ପାଇଛି।

## ଖ୍ରୀଷ୍ଟ କଲେଜରେ ସ୍ୱାଧୀନତା ଦିବସ




**କଟକ(ଏନ୍.ଏମ୍.):** ଖ୍ରୀଷ୍ଟକଲେଜର ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। କଲେଜ ଉପାଧ୍ୟକ୍ଷ ଡଃ ଅଶୋକ କୁମାର ସାହୁ ଜାତୀୟ ପତାକାଉତ୍ତୋଳନ କର ଭାରତର ସ୍ୱାଧୀନତା ସଂଗ୍ରାମ ବିଷୟରେ ଆଲୋଚନା କରିବା ସହ ଭାରତର ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ଯୁବପିଢ଼ିଙ୍କ ପାଇଁ ଆଦର୍ଶ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଏନ୍‌ସିସି ଆର୍ମି ଓ ଏନ୍‌ସିସି ନୌବିଭାଗର କ୍ୟାଡେଟ୍‌ମାନଙ୍କ ସହିତ ୱାଇଆରସି ଏବଂ ଏନ୍‌ଏସ୍‌ଏସ୍‌ରେ ସ୍ୱେଚ୍ଛାସେବୀମାନେ ଚିତ୍ତାକର୍ଷକ ପ୍ୟାରେଡ୍ କରିଥିଲେ। ଏହି ଉତ୍ସବରେ ପରିଚାଳନା ସମିତିର ସଦସ୍ୟ ବୃନ୍ଦ, କଲେଜର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ବହୁସଂଖ୍ୟାରେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କଲେଜର ବିଦ୍ୟାର୍ଥୀମାନେ ହରଘର ତ୍ରିରଙ୍ଗା ମାଧ୍ୟମରେ ସହର ପରିକ୍ରମା ସହିତ ଜାତୀୟତାର ବାର୍ତ୍ତା ପ୍ରଚାର କରିଥିଲେ।

## ଚୌଦ୍ୱାର ପୌପାଳିକାର ଅଜବ ନୀତି

# ଲାଇବ୍ରେରୀ ଏବେ ପାଲଟିଛି ରାତ୍ରି ବିଶ୍ରାମାଗାର

**ଚୌଦ୍ୱାର (ଏନ୍.ଏମ୍.):** ଗୋଟିଏ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଆଉଗୋଟିଏ ବ୍ୟବସ୍ଥା ହଜାଇଦେବା ନେଇ ଚୌଦ୍ୱାର ଅଞ୍ଚଳରେ ଅସନ୍ତୋଷ ଦାନା ବାନ୍ଧୁଛି। ଗୋଟିଏ ପରେ ସରକାର ଶିକ୍ଷାର ମାନବୃଦ୍ଧି ତଥା ଦକ୍ଷତା ବିକାଶ ନିମନ୍ତେ ବିଭିନ୍ନ ସ୍ଥାନରେ ଲାଇବ୍ରେରୀ ପ୍ରତିଷ୍ଠା କରୁଥିବାବେଳେ ଏଠାରେ ଥିବା ଏକମାତ୍ର ଲାଇବ୍ରେରୀକୁ ନିଶ୍ଚିହ୍ନ କରିଦେବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ଚୌଦ୍ୱାର ପୌରପାଳିକା ଅଞ୍ଚଳରେ ଛାତ୍ରଛାତ୍ରୀ, ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥ ଓ ସାଧାରଣ ପାଠକଙ୍କ ପାଇଁ ଥିବା ଏକମାତ୍ର ପୌର ଲାଇବ୍ରେରୀ ଏବେ ଅତୀତର ସ୍ମୃତି ପାଲଟିଛି। ଯେଉଁ ସ୍ଥାନରେ ଦିନେ ପାଠକଙ୍କ ଭିଡ଼ ଲାଗୁଥିଲା, ସେଠାରେ ବର୍ତ୍ତମାନ ରାତ୍ରି ବିଶ୍ରାମାଗାର ନିର୍ମାଣ କରାଯାଇଛି। ଏଥିପାଇଁ ଅର୍ଥ ବ୍ୟୟ ହୋଇଥିବାବେଳେ ପୂର୍ବରୁ ଲାଇବ୍ରେରୀରେ ଥିବା ବହିପତ୍ର ଓ ଅନ୍ୟାନ୍ୟ ସାମଗ୍ରୀର କୌଣସି ଚିହ୍ନବର୍ଣ୍ଣ ନଥିବା ନେଇ ପାଠକ ମହଲରେ ଅସନ୍ତୋଷ ଦେଖାଦେଇଛି। ଏକଦା ଏହି ଲାଇବ୍ରେରୀ ଚୌଦ୍ୱାରର ଛାତ୍ରଛାତ୍ରୀ ଓ ଅଧ୍ୟୟନ ପ୍ରିୟ ଯୁବପିଢ଼ିଙ୍କ ପାଇଁ ଜ୍ଞାନର ଏକ ପ୍ରମୁଖ କେନ୍ଦ୍ର ଥିଲା। ବିଭିନ୍ନ ବିଷୟର ପାଠ୍ୟପୁସ୍ତକ, ସାଧାରଣ ଜ୍ଞାନ, ସାହିତ୍ୟ, ଖବରକାଗଜ ଓ ପତ୍ରପତ୍ରିକା ପଢ଼ିବା ପାଇଁ ଏଠାକୁ ବହୁ ପାଠକ ଆସୁଥିଲେ। ଗରିବ ଓ ମଧ୍ୟବିତ୍ତ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ ଏହି ଲାଇବ୍ରେରୀ ଏକ ବିଶେଷ ସହାୟତାର ମାଧ୍ୟମ ହୋଇଥିଲା। କିନ୍ତୁ ଦୀର୍ଘଦିନ ଧରି ଲାଇବ୍ରେରୀ ବନ୍ଦ ରହିବା ପରେ ଏହାର ସ୍ଥାନରେ ରାତ୍ରି ବିଶ୍ରାମାଗାର କରାଯାଇଛି। ବିଶ୍ରାମାଗାର ନିର୍ମାଣ ପାଇଁ ପୌରପାଳିକା ପକ୍ଷରୁ ଅର୍ଥ ବ୍ୟୟ ହୋଇଥିବାବେଳେ ସେହି ସ୍ଥାନରେ ପୂର୍ବରୁ ଚାଲୁଥିବା ଲାଇବ୍ରେରୀର ବହିପତ୍ର, ଆସବାବପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ କେଉଁଠାକୁ ଗଲା, ସେନେଇ ପ୍ରଶ୍ନ ଉଠିଛି। ବହିଗୁଡ଼ିକର ସୁରକ୍ଷା, ସ୍ଥାନାନ୍ତରଣ କିମ୍ବା ବ୍ୟବହାର ସମ୍ପର୍କରେ ପାଠକମାନଙ୍କ ମଧ୍ୟରେ ସ୍ୱଚ୍ଛତା ନଥିବାରୁ ଅସନ୍ତୋଷ ଆହୁରି ବଢ଼ିଛି।

ଗୋଟିଏ ପଟେ ଚୌଦ୍ୱାରରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଯୁବକ ଯୁବତୀଙ୍କ ସଂଖ୍ୟା ବଢୁଛି। ଘରେ ପଢ଼ିବା ପାଇଁ ପର୍ଯ୍ୟାପ୍ତ ସୁବିଧା ନଥିବା ଅନେକ ଛାତ୍ରଛାତ୍ରୀ ଶାନ୍ତ ପରିବେଶରେ ପଢ଼ିବା ପାଇଁ ପାଠାଗାର ଖୋଜୁଛନ୍ତି। କିନ୍ତୁ ପୌରପାଳିକାର ଏକମାତ୍ର ଲାଇବ୍ରେରୀ ବନ୍ଦ ରହିବା ଯୋଗୁଁ ସେମାନଙ୍କୁ ଦୂରଦୂରାନ୍ତକୁ ଯିବାକୁ ପଡୁଛି। ଫଳରେ ଅର୍ଥ ଖର୍ଚ୍ଚ ସହ ସମୟ ମଧ୍ୟ ନଷ୍ଟ ହେଉଛି। ତେବେ ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ରାତ୍ରି ବିଶ୍ରାମାଗାରର ଆବଶ୍ୟକତା ଥାଇପାରେ, କିନ୍ତୁ ଏହା ପାଇଁ ସହରର ଏକମାତ୍ର ସାର୍ବଜନୀନ ଲାଇବ୍ରେରୀକୁ ବନ୍ଦ କରିଦେବା ଉଚିତ ନୁହେଁ। ବିଶ୍ରାମାଗାର ପାଇଁ ଅନ୍ୟ ବିକଳ୍ପ ସ୍ଥାନ ଚିହ୍ନଟ କରାଯାଇ ପାରିଥାନ୍ତା। ସେହିପରି ଲାଇବ୍ରେରୀର ବହିପତ୍ରକୁ ସୁରକ୍ଷିତ ଭାବେ ଅନ୍ୟତ୍ର ସ୍ଥାନାନ୍ତର କରି ନୂତନ ସ୍ଥାନରେ ପାଠାଗାର ଚାଲୁ କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ପୁନଶ୍ଚ ପୌରପାଳିକା ପକ୍ଷରୁ ରାତ୍ରି ବିଶ୍ରାମାଗାର ପାଇଁ କେତେ ଅର୍ଥ ବ୍ୟୟ ହୋଇଛି, ପୂର୍ବ ଲାଇବ୍ରେରୀରେ କେତେ ସଂଖ୍ୟକ ବହି ଓ ସାମଗ୍ରୀ ଥିଲା, ସେଗୁଡ଼ିକର ବର୍ତ୍ତମାନ ସ୍ଥିତି କ'ଣ ଏବଂ ଲାଇବ୍ରେରୀକୁ ପୁନଃ ଚାଲୁ କରିବା ପାଇଁ ପୌରପାଳିକାର କ'ଣ ଯୋଜନା ରହିଛ-ଏସବୁ ପ୍ରଶ୍ନର ଉତ୍ତର ଦେବା ଆବଶ୍ୟକ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଚୌଦ୍ୱାରର ଶିକ୍ଷା ଓ ଜ୍ଞାନ ଚର୍ଚ୍ଚାର ପରିବେଶକୁ ଦୃଷ୍ଟିରେ ରଖି ତୁରନ୍ତ ଏକ ଆଧୁନିକ ଓ ସୁସଜ୍ଜିତ ପାଠାଗାର ଖୋଲିବା, ନୂତନ ବହି, ଖବରକାଗଜ ଓ ପତ୍ରପତ୍ରିକା ସହ ପ୍ରତିଯୋଗିତାମୂଳକ ପରୀକ୍ଷାର ଆବଶ୍ୟକୀୟ ପୁସ୍ତକ ଉପଲବ୍ଧ କରାଯିବା, ଏଥି ସହ ପୂର୍ବ ଲାଇବ୍ରେରୀର ବହିପତ୍ର ଓ ସାମଗ୍ରୀର ହିସାବ ସାର୍ବଜନୀନ କରାଯାଇ ସେଗୁଡ଼ିକର ଉଚିତ ବ୍ୟବସ୍ଥା କରାଯାଉ ବୋଲି ଛାତ୍ରଛାତ୍ରୀ, ପାଠକ ଓ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି।

## କୟଲପଡ଼ା ପଞ୍ଚାୟତ ପରିବା ହାଟରେ ଅବ୍ୟବସ୍ଥା

# ଅତିଷ୍ଠ ହୋଇପଡ଼ିଲେଣି ଚାଷୀ, ବ୍ୟବସାୟୀ ଓ ଗ୍ରାହକ

**ଚୌଦ୍ୱାର (ଏନ୍.ଏମ୍.):** ଗ୍ରାମାଞ୍ଚଳରେ ଚାଷୀମାନେ ସିଧାସଳଖ ଖାଉଟୀମାନଙ୍କୁ ନିଜର ଅମଳ ସାମଗ୍ରୀ ବିକ୍ରି କରିବା ଏବଂ ଅଞ୍ଚଳବାସୀଙ୍କୁ ସୁବିଧା ଦରରେ ବିଭିନ୍ନ ପନିପରିବା ଯୋଗାଇଦେବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ହାଟର ବ୍ୟବସ୍ଥା କରାଯାଇଛି। ଏହି ହାଟରେ ଲୋକମାନେ ନିଜ ଚାଷରୁ ଅମଳ ହୋଇଥିବା ପନି ପରିବା ଆଣି ବିକ୍ରୟ କରିଥାନ୍ତି। ଏଥିସହିତ ସୁବିଧା ଦରରେ ଲୋକେ ଆବଶ୍ୟକୀୟ ସାମଗ୍ରୀ କିଣି ଥାନ୍ତି। ଏଥିପାଇଁ ବିଭିନ୍ନ ପଞ୍ଚାୟତସ୍ତରରେ ଏହି ହାଟ ବ୍ୟବସ୍ଥା ରହିଛି। ତେବେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କୟଲପଡ଼ା ପଞ୍ଚାୟତ ହାଟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ହାଟ ସପ୍ତାହକୁ ଦୁଇଥର ଗୁରୁବାର ଓ ରବିବାର ହେଉଥିବାବେଳେ ଏହି ଅଞ୍ଚଳର



ଶତାଧିକ ଚାଷୀ ନିଜ କ୍ଷେତରୁ ଅମଳ ହୋଇଥିବା ପନିପରିବା ସୁଲଭ ଦରରେ ବିକ୍ରି କରିଥାନ୍ତି। ତେବେ ଏହି ହାଟ ପାଇଁ ପଞ୍ଚାୟତ ପକ୍ଷରୁ ସ୍ୱତନ୍ତ୍ର ସେଡ ନିର୍ମାଣ ହୋଇଥିଲେ ମଧ୍ୟ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ନହେବା, ହାଟରେ ବୁଲା ଗୋରୁଙ୍କ ଅବାଧ ପ୍ରବେଶ ଯୋଗୁଁ ବ୍ୟବସାୟୀମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ଗ୍ରାହକଙ୍କୁ ପନି ପରିବା ବିକ୍ରି କରିବା ବେଳେ ଗୋରୁମାନେ ମୁହଁ ପୁରାଇ ସେମାନଙ୍କ ପନି ପରିବା ଖାଇଯିବା ଯୋଗୁଁ ବ୍ୟବସାୟୀ ଓ ଗ୍ରାହକ ଉଭୟେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୁନଶ୍ଚ ହାଟ ପରିଚାଳନା ପାଇଁ ବ୍ୟବସାୟୀମାନେ ହାଟ ଦଣ୍ଡିଆଙ୍କୁ ପସରା ଖୋଲିବା ପାଇଁ ୨୦ ଟଙ୍କା ଲେଖାଏ ମାହାସୁଲ ଦେଉଥିବାବେଳେ କୌଣସି ସେବା ପାଇ ପାରୁନଥିବା ଅଭିଯୋଗ ହୋଇଛି। ଏପରିକି ଉକ୍ତ ପଞ୍ଚାୟତର ଲୋକପ୍ରତିନିଧିମାନେ ମଧ୍ୟ ଏହି ହାଟ ପ୍ରତି ଗୁରୁତ୍ୱ ଦେଉନଥିବା ଭଳି ସଂଗୀନ ଅଭିଯୋଗ ଆସିଛି। ତେବେ ଏହି ହାଟରେ କଟକ ବିଡ଼ାନାସୀ, ସିଡିଏ, ମର୍କତନଗର ସମେତ ଲିଙ୍ଗାପଦା, ମଞ୍ଚେଶ୍ୱର, କଖଡ଼ି, କୟଲପଡ଼ା, ଡିହସାହି, ନୂଆପାଟଣା, ଚଷାପଡ଼ା, ବାଣୀପଦା, ଗୋଡ଼ିପାଟଣା, ଚୌଦ୍ୱାର ଆଦି ଅଞ୍ଚଳରୁ ହଜାର ହଜାର ଗ୍ରାହକଙ୍କ ଭିଡ ଲାଗିଥାଏ। ମାତ୍ର ଏହି ହାଟରେ ଦେଖାଦେଇଥିବା ଅବ୍ୟବସ୍ଥାକୁ ନେଇ ଚାଷୀ, ବ୍ୟବସାୟୀ ଓ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ହାଟ ପରିସରରେ ନର୍ଦ୍ଦମା ଜଳ ଜମି ରହିବା, ଦୁର୍ଗନ୍ଧମୟ ପରିବେଶ ଏବଂ ଗାଈ-ଗୋରୁଙ୍କ ଉତ୍ପାତ ଯୋଗୁଁ ଲୋକମାନେ ନାହିଁନଥିବା ଅସୁବିଧା ଭୋଗୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦୀର୍ଘଦିନ ଧରି ବନ୍ଦ ଥିବା ଏହି ହାଟକୁ ୨୦୧୭ମସିହାରେ ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ପ୍ରଧାନ ପୁନଃ ଚାଲୁ କରିଥିଲେ। ହେଲେ ବର୍ତ୍ତମାନ ହାଟରୁ ନିୟମିତ ଭାବେ ଶୁଳ୍କ ଆଦାୟ ହେଉଥିବା ସତ୍ତ୍ୱେ ଏହାର ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହେଉଛି। ସେହି ଭଳି ହାଟର ଅପରିଷ୍କାର ପରିବେଶ ଓ ବ୍ୟବସାୟୀଙ୍କ ପାଇଁ ସୁବ୍ୟବସ୍ଥିତ ସ୍ଥାନର ଅଭାବ ଯୋଗୁଁ ହାଟର ଚାହିଦା ଧୀରେ ଧୀରେ କମୁଥିବା ଅଭିଯୋଗ ହେଉଛି। ଏହି ସମ୍ପର୍କରେ କୟଲପଡ଼ା ପଞ୍ଚାୟତର ସରପଞ୍ଚଙ୍କ ପ୍ରତିକ୍ରିୟା ନେବାରେ ସେ କହିଛନ୍ତି ଯେ, ହାଟରେ ଥିବା ସମସ୍ୟା ସତ୍ୟ ଏବଂ ପଞ୍ଚାୟତ ମଧ୍ୟ ଏଥିପ୍ରତି ଅବଗତ ଅଛି। ସଫେଇ ବ୍ୟବସ୍ଥାର ଉନ୍ନତି, ନର୍ଦ୍ଦମା ସମସ୍ୟାର ସମାଧାନ ପାଇଁ ଖୁବ୍‌ଶୀଘ୍ର ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।




# ହାର୍ଦ୍ଦିକଙ୍କ ଗୁଜରାଟ କମବ୍ୟାକରେ ବ୍ରେକ୍, ଗେମ୍ ଖେଳିଲେ କି ଗିଲ୍ କ୍ୟାପ୍ଟେନ୍ସିରେ ଅଟକିଲା କଥା



**ନୂଆଦିଲ୍ଲୀ(ଏଜେନ୍ସି) :** ଆଇପିଏଲ୍ ସିଜିନ୍ ୧୯ ସରିଗଲା । ବେଙ୍ଗାଲୁରୁ ବ୍ୟାକ୍ ଟୁ ବ୍ୟାଟ୍ ଟ୍ରଫି ଜିତିଲା । ହେଲେ ହାର୍ଦ୍ଦିକ ପାଣ୍ଡ୍ୟା, ମୁମ୍ବାଇ ଇଣ୍ଡିଆନ୍ସକୁ ନେଇ ଚର୍ଚ୍ଚା ଥମୁନାହିଁ । ଆଇପିଏଲ୍ ସିଜିନ ୨୦ରେ ହାର୍ଦ୍ଦିକ କେଉଁ ଟିମ୍ ପାଇଁ ଖେଳିବେ । ତାଙ୍କୁ ନେଇ ଚର୍ଚ୍ଚା ଲାଗିଛି । ସେ ଚେନ୍ନାଇ ସୁପରକିଙ୍ଗସ୍ ଟିମରେ ଯୋଗ ଦେବେ ବୋଲି ଚର୍ଚ୍ଚା ହେଉଥିବା ବେଳେ କୋଲକାତା ନାଇଟ୍ ରାଇଡର୍ସ କ୍ୟାପଟ୍ଟେନ୍ ହେବେ ବୋଲି ଚର୍ଚ୍ଚା ହେଉଛି । ଏହାରି ଭିତରେ ପାଣ୍ଡ୍ୟାଙ୍କୁ ନେଇ ଆଉ ଏକ ଖବର ଆସୁଛି । ସେପଟେ ପାଣ୍ଡ୍ୟାଙ୍କ ମୁଖପାତ୍ର କହିଛନ୍ତି, 'ହାର୍ଦ୍ଦିକଙ୍କର ଟ୍ରାନ୍ସଫର ଟ୍ରେଡ୍ କିମ୍ବା ଅନ୍ୟ କୌଣସି ବିଷୟରେ କୌଣସି ଫ୍ରାଞ୍ଚାଇଜ୍ ସହିତ ସିଧାସଳଖ କଥାବାର୍ତ୍ତା ହୋଇନାହିଁ । ତାଙ୍କ ନେତୃତ୍ୱରେ ମୁମ୍ବାଇର ପ୍ରଦର୍ଶନ ନିରାଶାଜନକ ରହିଥିଲା । ଏହାପରେ ହାର୍ଦ୍ଦିକ ଗୁଜରାଟ ଟାଇଟନ୍ସ ଦଳକୁ ଫେରିବାକୁ ଚେଷ୍ଟା କରିଥିଲେ । ଗୁଜରାଟ ଫ୍ରାଞ୍ଚାଇଜ୍ ମଧ ତାଙ୍କୁ ପୁରର୍ବାର ଦଳରେ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତୁତ ଥିଲା । କିନ୍ତୁ ହାର୍ଦ୍ଦିକଙ୍କ ଅଧିନାୟକତ୍ୱ ସର୍ତ୍ତରେ ମାମଲା ଅଟକି ଯାଇଥିଲା । ହାର୍ଦ୍ଦିକ ଚାହୁଁଥିଲେ ସେ ଗୁଜରାଟ ଫେରିଲେ ତାଙ୍କୁ ଦଳର ନେତୃତ୍ୱ ଦିଆଯାଉ । ହେଲେ ଫ୍ରାଞ୍ଚାଇଜ ଏହି ସର୍ତ୍ତ ମାନିବାକୁ ମାନ କରିଦେଇଥିଲା । ଜାତୀୟ ଗଣମାଧମ ରିପୋର୍ଟ ଅନୁସାରେ, ଗୁଜରାଟ ହାର୍ଦ୍ଦିକଙ୍କ କମବ୍ୟାକ ନେଇ ପ୍ରସ୍ତୁତ ଥିଲା କିନ୍ତୁ କ୍ୟାପଟ୍ଟେନ୍ ଗିଲଙ୍କ ସହ କଥା ହୋଇଥିଲା । ଗିଲ୍ ବି ହାର୍ଦ୍ଦିକଙ୍କ ଫେରିବା ନେଇ ସହମତ ଥିଲେ କିନ୍ତୁ କ୍ୟାପଟ୍ଟେନ୍ସି ମାମଲା ଆସିବା ପରେ ଫ୍ରାଞ୍ଚାଇଜ ସଫା ସଫା ମନା କରି ଦେଇଥିଲା । ଗୁଜରାଟ ଟାଇଟନ୍ସର ଜଣେ ପ୍ରତିନଧି ମାମଲା ଉପରେ ଟିପ୍ପଣୀ କରିବାକୁ ମନା କରିଛନ୍ତି । ସେପଟେ ପାଣ୍ଡ୍ୟାଙ୍କ ମୁଖପାତ୍ର କହିଛନ୍ତି, 'ହାର୍ଦ୍ଦିକଙ୍କର ଟ୍ରାନ୍ସଫର ଟ୍ରେଡ୍ କିମ୍ବା ଅନ୍ୟ କୌଣସି ବିଷୟରେ କୌଣସି ଫ୍ରାଞ୍ଚାଇଜ୍ ସହିତ ସିଧାସଳଖ କଥାବାର୍ତ୍ତା ହୋଇନାହିଁ । ଯଦି ହାର୍ଦ୍ଦିକଙ୍କୁ ନେଇ ଯାହା ବି ଆଲୋଚନା ହୋଇଛି ତାହା ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଞ୍ଚାଇଜ୍ ଜରିଆରେ ହୋଇଛି । ହାର୍ଦ୍ଦିକଙ୍କ ଗୁଜୁରାଟ ଫେରିବା ନେଇ ଚର୍ଚ୍ଚା ଏପରି ଏକ ସମୟରେ ଆରମ୍ଭ ହୋଇଛି ଯେତେବେଳେ ମୁମ୍ବାଇ ଇଣ୍ଡିଆନ୍ସ ସହିତ ତାଙ୍କର ସ୍ଥିତି ବିଷୟରେ ପ୍ରଶ୍ନ ଉଠିବାରେ ଲାଗିଛି । ଚଳିତ ଆଇପିଏଲ୍ ସିଜିନରେ, ମୁମ୍ବାଇ ଇଣ୍ଡିଆନ୍ସ ୧୪ରୁ ୧୦ଟି ମ୍ୟାଚ୍ ହାରି ନବମ ସ୍ଥାନରେ ରହିଥିଲା । ଟିମ୍ ଇଣ୍ଡିଆର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆଗାମୀ ଆଇପିଏଲ ସିଜିନରେ କେଉଁ ଦଳରୁ ଖେଳିବେ । କେବେ ଚେନ୍ନାଇରେ ଯୋଗଦେବେ କୁହାଯାଉଛି ତ ପୁଣି କେବେ କୋଲକାତାକୁ ଯିବେ ବୋଲି ଦାବି କରାଯାଉଛି । କିନ୍ତୁ ଏଯାବତ ମୁମ୍ବାଇ ଛାଡ଼ି ନାହାନ୍ତି ପାଣ୍ଡ୍ୟା । ତଥାପି ତାଙ୍କୁ ନେଇ ବାଣିଜ୍ୟିକ ଚୁକ୍ତି କରାଯିବ ବୋଲି ଦୀର୍ଘଦିନ ଧରି ଚର୍ଚ୍ଚା ଲାଗିଛି । ହାର୍ଦ୍ଦିକ ପାଣ୍ଡ୍ୟା ୧୬୨ଟି ଆଇପିଏଲ୍ ମ୍ୟାଚ୍ରେ ୨୭ ରୁ ଅଧିକ ହାରରେ ୨୯୫୫ ରନ୍ କରିଛନ୍ତି । ତାଙ୍କ ନାମରେ ୮୨ଟି ୱିକେଟ୍ ମଧ ଅଛି । ସେ ଗୁଜରାଟ ଟାଇଟାନ୍ସକୁ ଆଇପିଏଲ୍ ବିଜୟୀ କରାଇଥିଲେ । ଏହା ପରେ ତାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ନେତୃତ୍ୱ ମିଳିଥିଲା । କିନ୍ତୁ କିଛି ସିଜିନରେ ହେବ ଦଳର ପ୍ରଦର୍ଶନ ନିରାଶାଜନକ ରହିଛି ।

# ବିବାହ ମିଛ ପ୍ରତିଶ୍ରୁତି, ବ୍ୟକ୍ତିଗତ ଭିଡିଓ ରେକର୍ଡ଼ ଅଭିଯୋଗ, ଆଇପିଏଲ୍ ଷ୍ଟାର କ୍ରିକେଟର ଗିରଫ



**ନୂଆଦିଲ୍ଲୀ (ଏଜେନ୍ସି) :** ଜଣେ ଡାକ୍ତରୀ ଛାତ୍ରୀଙ୍କୁ ମାମଲାରେ ବେଙ୍ଗଲ ତଥା ଆଇପିଏଲ୍ ଦଳ ଦିଲ୍ଲୀ କ୍ୟାପିଟାଲ୍ସର ୱିକେଟ୍ କିପର ବ୍ୟାଟର ଅଭିଷେକ ପୋରେଲ ଗିରଫ ହୋଇଛନ୍ତି । ବେଙ୍ଗଲ ପୁଲିସ୍ ହୁଗଳିରୁ ତାଙ୍କୁ ଗିରଫ କରିବା ସହ ଥାନାରେ ଅଟକି ରଖି ଦୀର୍ଘ ସମୟ ପଚରାଉଚୁରା କରିଛି । ଏହାପରେ ସ୍ଥାନୀୟ ଏକ ହସ୍ପିଟାଲ୍ରେ ଡାକ୍ତରୀ ପରୀକ୍ଷା କରାଯିବା ପରେ ତାଙ୍କୁ ଚିନସୁରାହ କୋର୍ଟରେ ହାଜର କରାଯାଇଥିଲା । ପୋରେଲ ପୂର୍ବରୁ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ । ହୁଗଳି ଜିଲ୍ଲା ଅଦାଲତ ଜାମିନ ଆବେଦନକୁ ଖାରଜ କରିବା ସହ ପୋରେଲଙ୍କୁ ପୁଲିସ୍ ହାଜତକୁ ପଠାଇ ଦେଇଛନ୍ତି । ପୋରେଲ ଅଭିଯୋଗକୁ ଖଣ୍ଡନ କରିବା ସହ ତାଙ୍କୁ ମିଛ ମାମଲାରେ ଫସାଇ ଦିଆଯାଇଥିବା କହିଛନ୍ତି । ସୂଚନା ମୁତାବକ, ହୁଗଳି ସ୍ଥିତ ମୋଗରାର ଜଣେ ଡାକ୍ତରୀ ଛାତ୍ରୀ ଗତ ଜୁନ ୨୩ ତାରିଖରେ ମୋଗରା ପୁଲିସ୍ ଥାନାରେ ପୋରେଲଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ କରିଥିଲେ । ମୋଗରା ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ୨୦୨୩ରେ ପୋରେଲଙ୍କ ସହ ତାଙ୍କର ବନ୍ଧୁତା ସ୍ଥାପନ ହୋଇଥିଲା । ଏହାପରେ ପୋରେଲ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଦୁଷ୍କର୍ମ କରିଥିଲେ । ଗତ ଏପ୍ରିଲ ୨ ତାରିଖରେ ସେ ତାଙ୍କୁ ଦିଲ୍ଲୀରେ ଏକ ସ୍ଥାନରେ ଅଟକ ରଖିଥିଲେ ଏବଂ ଖାଇବାକୁ ମଧ ଦେଇନଥିଲେ । ଏପରିକି ସେ ତାଙ୍କୁ ମାରପିଟ୍ କରିବା, ଧମକାଇବା ଏବଂ ଶାରୀରିକ ସମ୍ପର୍କ ରଖିବା ବେଳର ଭିଡିଓ ରେକର୍ଡ଼ କରିବା ଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି । ଏହି ମାମଲାରେ କୋଲକାତା ହାଇକୋର୍ଟ ଶୁଣାଣି କରି ଗତ ୧୪ ତାରିଖରେ ବେଙ୍ଗଲ ପୁଲିସ୍କୁ ପୋରେଲଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ବେଙ୍ଗଲ ପୁଲିସ୍ ପୋରେଲଙ୍କୁ ପ୍ରଥମେ ଯୋଗାଯୋଗ କରିବାକୁ ପ୍ରୟାସ କରି ବିଫଳ ହୋଇଥିଲା । ଶେଷରେ ମଙ୍ଗଳବାର ତାଙ୍କୁ ହୁଗୁଳିରୁ ଗିରଫ କରାଯାଇଛି ଏବଂ ତାଙ୍କ ନିକଟରୁ ଏକ ପେନ୍ ଡ୍ରାଇଭ୍ ଜବତ କରି ଫରେନ୍ସିକ୍ ଯାଞ୍ଚ ପାଇଁ ପଠାଯାଇଛି ବୋଲି ବେଙ୍ଗଲ ପୁଲିସ୍ ସୂଚନା ଦେଇଛି । ପୋରେଲ ବେଙ୍ଗଲ ଦଳର ଜଣେ ପ୍ରମୁଖ ବ୍ୟାଟର । ସେ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଖେଳୁଛନ୍ତି । ଗତ ସିଜନରେ ସେ ଚମତ୍କାର ପ୍ରଦର୍ଶନ କରିଥିଲେ ।

ଭାରତୀୟ କ୍ରିକେଟ୍ରେ ବଡ଼ ପରିବର୍ତ୍ତନ

# 'ଡାଇରେକ୍ଟର ଅଫ୍ କ୍ରିକେଟ୍' ଦାୟିତ୍ୱ ଲକ୍ଷ୍ମଣଙ୍କୁ ମିଳିବ



**ନୂଆଦିଲ୍ଲୀ (ଏଜେନ୍ସି) :** ଭାରତୀୟ କ୍ରିକେଟ୍ ରେ ଆସିବାକୁ ଯାଉଛି ଏକ ବଡ଼ ପରିବର୍ତ୍ତନ । ବିସିସିଆଇର ସେଣ୍ଟର ଅଫ୍ ଏକ୍ସିଲେନ୍ସ ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣଙ୍କୁ 'ଡାଇରେକ୍ଟର ଅଫ୍ କ୍ରିକେଟ୍' ଭାବେ ନୂଆ ଦାୟିତ୍ୱ ଦେବାକୁ ବୋର୍ଡ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି । ଏଥିସହ ଲକ୍ଷ୍ମଣଙ୍କ ଚୁକ୍ତିକୁ ଆଉ ଦୁଇ ବର୍ଷ ବଢ଼ାଯିବା ସହ ତାଙ୍କୁ ଏକ ବଡ଼ ଭୂମିକା ଦିଆଯିବ ବୋଲି ଜଣାପଡ଼ିଛି । ନୂଆ ଦାୟିତ୍ୱରେ ଲକ୍ଷ୍ମଣ ଜୁନିୟର ଟିମ୍ , ଖେଳାଳିଙ୍କ ରିହାବିଲିଟେସନ୍, ଯୁବ ପ୍ରତିଭା ବିକାଶ ଏବଂ ଷ୍ଟାଫ୍ ନିଯୁକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟର ଦାୟିତ୍ୱ ନେବେ । ଯୁବ କ୍ରିକେଟ୍ ରୁ ସିନିୟର ଟିମ୍ ପର୍ଯ୍ୟନ୍ତ ଏକ ସମନ୍ୱିତ ବ୍ୟବସ୍ଥା ଗଢ଼ିବା ଏହି ନୂଆ ପଦବୀର ପ୍ରମୁଖ ଉଦ୍ଦେଶ୍ୟ

୮୦ତମ ସ୍ୱାଧୀନତା ଦିବସ ଅବସରରେ ଦେଶବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

# ଆଫ୍ଗାନିସ୍ତାନର ୨୦୨୭ ବିଶ୍ୱକପ୍ ଯୋଗ୍ୟତା ହାସଲ

**ବେଲ୍ ଫାଷ୍ଟ (ଏଜେନ୍ସି) :** ଆଫ୍ ଗାନିସ୍ତାନ ୨୦୨୭ ଦିନିକିଆ ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିଛି । ସୋମବାର ଏଠାରେ ୩ୟ ଦିନିକିଆରେ ଘରୋଇ ଆୟରଲାଣ୍ଡକୁ ଆଫ୍ଗାନିସ୍ତାନ ୩ ୱିକେଟ୍ ରେ ପରାସ୍ତକରି ୨-୦ରେ ଆଗୁଆ ହୋଇଛି । ଆଫ୍ ଗାନିସ୍ତାନ ୨୦୨୭ ବିଶ୍ୱକପ୍ ପାଇଁ ଯୋଗ୍ୟତା ଦ୍ୱାରରେ ଥିବା ବେଳେ ଏହି ବିଜୟ ଏହା ନିଶ୍ଚୟ କରିଛି । ରସିଦ୍ ଖାଁ ଓ ଗଜନଫର ୩ଟି ଲେଖାଏଁ ୱିକେଟ୍ ନେବାରୁ ଆୟରଲାଣ୍ଡ ୨୦୬ ରନ୍ ରେ ଅଲ୍ ଆଉଟ୍ ହୋଇଥିଲା । ପରେ ରହମନୁଲ୍ଲା ଗୁର୍ବାଜଙ୍କ ୭୧ ଓ ରସିଦ୍ ଖାଁଙ୍କ ଅପରାଜିତ ୩୭ ରନ୍ ବଳରେ ୩୧ଟି ବଲ୍ ବାକିଥାଇ ୭ ୱିକେଟ୍ ହରାଇ ଆଫ୍ ଗାନିସ୍ତାନ ଜିତିଥିଲା । ୨୦୨୭ ଦିନିକିଆ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟାରେ ଆୟୋଜନ ହେବ । ଏଥିରେ ୧୪ଟି ଦଳ ଖେଳିବେ । ଦୁଇ ଆୟୋଜକ ଦେଶ ଭାବେ ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ସିଧାସଳଖ ଯୋଗ୍ୟତା ହାସଲ କରିଛନ୍ତି । ଚଳିତବର୍ଷ ସେପଟ୍ଟେମ୍ବର ୩୧ ସୁଦ୍ଧା ଆଇସିସି ଦିନିକିଆ ମାନ୍ୟତାରେ ଶ୍ରେଷ୍ଠ ୮ଟି ଦଳ ସିଧାସଳଖ ଯୋଗ୍ୟତା ହାସଲ କରିବେ । ଆଫ୍ ଗାନିସ୍ତାନ ଦିନିକିଆ ମାନ୍ୟତାରେ ଏବେ ୮ମ ସ୍ଥାନରେ ଥିବାରୁ ଏହାକୁ ବିଶ୍ୱକପ୍ ର ଟିକଟ ମିଳିବ ।

# ପିତାଙ୍କ ମୃତ୍ୟୁ ପରେ ପ୍ରଥମ ମ୍ୟାଚ୍ ଖେଳିଲେ ମେସି



**ମିଆମି(ଏଜେନ୍ସି) :** ମାତ୍ର ୬ ଦିନ ତଳେ ଆର୍ଜେଣ୍ଟିନାର ତାରକା ଫୁଟ୍ ବଲ ଲିଓନେଲ ମେସିଙ୍କ ପିତା ଜର୍ଜ ମେସିଙ୍କ ଦେହାନ୍ତ ହୋଇଥିଲା । ପୁଅ ଲିଓନେଲଙ୍କ ପାଇଁ ଜର୍ଜ କେବଳ ପିତା ନୁହନ୍ତି; ତାଙ୍କ ଦିଗ୍ ଦର୍ଶକ ଓ ମ୍ୟାନେଜର ଥିଲେ । ପିତାଙ୍କ ମୃତ୍ୟୁର ମାତ୍ର ୬ ଦିନ ପରେ ଲିଓନେଲ ମେସି ତାଙ୍କ କ୍ଲବ୍ ଆମେରିକାର ଇଣ୍ଟର ମିଆମି ପାଇଁ ମ୍ୟାଚ୍ ଖେଳିଥିଲେ । କିନ୍ତୁ ଏହି ମ୍ୟାଚରେ ପ୍ରତିପକ୍ଷ ଲିଅନ୍ ୩-୨ ଗୋଲ୍ ରେ ଜିତିବା ପରେ ଇଣ୍ଟର ମିଆମିର ନକ୍ ଆଉଟ୍ ଖେଳିବା ଆଶା ମଉଳି ଯାଇଥିଲା । ଅଗଷ୍ଟ ୬ରେ ପିତା ଜର୍ଜଙ୍କ ମୃତ୍ୟୁ ହେବାରୁ ମେସି ତାଙ୍କ ସହର ଆର୍ଜେଣ୍ଟିନାର ରୋଜାରିଓକୁ ଯାଇଥିଲେ । ସେଠାରେ ପିତାଙ୍କ ଶେଷକୃତ୍ୟ ସମ୍ପନ୍ନ ପରେ ମେସି କହିଥିଲେ ଯେ ଫୁଟବଲ ପଡ଼ିଆକୁ କେବେ ଫେରିବେ; ତାହା ସେ କହିପାରିବେ ନାହିଁ । କିନ୍ତୁ ଗୁରୁବାର ସେ ମ୍ୟାଚ୍ ର ଦ୍ୱିତୀୟାର୍ଦ୍ଧରେ ବଦଳ ଖେଳାଳି ଭାବେ ଆସି ସେ ସମସ୍ତଙ୍କୁ ଚକିତ କରି ଦେଇଥିଲେ । ମେସି ପଡ଼ିଆକୁ ପଶିବା ପରେ ଷ୍ଟାଡିୟମ୍ ରେ ଉପସ୍ଥିତ ଉଭୟ ଦଳର ସମର୍ଥକ ଛିଡା ହୋଇ କରତାଳି ଦ୍ୱାରା ତାଙ୍କୁ ସ୍ୱାଗତ କରିଥିଲେ । ମେସି ମଧ ଭାବବିହ୍ୱଳ ହୋଇ ଯାଇଥିଲେ ।

# ବିବାହ ବନ୍ଧନରେ ଜର୍ଜିନା-ରୋନାଲ୍ଡୋ



**ନୂଆଦିଲ୍ଲୀ (ଏଜେନ୍ସି) :** ପର୍ତ୍ତୁଗାଲର ତାରକା ଫୁଟବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲଡୋ ବାନ୍ଧବୀ ମଡେଲର ଜର୍ଜିନା ରଡ୍ରିଗ୍ସଙ୍କୁ ବିବାହ କରିଛନ୍ତି । ମଙ୍ଗଳବାର ପଶ୍ଚିମ ଲିସ୍ବନର କାସାଇସରେ ଗୋପନୀୟ ଭାବେ ଏକ ନିରାଡମ୍ବର ଉତ୍ସବରେ ରଡ୍ରିଗ୍ସଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ରୋନାଲଡୋ । ଏହି ବିବାହ ଉତ୍ସବରେ ରୋନାଲଡୋଙ୍କ ୫ଟି ସନ୍ତାନ ସହ ଅନ୍ୟ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ । ୨୦୧୬ରେ ରୋନାଲଡୋ ପ୍ରଥମ ଥର ପାଇଁ ମାଦ୍ରିଦରେ ଗୁସି ଷ୍ଟୋରରେ ଜର୍ଜିନା ରଡ୍ରିଗ୍ସଙ୍କ ସହ ଭେଟ ହୋଇଥିଲେ । ଏହା ପରଠାରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ବଢିଥିଲା । ଉଭୟେ ଏକାଠି ମଧ ରହୁଥିଲେ । ୨୦୨୫ ଅଗଷ୍ଟ ୧୧ରେ ଉଭୟଙ୍କ ନିର୍ବନ୍ଧ ହୋଇଥିବା ନେଇ ରଡ୍ରିଗ୍ସ ଘୋଷଣା କରିବା ସହ ତାଙ୍କର ନିର୍ବନ୍ଧ ମୁଦି ଇନ୍ ?ଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ । ଏହାର ଗୋଟିଏ ବର୍ଷ ପରେ ଉଭୟେ ବିବାହ ବନ୍ଧନରେ ଆବଦ୍ଧ ହେବେ ବୋଲି ରୋନାଲଡୋ ସାମାଜିକ ଗଣମାଧମରେ ଘୋଷଣା କରିଥିଲେ । ରୋନାଲଡୋଙ୍କ ୫ଟି ସନ୍ତାନ ରହିଛନ୍ତି । ସେମାନେ ହେଲେ ୯ ବର୍ଷ ବୟସ୍କ ଯମଜ ଇଭା ମାରିଆ ଏବଂ ମାଟେଓ, ୮ ବର୍ଷ ବୟସ୍କ ଝିଅ ଆଲାନା, ୪ ବର୍ଷ ବୟସ୍କ ଝିଅ ବେଲା ଏବଂ ୧୬ ବର୍ଷ ବୟସ୍କ ପୁଅ କ୍ରିଷ୍ଟିଆନୋ ଜୁନିୟର । ୫ଥର ବାଲାନ ଡି ଓର୍ ପୁରସ୍କାର ବିଜେତା ୪୧ ବର୍ଷୀୟ ରୋନାଲଡୋ ୨୦୦୩ରୁ ଅନ୍ତର୍ଜାତୀୟସ୍ତରରେ ପର୍ତ୍ତୁଗାଲ ସିନିୟର ଦଳ ପକ୍ଷରୁ ଖେଳି ଆସୁଛନ୍ତି । ସେ ଏବେ ସୁଦ୍ଧା ୨୩୩ଟି ମ୍ୟାଚ ଖେଳି ୧୪୬ଟି ଗୋଲ ଦେଇଛନ୍ତି । ସଂପ୍ରତି ଏବେ ସାଉଦିଆରବୀୟ କ୍ଲବ ଅଲ୍-ନାସରରୁ ଖେଳୁଛନ୍ତି । ପୂର୍ବରୁ ସେ ମାଞ୍ଚେଷ୍ଟର ୟୁନାଇଟେଡ, ରିୟଲ ମାଦ୍ରିଦ, ଜୁଭେଣ୍ଟସ ପାଇଁ ଖେଳିଛନ୍ତି ।

ଆଇସିସି ଟେଷ୍ଟ ମାନ୍ୟତା

# ବୋଲିଂ ଶୀର୍ଷରେ ବୁମ୍ରା ବ୍ୟାଟିଂରେ ୧୦ମ ସ୍ଥାନକୁ ବାବର ଉନ୍ନୀତ



**ଦୁବାଇ (ଏଜେନ୍ସି) :** ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଟେଷ୍ଟ ବୋଲିଂ ମାନ୍ୟତାରେ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ ରା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । ବୁମ୍ରା ୮୭୦ ରେଟିଂ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି । ଏହା ପଛକୁ ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନରୀ ଦ୍ୱିତୀୟ, ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ତୃତୀୟ, ପ୍ୟାଟ୍ କମିନ୍ ସ ଚତୁର୍ଥ ଓ ଦକ୍ଷିଣ ଆଫ୍ରିକାର ମାର୍କୋ ୟାନସେନ ପଞ୍ଚମ, ଅଷ୍ଟ୍ରେଲିଆର ସ୍କଟ ବୋଲାଣ୍ଡ ଷଷ୍ଠ ଓ ଦକ୍ଷିଣ ଆଫ୍ରିକାର କାଗିସୋ ରାବଡା ଅଷ୍ଟମରୁ ସପ୍ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି । ବ୍ୟାଟିଂ ମାନ୍ୟତାରେ ଅଷ୍ଟ୍ରେଲିଆ ଟ୍ରେଭିସ ହେଡ୍ ଶୀର୍ଷରେ ରହିଥିବାବେଳେ ଇଂଲଣ୍ଡର ହ୍ୟାରୀ ବ୍ରୁକ୍ ଦ୍ୱିତୀୟ, ଜୋ ରୁଟ୍ ୩ୟ, ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ୪ର୍ଥ, ଦକ୍ଷିଣ ଆଫ୍ରିକାର ଟେମ୍ବା ବଭୁମା ପଞ୍ଚମ, ଶ୍ରୀଲଙ୍କାର କାମିନ୍ଦୁ ମେଣ୍ଡିସ ଷଷ୍ଠ,ଭାରତର ଶୁବମନ ଗିଲ୍ ସପ୍ତମ, ନ୍ୟୁଜିଲାଣ୍ଡର ରଚିନ ରବୀନ୍ଦ୍ର ଅଷ୍ଟମ, ଭାରତର ଯଶସ୍ୱୀ ଜୟସୱାଲ ୯ମ ଓ ପାକିସ୍ତାନର ବାବର ଆଜାମ ୧୦ତମ ସ୍ଥାନରେ ରହିଛନ୍ତି । ବାବର ଦୁଇ ବର୍ଷ ପରେ ଆଇସିସି ବ୍ୟାଟିଂ ମାନ୍ୟତାର ଶୀର୍ଷ ୧୦କୁ ଫେରିଛନ୍ତି ।

ଗମ୍ଭୀର ପରଖିଲେ ଗାଲେ ପିଚ୍

# ସ୍ପିନ ଲଢ଼େଇ ପାଇଁ ଉଭୟ ଦଳର ରଣନୀତି



**ଗାଲେ (ଏଜେନ୍ସି) :** ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ପ୍ରଥମ ଟେଷ୍ଟ ଗାଲେ ଷ୍ଟାଡ଼ିୟମରେ ଚଳିତ ୧୫ରୁ ୧୯ ପର୍ଯ୍ୟନ୍ତ ଖେଳାଯିବ । ଏଥିପାଇଁ ଭାରତୀୟ ଦଳ ଜୋରଦାର ଅଭ୍ୟାସ କରିଛି । ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ବ୍ୟାଟିଂ ପ୍ରଶିକ୍ଷକ ସୀତାଂଶୁ କୋଟକ ଗାଲେ ପଡ଼ିଆ ଓ ପିଚ୍ ବୁଲି ଦେଖିଥିଲେ । ଗାଲେ ପିଚ୍ ସ୍ପିନରଙ୍କୁ ବିଶେଷ ଭାବେ ସୁହାଇବ । ଏହାକୁ ଦୃଷ୍ଟିରେ ରଖି ଉଭୟ ଦଳ ସ୍ପିନରଙ୍କ ଉପରେ ଗୁରୁତ୍ୱ ଦେଉଛନ୍ତି । ଭାରତ ଉକ୍ତ ମ୍ୟାଚରେ ୩ଜଣ ସ୍ପିନରଙ୍କୁ ଖେଳାଇବା ଲକ୍ଷ୍ୟ ରଖିଛି । ଭାରତୀୟ ଦଳରେ କୁଳଦୀପ ଯାଦବ, ମାନବ ସୁଥାର ଓ ରବୀନ୍ଦ୍ର ଜାଡେଜାଙ୍କୁ ଖେଳାଇବା ନେଇ ଲକ୍ଷ୍ୟ ରଖିଛି । ନିକଟରେ ଅନ୍ୟତମ ସ୍ପିନ ଅଲରାଉଣ୍ଡର ଭାବେ ସାରାଂଶ ଜୈନ ରହିଛନ୍ତି । ଘରୋଇ ଶ୍ରୀଲଙ୍କା ମଧ ଏକାଧିକ ସ୍ପିନରଙ୍କୁ ନେଇ ମ୍ୟାଚ ଖେଳିବ । ଉଭୟ ଦଳ ସ୍ପିନରଙ୍କ ଉପରେ ଗୁରୁତ୍ୱ ଦେଉଥିବାର ଦେଖିବାକୁ ମିଳିଛି । ଏହି ଦୃଷ୍ଟିରୁ ଗାଲେରେ ସ୍ପିନ ଲଢେଇ ନେଇ ଯଥେଷ୍ଟ ସମ୍ଭାବନା ସୃଷ୍ଟି ହୋଇଛି ।

**ନୂଆଦିଲ୍ଲୀ (ଏଜେନ୍ସି) :** ଆଇପିଏଲ-୨୦୨୭ ପାଇଁ ଟ୍ରେଡ୍ ଲିଷ୍ଟ ଆସିବା ପୂର୍ବରୁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି । ହାର୍ଦ୍ଦିକ ବର୍ତ୍ତମାନ ମୁମ୍ବଇ ଇଣ୍ଡିଆନ୍ ସର ଅଧିନାୟକ ରହିଛନ୍ତି । ୨୦୨୪ରେ ହାର୍ଦ୍ଦିକ ମୁମ୍ବଇ ଇଣ୍ଡିଆନ୍ ସରେ ଯୋଗ ଦେଇଥିଲେ ; ଆଉ ତାଙ୍କୁ ଅଧିନାୟକ ଦାୟିତ୍ୱ ମିଳିଥିଲା । କିନ୍ତୁ ତାଙ୍କ ଅଧିନାୟକତ୍ୱରେ ମୁମ୍ବଇ ଇଣ୍ଡିଆନ୍ ସ ଖରାପ ପ୍ରଦର୍ଶନ କରିଥିଲା । ଏଭଳି ପରିସ୍ଥିତି ପାଇଁ କୁହାଯାଉଛି ଯେ ୨୦୨୭ ପାଇଁ ହାର୍ଦ୍ଦିକଙ୍କୁ ମୁମ୍ବଇ ଇଣ୍ଡିଆନ୍ ସ ରଖିବ ନାହିଁ । ହାର୍ଦ୍ଦିକଙ୍କୁ ଟ୍ରେଡ୍ କରିବା ପାଇଁ ଏକାଧିକ ଦଳ ଦୌଡ଼ରେ ସାମିଲ ହୋଇଛନ୍ତି । ଏଥିରେ ଚେନ୍ନଇ ସୁପରକିଙ୍ଗ୍ ସ ସବୁଠୁ ଆଗରେ ରହିଛି । ଏହାଛଡ଼ା ଦିଲ୍ଲୀ କ୍ୟାପିଟାଲ୍ ସ ଏବଂ କଲକାତା ନାଇଟ୍ ରାଇଡର୍ସ ଭଳି ଦଳ ମଧ ହାର୍ଦ୍ଦିକଙ୍କୁ ନେବା ପାଇଁ ଚାହୁଁଛନ୍ତି । ଏସବୁ ଚର୍ଚ୍ଚା ଭିତରେ ଏକ ଆଶ୍ଚର୍ଯ୍ୟଜନକ ରିପୋର୍ଟ ପ୍ରକାଶ ପାଇଛି । ହାର୍ଦ୍ଦିକ ତାଙ୍କ ପୁରୁଣା ଫ୍ରାଞ୍ଚାଇଜ୍ ଗୁଜରାଟ ଟାଇଟାନ୍ ସକୁ ଫେରିବା ନେଇ କଥାବାର୍ତ୍ତା କରିଥିଲେ । ରିପୋର୍ଟ ଅନୁସାରେ ହାର୍ଦ୍ଦିକ ଗୁଜରାଟ ଟାଇଟାନ୍ ସର ମ୍ୟାନେଜମେଣ୍ଟ ସହ କଥା ହୋଇଥିଲେ । ଦଳର ଅଧିନାୟକ ଶୁବମନ ଗିଲ୍ ମଧ ହାର୍ଦ୍ଦିକଙ୍କ ପ୍ରତ୍ୟାବର୍ତ୍ତନରେ ସହମତି ଜଣାଇଥିଲେ । କିନ୍ତୁ ଡିଲ୍ ହୋଇପାରିନାହିଁ । ରିପୋର୍ଟରେ ଏହି ଦାବି କରାଯାଇଛି ଯେ, ଗୁଜରାଟ ଆଗରେ ହାର୍ଦ୍ଦିକ ଅଧିନାୟକ ସର୍ତ୍ତ ରଖିଥିଲେ । କିନ୍ତୁ ଫ୍ରାଞ୍ଚାଇଜ୍ ତାଙ୍କ ସର୍ତ୍ତକୁ ମାନିବାକୁ ମନା କରିଦେଇଛି । ଏହି କାରଣରୁ ଗୁଜରାଟ ଟାଇଟାନ୍ ସ ସହ ହାର୍ଦ୍ଦିକଙ୍କ ଟ୍ରେଡ୍ ହୋଇପାରିନାହିଁ ।



# ପୁରୁଣା ଦଳକୁ ଫେରିବାକୁ ହାର୍ଦ୍ଦିକ ଇଚ୍ଛୁକ ସର୍ତ୍ତରେ ଗୁଜରାଟ ଅରାଜି

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ